

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୨ ନଭେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 12 NOVEMBER 2022
Vol.No. 33 ■ No. 293 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଓଡ଼ିଆ ଭାଷାରେ ଇଂଜିନିୟରିଂ ପାଠ୍ୟ ପୁସ୍ତକ ଉନ୍ମୋଚନ କଲେ ରାଷ୍ଟ୍ରପତି



ଭୁବନେଶ୍ୱର, ୧୧ ନଭେମ୍ବର - ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଶୁକ୍ରବାର ଦିନ ଭୁବନେଶ୍ୱରର ଜୟଦେବ ଭବନ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଓଡ଼ିଆ ଭାଷାରେ ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ (ଏଆଇସିଟିଇ) ଦ୍ୱାରା ପ୍ରକାଶିତ ଇଞ୍ଜିନିୟରିଂ ପୁସ୍ତକ କୁ ରାଷ୍ଟ୍ରପତି ଉନ୍ମୋଚନ କରିଥିଲେ। ଏହାଛଡ଼ା ବୈଜ୍ଞାନିକ ଏବଂ ବୈଷୟିକ ଶବ୍ଦାବଳୀ ଆୟୋଗଙ୍କ ଦ୍ୱାରା ବିକଶିତ ଓଡ଼ିଆ ଭାଷାରେ ବୈଷୟିକ ଶବ୍ଦକୋଷ ଏବଂ ଇ-କୁମ୍ଭ (ବିଭିନ୍ନ ଭାରତୀୟ ଭାଷାରେ ପ୍ରକାଶିତ ଜ୍ଞାନ) ପୋର୍ଟାଲକୁ ମଧ୍ୟ ରାଷ୍ଟ୍ରପତି ଉନ୍ମୋଚନ କରିଥିଲେ। ଏହି ଅବସରରେ ରାଷ୍ଟ୍ରପତି କହିଥିଲେ ଯେ, କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଏସବୁ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ଉନ୍ମୋଚନ କରି ସେ ଆନନ୍ଦିତ। ସମସ୍ତଙ୍କ ପାଖରେ ଶିକ୍ଷା ପହଂଚାଇବା ଦିଗରେ ଭାରତ ସରକାରଙ୍କ ଏହି ପଦକ୍ଷେପ ପ୍ରଶଂସନୀୟ। ଇଂରାଜୀ ଭାଷାରେ ବୈଷୟିକ ଶିକ୍ଷାକୁ ବୁଝିବା କ୍ଷେତ୍ରରେ ଅନେକ ଛାତ୍ରଛାତ୍ରୀ ସମସ୍ୟାର ସମ୍ମୁଖିନ ହୋଇଥାନ୍ତି। ଏହି କାରଣରୁ ଜାତୀୟ ଶିକ୍ଷା ନୀତି -୨୦୨୦ରେ ସରକାର ଆଂଚଳିକ ଭାଷାରେ ବୈଷୟିକ ଶିକ୍ଷା ଯୋଗାଇ ଦେବା ଦିଗରେ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି କହିଥିଲେ ଯେ ମାତୃଭାଷା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୌଦ୍ଧିକ ଜ୍ଞାନ ବିକଶିତ କରିଥାଏ,ଏଥିରେ କୌଣସି ସନ୍ଦେହ ନାହିଁ। ମାତୃଭାଷାରେ ଶିକ୍ଷା ଦାନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳ ବିଚାରଧାରା ଏବଂ ବିଶ୍ଲେଷଣ ଦକ୍ଷତା ବିକଶିତ କରିବ ବୋଲି ସେ ବିଶ୍ୱାସ ପ୍ରକଟ କରିଥିଲେ। ରାଷ୍ଟ୍ରପତି କହିଥିଲେ ଯେ ସହରାଂଚଳ ଏବଂ ଗ୍ରାମାଂଚଳର ଛାତ୍ରଛାତ୍ରୀଙ୍କୁ ଏହାଦ୍ୱାରା ସମାନ ସୁଯୋଗ ମିଳିପାରିବ। ▶▶ପୃଷ୍ଠା ୭

## ବେଙ୍ଗାଲୁରୁରେ କେମ୍ପେଗୌଡା ଅନ୍ତର୍ଜାତୀୟ ବିମାନବନ୍ଦରର ଟର୍ମିନାଲ୍ ୨ ଉଦ୍ଘାଟନ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ ,୧୧ ନଭେମ୍ବର(ହି .ସ)- ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ବେଙ୍ଗାଲୁରୁରେ କେମ୍ପେଗୌଡା ଅନ୍ତର୍ଜାତୀୟ ବିମାନବନ୍ଦରର ଟର୍ମିନାଲ ୨ ର ଉଦଘାଟନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ସହ ମଧ୍ୟ କଥାବାର୍ତ୍ତା କରିଥିଲେ ଯେଉଁଠାରେ ତାଙ୍କୁ ଟର୍ମିନାଲ୍ ବିଲ୍ଡିଂର ମଡେଲ ବିଷୟରେ ସୂଚନା ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ମଧ୍ୟ ଏକ୍ସପେରିଏନ୍ସ ସେଣ୍ଟରରେ ଥିବା ସୁବିଧା ଯାଞ୍ଚ କରିବା ସହିତ କେମ୍ପେଗୌଡ଼ା ଅନ୍ତର୍ଜାତୀୟ ବିମାନବନ୍ଦରର ଟର୍ମିନାଲ୍ ୨ ପରିଦର୍ଶନ କରିଥିଲେ। ପ୍ରଧାନମନ୍ତ୍ରୀ ଟର୍ମିନାଲ୍ ୨ ବିଷୟରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ମଧ୍ୟ ଦେଖିଥିଲେ। ପ୍ରଧାନମନ୍ତ୍ରୀ ଟ୍ୱିଟ୍ କରିଛନ୍ତି; ''କେମ୍ପେଗୌଡ଼ା ଅନ୍ତର୍ଜାତୀୟ ବିମାନବନ୍ଦରର ଟର୍ମିନାଲ୍ ୨, ବେଙ୍ଗାଲୁରୁ କ୍ଷମତା ସହିତ ଅଧିକ ସୁବିଧା ପ୍ରଦାନ କରିବ। ଆମର ସହରୀ କେନ୍ଦ୍ର ଗୁଡିକୁ ଉନ୍ନତ ମାନର ଭିତ୍ତିଭୂମି ଯୋଗାଇବା ଲକ୍ଷ୍ୟରେ ଏହା ଆମର ପ୍ରୟାସର ଏକ ଅଂଶ। ଟର୍ମିନାଲ ଟି ଅତ୍ୟନ୍ତ ସୁନ୍ଦର ଏବଂ ଯାତ୍ରୀ ମାନଙ୍କ ପାଇଁ ଉପଯୋଗୀ। ଏହାର ଉଦଘାଟନ କରି ମୁଁ ବହୁତ ଆନନ୍ଦିତ। "ବେଙ୍ଗାଲୁରୁର କେମ୍ପେଗୌଡା ଅନ୍ତର୍ଜାତୀୟ ବିମାନବନ୍ଦରର ଟର୍ମିନାଲ୍ ୨ ଟି ୫୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। ▶▶ପୃଷ୍ଠା ୭

## ନିର୍ବାଚନ ଆୟୋଗଙ୍କ ଦ୍ୱାରା ଗୁଜୁରାଟ ଏବଂ ହିମାଚଳରେ ରେକର୍ଡ଼ ସଂଖ୍ୟକ ନଗଦ ଟଙ୍କା ଏବଂ ମଦ ଜବତ

ନୂଆଦିଲ୍ଲୀ, ୧୧/୧୧: ଗୁଜୁରାଟ ଏବଂ ହିମାଚଳ ପ୍ରଦେଶରେ ଚାଲିଥିବା ବିଧାନସଭା ନିର୍ବାଚନ ସମୟରେ ଭାରତର ନିର୍ବାଚନ ଆୟୋଗ ଏବଂ ସୁରକ୍ଷା ଏଜେନ୍ସିର ସକ୍ରିୟ ଯୋଗଦାନ ଯୋଗୁଁ ରେକର୍ଡ଼ ସଂଖ୍ୟକ ନଗଦ ଟଙ୍କା ଓ ମଦ ଜବତ କରା ଯାଇଛି ।। ବର୍ତ୍ତମାନ ପର୍ଯ୍ୟନ୍ତ ହିମାଚଳ ପ୍ରଦେଶରେ ନଗଦ, ମଦ, ଡ୍ରଗ୍ସ ମୂଲ୍ୟବାନ ସାମଗ୍ରୀ, ୫୦.୨୮ କୋଟି ଟଙ୍କା ମୂଲ୍ୟର ମାଗଣା ସୁବିଧା ଏବଂ ଗୁଜୁରାଟରେ ୭୧.୮୮ କୋଟି ଟଙ୍କା ଜବତ କରାଯାଇଛି । ୨୦୨୨ ଗୁଜୁରାଟ ବିଧାନସଭା ନିର୍ବାଚନର ତାରିଖ ଘୋଷଣା କରି ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ପ୍ରଲୋଭନ ମୁକ୍ତ ନିର୍ବାଚନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ ଉପରେ ବଳ ଦେଇଥିବା ବେଳେ ଏଥି ପାଇଁ ହିମାଚଳ ପ୍ରଦେଶରେ ଟଙ୍କାର ବରାମଦର ଉଦାହରଣ ଦେଇଛନ୍ତି ।

## ପଦ୍ମପୁର କାର୍ଡ ଖୋଲିଲା ବିଜେପି : ପ୍ରଦୀପ ପୁରୋହିତ ବିଜେପି ପ୍ରାର୍ଥୀ !

### ପଦ୍ମପୁର ଉପନିର୍ବାଚନରେ ପ୍ରସଙ୍ଗ ବନିବେ ଚାଷୀ
### ବିଜେପିର ଚାଷୀଙ୍କୁ ବୋନସ, ବିଜେଡିର ଚାଷୀଙ୍କୁ ଫସଲ ବୀମା



ଭୁବନେଶ୍ୱର, ୧୧/୧୧ (ନି.ପ୍ର): ପଦ୍ମପୁର ଉପନିର୍ବାଚନ ପାଇଁ ବିଜେପି ପକ୍ଷରୁ ଆନୁଷ୍ଠାନିକ ଘୋଷଣା ହୋଇନଥିଲେ ବି ଦଳ କିନ୍ତୁ ପ୍ରଦୀପ ପୁରୋହିତଙ୍କ ନାଁରେ ମୋହର ମାରି ସାରିଛି । ଏପରିକି ୧୪ ତାରିଖରେ ନାମାଙ୍କନ ପାଇଁ ଦଳ ପକ୍ଷରୁ ସମୟ ଧାର୍ଯ୍ୟ ହୋଇସାରିଛି । ବିଧାୟକମାନଙ୍କୁ ଉପସ୍ଥିତ ରହିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଏ ନେଇ ସୂଚନା ଦେଇଛନ୍ତି ବିଜେପି ବିଧାୟକ କୁସୁମ ଟେଟେ । ଚର୍ଚ୍ଚା ଭିତରେ, ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ନେତୃତ୍ୱକୁ ଧନ୍ୟବାଦ ଦେଇଛନ୍ତି ପ୍ରଦୀପ ପୁରୋହିତ । କହିଛନ୍ତି, ଯେଉଁ ଭରସା ନେଇ ତାଙ୍କୁ ପଦ୍ମପୁରରେ ଦଳ ପ୍ରାର୍ଥୀ କରିବାକୁ ନିଷ୍ପତି ନେଇଛି ସେ ସେହି ଆଶା ଭରସାକୁ ପୂରଣ କରିବେ । ଅନ୍ୟପଟେ ବିଜେଡିର କିଏ ହେବ ପଦ୍ମପୁର ପ୍ରାର୍ଥୀ ସେ ନେଇ ଦଳ ଭିତରେ ଅଙ୍କକଷା ଚାଲିଛି । ଚର୍ଚ୍ଚା ହେଉଛି ଦିବଙ୍ଗତ ବିଧାୟକ ବିଜୟ ରଞ୍ଜନ ସିଂଙ୍କ ପରିବାରରୁ ଟିକେଟ ଦେଇ ଅନୁକମ୍ପା ସାଉଁଣ୍ଟିବା ଲକ୍ଷ୍ୟରେ ରହିଛି ଶାସକ ଦଳ । ଆଉ କଂଗ୍ରେସ ମଧ୍ୟ ପୁରୁଣା ଚେହେରା ସତ୍ୟ ଭୂଷଣ ସାହୁଙ୍କୁ ମଇଦାନକୁ ଆଣି ଭୋଟବ୍ୟାଙ୍କ ସୁରକ୍ଷିତ କରିବା ଲକ୍ଷ୍ୟରେ ରହିଛି । ପଦ୍ମପୁର ନିର୍ବାଚନମଣ୍ଡଳୀ ଏକ ଚାଷୀ ବହୁଳ ଅଞ୍ଚଳ । ୮୦ ପ୍ରତିଶତ ଭୋଟର ଚାଷ ଉପରେ ନିର୍ଭର କରନ୍ତି । ତେଣୁ ଚାଷୀଙ୍କ ଭୋଟ ହାତେଇବା ପାଇଁ ବିଜେଡି ବିଜେପି ମଧ୍ୟରେ ଏବେଠାରୁ ଆରମ୍ଭ ହୋଇଯାଇଛି ବଳ କଷାକଷି । କିଏ କେତେ ଚାଷୀ ଭୋଟ ହାତେଇବ ?

▶▶ପୃଷ୍ଠା ୭

## ଦିଲ୍ଲୀ ଫେରିଗଲେ ରାଷ୍ଟ୍ରପତି

ଭୁବନେଶ୍ୱର, ୧୧/୧୧ (ନି.ପ୍ର): - ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ୨ ଦିନିଆ ଓଡିଶା ଗସ୍ତ ଶେଷ କରି ଫେରିଛନ୍ତି। ଶୁକ୍ରବାର ଅପରାହ୍ନରେ ଭୁବନେଶ୍ୱର ବିମାନ ବନ୍ଦରରୁ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ରାଷ୍ଟ୍ରପତି ଦିଲ୍ଲୀ ଫେରିଯାଇଛନ୍ତି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ , ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ , ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର , ପୋଲିସ୍ ଡିଜି ସୁନୀଲ ବଂଶଲ ଓ ପୋଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ପ୍ରମୁଖ ବିମାନବନ୍ଦରରେ ରାଷ୍ଟ୍ରପତିଙ୍କୁ ବିଦାୟ ଜଣାଇଥିଲେ। ଉଲ୍ଲେଖନୀୟ ଯେ ଗତକାଲି ପୂର୍ବାହ୍ନରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଦୁଇ ଦିନିଆ ଓଡିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଂଚିଥିଲେ। ସେଠାରୁ ସିଧାସଳଖ ପୁରୀ ଯାଇ ରାଷ୍ଟ୍ରପତି ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତିଙ୍କ ଦର୍ଶନ କରିଥିଲେ। ରାଷ୍ଟ୍ରପତି ସେଠାରୁ ଭୁବନେଶ୍ୱର ଫେରି ବହୁ ମହାପୁରୁଷ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ରାଜଭବନରେ ଆୟୋଜିତ ନାଗରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଦ୍ୱିତୀୟ ଦିନରେ ରାଷ୍ଟ୍ରପତି ତପୋବନ ହାଇସ୍କୁଲ ଓ ୟୁନିଟ ୨ କ୍ୟାପିଟାଲ ବାଳିକା ହାଇସ୍କୁଲ ପରିଦର୍ଶନ କରିଥିଲେ। ଏହାପରେ ଜୟଦେବ ଭବନରେ ଆୟୋଜିତ ଓଡିଆ ଭାଷାରେ ଇଂଜିନିୟରିଂ ପାଠ୍ୟ ପୁସ୍ତକର ଉନ୍ମୋଚନ କରିଥିଲେ।

## ପ୍ରକାଶ ପାଇଲା ଓଜେଏସ୍ ରେଜଲ୍ଟ : ଆଦ୍ୟାଶା ମିଶ୍ର ଟପ୍ପର

ଭୁବନେଶ୍ୱର, ୧୧/୧୧ (ନି.ପ୍ର): ପ୍ରକାଶ ପାଇଛି ଓଡ଼ିଶା ଜୁଡିସିଆଲ ସର୍ଭିସ (ଓଜେଏସ୍) ରେଜଲ୍ଟ। ଏହି ପରୀକ୍ଷାରେ ପୁଅଙ୍କ ତୁଳନାରେ ଝିଅମାନେ ଆଗରେ ରହିଛନ୍ତି। ଏପରିକି ପ୍ରଥମ ୩ଟି ସ୍ଥାନରେ ଝିଅମାନେ ରହିଛନ୍ତି। ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସ୍ସି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଓପିଏସ୍ସି ପକ୍ଷରୁ କୁହାଯାଇଛି ଯେ, ଓଜେଏସ୍ ପରୀକ୍ଷା-୨୦୨୧ରେ ୫୦ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ୫୦ ଜଣଙ୍କ ମଧ୍ୟରେ ୨୮ ଜଣ ମହିଳା ରହିଛନ୍ତି। ଏଥିରେ ଆଦ୍ୟାଶା ମିଶ୍ର ଟପ୍ପର ହୋଇଛନ୍ତି। ସେହିପରି ଚେତନା ପଟ୍ଟନାୟକ ଦ୍ୱିତୀୟ ସ୍ଥାନ ପାଇଥିଲା ବେଳେ ତୃତୀୟ ସ୍ଥାନରେ ଏ ଗୀତାଞ୍ଜଳି ନାଇଡୁ। ସେହିପରି ଚତୁର୍ଥ ସ୍ଥାନରେ ବିଭୂ ପ୍ରସାଦ ନାୟକ, ପଂଚମ ସ୍ଥାନରେ ସୁମୀତା ରଥ, ଷଷ୍ଠରେ ରାଜଲକ୍ଷ୍ମୀ ମହାନ୍ତି, ସପ୍ତମରେ ରାଜେଶ ମିଶ୍ର, ଅଷ୍ଟମରେ ସୁସ୍ମିତା ମିଶ୍ର, ନବମରେ ସିତେଶ ମହାନ୍ତି, ଦଶମ ସ୍ଥାନରେ ବିନାୟକ ପ୍ରସାଦ ସାହୁ ଅଧିକାରୀ କରିଛନ୍ତି।

## ଦିଲ୍ଲୀ ଏମସିଡି ନିର୍ବାଚନ ପାଇଁ ଆପ୍‌ର ଇସ୍ତାହାର ଜାରି

### ୧୦ ପ୍ରତିଶ୍ରୁତି ଦେଇ ବିଜେପିକୁ ଘେରିବାକୁ ପ୍ରସ୍ତୁତ ଦଳ



କନକ ବ୍ୟୁରୋ : ଦିଲ୍ଲୀ ମହାନଗର ନିଗମ ନିଗମ ନିର୍ବାଚନ ପାଇଁ ଶୁକ୍ରବାର ନିର୍ବାଚନୀ ଇସ୍ତାହାର ପ୍ରକାଶ ପରିଛି ଆପ୍ । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ୧୦ ଟି ପ୍ରତିଶ୍ରୁତି ଦେଇଛନ୍ତି । ଯିଏ ଦିଲ୍ଲୀର ବିକାଶ କରୁଛି ତାକୁ ଭୋଟ ଦେବାକୁ ନିବେଦନ କରିବା ସହ ଯିଏ ବିକାଶରେ ବାଧା ସୃଷ୍ଟି କରୁଛି ତାକୁ ଭୋଟ ନଦେବାକୁ କହିଛନ୍ତି । ମହାନଗର ନିଗମରେ ସରକାରରେ ଥିବା ବିଜେପି ଏଥର ୨୦ ଟି ଆସନରେ ଜିତିପାରିବନି ବୋଲି କେଜ୍ରିୱାଲ କହିଛନ୍ତି । ଦିଲ୍ଲୀକୁ ଅଧିକ ସୁନ୍ଦର କରିବା ପାଇଁ ଅଳିଆ, ଆବର୍ଜନା ମୁକ୍ତ କରିବା ସହ ଆବର୍ଜନାକୁ ନଷ୍ଟ କରିବାର ବ୍ୟବସ୍ଥା କରିବା । ମହାନଗର ନିଗମରେ ଥିବା ସବୁ ସ୍କୁଲ, ହସ୍ପିଟାଲର ବିକାଶ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି କେଜ୍ରିୱାଲ । ମହାନଗର ନିଗମରୁ ସମ୍ପୂର୍ଣ୍ଣ ଦୁର୍ନୀତି ମୁକ୍ତ କରିବା ସହ ଅଫିସର ରାଜ ଶେଷ କରିବା । ପାର୍କିଂ ଅସୁବିଧାର ସମାଧାନ କରିବା ସହ ଦିଲ୍ଲୀ ସହରକୁ ବୁଲା କୁକୁର, ଗାଈ, ମାଙ୍କଡ ମୁକ୍ତ କରିବା । ଦୋକନୀଙ୍କ ପାଇଁ ସଠିକ୍ ଭେଣ୍ଡିଂ ଜୋନ କରିବାକୁ କହିଛନ୍ତି କେଜ୍ରିୱାଲ । ଆଉ ଆପ୍ର ଏହି ପ୍ରତିଶ୍ରୁତିକୁ ମିଛ କହି କଡା ସମାଲୋଚନା କରିଛନ୍ତି ବିଜେପି ମୁଖପାତ୍ର । ଡିସେମ୍ବର ୪ ତାରିଖରେ ଏହି ନିର୍ବାଚନ ହେବାକୁ ଥିବା ବେଳେ ଡିସେମ୍ବର ୭ ତାରିଖରେ ଫଳାଫଳ ପ୍ରକାଶ ପାଇବ । ଦୀର୍ଘ ୧୫ ବର୍ଷ ଧରି ବିଜେପି ଏହି ନିର୍ବାଚନ ଜିତିଆସୁଥିବା ବେଳେ ୨୦୧୭ ନିର୍ବାଚନରେ ମୋଟ ୨୫୦ ଆସନରୁ ୧୮୧ଟି ଆସନରେ ବିଜୟୀ ହୋଇଥିବା ବିଜେପି । ପ୍ରଥମ ଥର ପାଇଁ ୨୦୧୭ରେ ନିର୍ବାଚନ ଲଢିଥିବା ଆପ୍ ମାତ୍ର ୩୧ଟି ବିଜୟୀ ହୋଇଥିଲା । ଏଥର ବିଜେପି ଏବଂ ଆପ୍ ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳିବ ବୋଲି ଆଶାକରାଯାଉଛି ।

### କେଜ୍ରିୱାଲଙ୍କ ୧୦ ପ୍ରତିଶ୍ରୁତି

- ଦିଲ୍ଲୀକୁ ଅଳିଆ, ଆବର୍ଜନା ମୁକ୍ତ କରିବା
- ଆବର୍ଜନାକୁ ନଷ୍ଟ କରିବା
- ଦିଲ୍ଲୀର ରାସ୍ତା, ଗଳିକୁ ପରିଷ୍କାର କରିବା
- ଦିଲ୍ଲୀ ସହରକୁ ବୁଲା କୁକୁର, ଗାଈ, ମାଙ୍କଡ ମୁକ୍ତ କରିବା
- ଦିଲ୍ଲୀ ମହାନଗର ନିଗମରେ ଥିବା ସବୁ ସ୍କୁଲ, ହସ୍ପିଟାଲର ବିକାଶ
- ମହାନଗର ନିଗମରୁ ସମ୍ପୂର୍ଣ୍ଣ ଦୂର୍ନୀତି ମୁକ୍ତ କରିବା
- ଏମସିଡିରେ ଅଫିସର ରାଜ ଶେଷ କରିବା
- ପାର୍କିଂ ଅସୁବିଧାର ସମାଧାନ କରିବା
- ଦିଲ୍ଲୀରେ ଅଧିକ ପାର୍କ ନିର୍ମାଣ କରିବା
- ଦୋକନୀଙ୍କ ପାଇଁ ସଠିକ୍ ଭେଣ୍ଡିଂ ଜୋନ କରିବା

## ୧୦ ଦିନିଆ ରିମାଣ୍ଡରେ ଅର୍ଚ୍ଚନା ନାଗର ସହଯୋଗୀ ଖଗେଶ୍ୱର



ଭୁବନେଶ୍ୱର, ୧୧/୧୧ (ନି.ପ୍ର): ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗ ଲିଙ୍କ୍ ମାମଲାରେ ସହଯୋଗୀ ଖଗେଶ୍ୱର ପାତ୍ରକୁ ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)୧୦ ଦିନିଆ ରିମାଣ୍ଡରେ ନେଇଛି। ଭୁବନେଶ୍ୱର ଜିଲ୍ଲା ଜଜ୍ ୧୦ ଦିନିଆ ରିମାଣ୍ଡ ପାଇଁ ଅନୁମତି ଦେଇଛନ୍ତି। ଖଗେଶ୍ୱରକୁ ୧୫ ଦିନିଆ ରିମାଣ୍ଡରେ ନେବା ପାଇଁ ଇଡି ଆବେଦନ କରିଥିଲା। ଖଣ୍ଡଗିରି ଥାନାରେ ରୁଜୁ ହୋଇଥିବା ମାମଲାରେ ଇଡି ଗତକାଲି (ଗୁରୁବାର) ଖଗେଶ୍ୱରକୁ ଉଠାଇ ନେଇଥିଲା। କାଲିଠାରୁ ଖଗେଶ୍ୱରକୁ ପଚରାଉଚରା କରିବା ପରେ ଇଡି ଆଜି ପୂର୍ବାହ୍ନରେ ଗିରଫ କରିଥିଲା। ଏହା ପରେ ଖଗେଶ୍ୱରକୁ କୋର୍ଟ ଚାଲାଣ କରାଯାଇଥିଲା। ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗ ଲିଙ୍କ୍ ମାମଲାରେ ଇଡି (ପ୍ରବର୍ତନ ନିର୍ଦ୍ଦେଶାଳୟ) ସହଯୋଗୀ ଖଗେଶ୍ୱର ପାତ୍ରଙ୍କୁ ଆଜି ଗିରଫ କରିଛି। ଅର୍ଚ୍ଚନାଙ୍କ ସହ ଖଗେଶ୍ୱରଙ୍କ ଏକାଧିକ ବ୍ୟାଙ୍କ ଟ୍ରାଞ୍ଜାକସନ ଲିଙ୍କ୍ ଥିବା ଜାଣିବା ପରେ ଇଡି ତାଙ୍କୁ ଗିରଫ କରିଛି। ▶▶ପୃଷ୍ଠା ୭

## ୪୮୪୮ଟି ସରକାରୀ ହାଇସ୍କୁଲର ସବୁ ପଦବୀ ପୂରଣ ହେବ

ଭୁବନେଶ୍ୱର, ୧୧ ନଭେମ୍ବର - ରାଜ୍ୟର ବିଭିନ୍ନ ସରକାରୀ ହାଇସ୍କୁଲ ମାନଙ୍କରେ ବିଭିନ୍ନ ବିଷୟରେ ଖାଲି ଥିବା ଶିକ୍ଷକ ପଦବୀ ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଖୁବଶୀଘ୍ର ୭୫୪୦ ହାଇସ୍କୁଲ ନିଯୁକ୍ତ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଓଡିଶା ଷ୍ଟାଫ ସିଲେକ୍ସନ କମିଶନଙ୍କୁ ଅନୁରୋଧ କରାଯାଇଛି। ଏହି ପଦବୀ ଗୁଡିକ ପୂରଣ ହେବା ପରେ ରାଜ୍ୟର ସମସ୍ତ ୪୮୪୮ଟି ସରକାରୀ ହାଇସ୍କୁଲର ସବୁ ଶିକ୍ଷକ ପଦବୀ ପୂରଣ ହୋଇପାରିବ। ଟିଜିଟି (କଳା), ଟିଜିଟି (ପିସିଏମ ଓ ସିବିଜେଡ୍), ସଂସ୍କୃତ, ହିନ୍ଦି, ଉର୍ଦ୍ଦୁ, ତେଲୁଗୁ ଓ ଶାରୀରିକ ଶିକ୍ଷକ ପଦବୀ ପୂରଣ ନିମନ୍ତେ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ। ପ୍ରକାଶ ଥାଉ କି, ୨୦୨୧-୨୨ ବର୍ଷରେ କରାଯାଇଥିବା ଦୁଇଟି ଚୟନ ପ୍ରକ୍ରିୟାରେ ୧୩ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ ପଦବୀ ପୂରଣ କରାଯାଇ ବିଭିନ୍ନ ସରକାରୀ ବିଦ୍ୟାଳୟ ମାନଙ୍କରେ ନିଯୁକ୍ତ କରାଯାଇଥିଲା।

## ରାଜୀବ ଗାନ୍ଧୀଙ୍କ ହତ୍ୟାକାରୀଙ୍କୁ ମୁକ୍ତି ନେଇ ସୁପ୍ରିମକୋର୍ଟଙ୍କ ଆଦେଶ

## କଂଗ୍ରେସ କହିଲା, ଏହା ସ୍ୱୀକାର୍ଯ୍ୟ ନୁହେଁ



ନୂଆଦିଲ୍ଲୀ, ୧୧/୧୧ : କଂଗ୍ରେସର ପୂର୍ବତନ ପ୍ରଧାନ୍ତୀ ରାଜୀବ ଗାନ୍ଧୀଙ୍କ ହତ୍ୟାକାରୀଙ୍କୁ ମୁକ୍ତ କରିବା ପ୍ରସଙ୍ଗରେ ଅସହମତ ହୋଇଛି ଦଳ । ଦଳ ତରଫରୁ କୁହାଯାଇଛି କି, ସୁପ୍ରିମକୋର୍ଟର ଏଭଳି ନିଷ୍ପତ୍ତି ସମ୍ପୂର୍ଣ୍ଣ ଭୁଲ ଓ ଏହାକୁ ଗ୍ରହଣ କରାଯାଇପାରିବ ନାହିଁ । କଂଗ୍ରେସ ସାଂସଦ ଜୟରାମ ରମେଶ କହିଛନ୍ତି କି, ଏହା ଦୁର୍ଭାଗ୍ୟପୂର୍ଣ୍ଣ , ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଲୋକଙ୍କ ଭାବନା ବିରୋଧରେ କାର୍ଯ୍ୟ କରିଛି । ଶୁକ୍ରବାର ଦିନ ସୁପ୍ରିମକୋର୍ଟ ତରଫରୁ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ହତ୍ୟାକାରୀଙ୍କୁ ଜେଲରୁ ମୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏନେଇ ୬ ଜଣ ଯାକ ଦୋଷୀ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ । କୋର୍ଟଙ୍କର ଏଭଳି ଆଦେଶକୁ ଦଳ ଗ୍ରହଣ କରିପାରି ନାହିଁ । ଦଳ ଭିତରେ ଏନେଇ ଆଲୋଚନା ଚାଲିଛି ବୋଲି ଜୟରାମ ରମେଶ କହିଛନ୍ତି । ସୂଚନା ଥାଉକି ୧୯୯୧ ମସିହା ମେ'ମାସ ୨୧ ତାରିଖରେ ରାଜୀବ ଗାନ୍ଧୀଙ୍କୁ ତାମିଲନାଡୁର ଶ୍ରୀପେରୁବଦୁର ଠାରେ ହତ୍ୟା କରାଯାଇଥିଲା । ସେ ସଭାରେ ଭାଷଣ ଦେଉଥିବା ବେଳେ ଏଲଟିଟି ତରଫରୁ ଷଡଯନ୍ତ୍ର କରାଯାଇ ମାନବ ବୋମା ବିସ୍ଫୋରଣ କରାଯାଇଥିଲା । ଏଥିରେ ରାଜୀବ ଗାନ୍ଧୀଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇଯାଇଥିଲା ।

## ଭବାନୀପାଟଣାଠାରେ ମାଣ୍ଡିଆ ଦିବସ ଉପଲକ୍ଷେ କ୍ଷୁଦ୍ର ଶସ୍ୟ ଖାଦ୍ୟ ମେଳା ଅନୁଷ୍ଠିତ

ଭବାନୀପାଟଣା ,୧୧/୧୧ (ନି.ପ୍ର): ଚାଷ ଜମି ଓ ଖାଦ୍ୟ ଥାଳିରେ ପୁଷ୍ଟି ଶସ୍ୟର ପୁନଃ ପ୍ରଚଳନ ନିମନ୍ତେ ଓଡିଶା ସରକାରଙ୍କ ଦ୍ୱାରା କୃଷି ଓ କୃଷକ କଲ୍ୟାଣ ବିଭାଗ ତରଫରୁ ୧୦ ନଭେମ୍ବର, ଠାରୁ ମାଣ୍ଡିଆ ଦିବସ ଭାବରେ ପାଳନ କରାଯାଉଛି । ଏବି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲାରେ ମଧ୍ୟ ବ୍ଲକ ସ୍ତରୀୟ ଏବଂ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ମାନ ଆୟୋଜିତ ହୋଇଥିଲା। କଳାହାଣ୍ଡି ବିଶ୍ୱ ବିଦ୍ୟାଳୟରେ ମଧ ଏକ କ୍ଷୁଦ୍ରଶସ୍ୟ ଖାଦ୍ୟ ମେଳା ର ଆୟୋଜନ କରାଯାଇଥିଲା। କଳାହାଣ୍ଡି ବିଶ୍ୱବିଦ୍ୟାଳୟ ସମ୍ମିଳନୀ ଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶ୍ୱ ବିଦ୍ୟାଳୟ ର କୁଳପତି, ଡ଼ଃ ସଂଜୟ ଶତପଥି, ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ୍ତ କୁମାର ସାହୁ, ବରିଷ୍ଠ ବୈଜ୍ଞାନିକ କୃଷି ବିଜ୍ଞାନ କେନ୍ଦ୍ର ଡ଼ଃ ଅମିତାଭ ପଣ୍ଡା, ଜିଲ୍ଲା ସୂଚନା ଅଧିକାରୀ ମନୋଜ ବେହେରା, ମୃତ୍ୟୁଞ୍ଜୟ ନାୟକ ବ୍ଲକ କାର୍ଯ୍ୟାଳୟ, ଭବାନୀପାଟଣା, ଜିଲ୍ଲା ପ୍ରକଳ୍ପ ସଂଯୋଜକ ଓଡିଶା ମିଲ୍ଲେଟ୍ସ ମିଶନ ଜିତୁ ନାୟକ, ଉପ କୃଷି ଅଧିକାରୀ ଭବାନୀପାଟଣା, ବ୍ଲକ ସ୍ତରୀୟ ମିଲ୍ଲେଟ୍ସ ମିଶନ ସଂଚାଳକ ସଂସ୍ଥା ଦାପ୍ତା , ଅଧାପକ ଅଧାପିକା ଏବଂ ଛାତ୍ର ଛାତ୍ରୀବୃନ୍ଦ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କ୍ଷୁଦ୍ରଶସ୍ୟ ଜାତୀୟ ଖାଦ୍ୟ ଏବଂ ତାହାର ମହତ୍ୱ, ମାଣ୍ଡିଆ ଦିବସ ପାଳନ ର ମୂଳ ଲକ୍ଷ୍ୟ, ଓଡିଶା ମିଲ୍ଲେଟ୍ସ ମିଶନର ଉଦ୍ଦେଶ୍ୟ ବିଷୟରେ ଅବଗତ କରା ଯାଇଥିଲା।

## ଦୁରାରୋଗ୍ୟରେ ଆକ୍ରାନ୍ତ ସବିତାଙ୍କୁ ଭରସା ବୁଢ଼ୀମାଆ : ଝିଅର ଭବିଷ୍ୟତକୁ ନେଇ ସନ୍ଦିହାନରେ

ଭଞ୍ଜନଗର, ୧୧/୧୧ (ନି.ପ୍ର): ପିଲାଦିନରୁ ସବିତା ସ୍ୱାଭାବିକ ଥିଲେ। ସାଙ୍ଗମାନଙ୍କ ଗହଣରେ ହସଖୁସିରେ ତାଙ୍କ ଦିନ କଟୁଥିଲା। କିନ୍ତୁ ଯୁବାବସ୍ଥାରେ ହଠାତ୍ ଅଜଣା ରୋଗ ସବିତାଙ୍କ ଜୀବନର ମୋଡ଼୍‌କୁ ବଦଳାଇଦେଲା। ଏହାମଧ୍ୟରେ ଦେଖୁ ଦେଖୁ ୧୮ ବର୍ଷ ବିତିସାରିଥିଲେ ହେଁ, ଆଜିଯାଏ ସବିତାଙ୍କ ଦୁରାରୋଗ୍ୟର ଚିକିତ୍ସା ହୋଇପାରୁନି। ୨୦ ବର୍ଷ ତଳେ ବାପାଙ୍କ ମୃତ୍ୟୁ ହୋଇସାରିଥିବା ବେଳେ ଅବିବାହିତ ସବିତାଙ୍କ ପାଇଁ ତାଙ୍କ ବୃଦ୍ଧାମାଆ ହିଁ ଏକମାତ୍ର ସାହାଭରସା ପାଲଟିଛନ୍ତି। ଆଉ ଝିଅର ଆଗାମୀ ଭବିଷ୍ୟତକୁ ନେଇ ସନ୍ଦିହାନରେ ରହିଛନ୍ତି। ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକ୍ ବାରୁଡ଼ା ପଞ୍ଚାୟତ ବାଲିଆପଟା ଗ୍ରାମର ବାସିନ୍ଦା ସବିତା ବିଷୋୟୀ (୪୧)। ବାପା କୈବଲ୍ୟ ବିଷୋୟୀ ଚାଷବାସ କାମ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ହଠାତ୍ ଅସୁସ୍ଥତା କାରଣରୁ ୨୦ ବର୍ଷ ତଳେ ମୃତ୍ୟୁବରଣ କରିଛନ୍ତି। ୨୩ ବର୍ଷ ବୟସ ପର୍ଯ୍ୟନ୍ତ ସବିତା ସ୍ୱାଭାବିକ ଥିଲେ। ହେଲେ ହଠାତ୍ ତାଙ୍କୁ ଜ୍ୱର ହୋଇଥିଲା। ପରେ ଶରୀରର ମାଂସପେଶୀ ପତଳା ହେବା ସହ ଚମଡ଼ା ମଧ୍ୟ ଶୁଖି କଳାକାଠ ପଡ଼ିଯାଇଥିଲା। ଖଞ୍ଜାରେ ସେ ପ୍ରବଳ ଯନ୍ତ୍ରଣା ଅନୁଭବ କରିବା ସହ ଦୁର୍ବଳ ହୋଇଯାଇଥିଲେ। ମାଆ ଉର୍ବଶୀ ଝିଅର ପ୍ରାଥମିକ ଚିକିତ୍ସା କରାଇଥିଲେ। ହେଲେ ଅର୍ଥାଭାବରୁ ସବିତାଙ୍କ ଉନ୍ନତମାନର ଚିକିତ୍ସା ଆଉ ସମ୍ଭବପର ହୋଇପାରିଲାନି। ଫଳରେ ସବିତା ପ୍ରତିଦିନ ଜୀବନ ଯୁଦ୍ଧରେ ସଂଘର୍ଷ ଜାରି ରଖିଥିବା ବେଳେ ମାଆ ଉର୍ବଶୀଙ୍କ ଭରସାରେ ବଞ୍ଚିଛନ୍ତି। ଉର୍ବଶୀ ମୂଲ ଲାଗିବା ସହ ଅନ୍ୟ ଗ୍ରାମବାସୀଙ୍କ ଜମିରେ ଚାଷ କାମ କରି ଯାହା ଆଣୁଛନ୍ତି, ସେଥିରେ ଉଭୟ କଷ୍ଟରେ ପ୍ରତିପୋଷଣ କରୁଛନ୍ତି। ଏଭଳି ପରିସ୍ଥିତିରେ ଉର୍ବଶୀଙ୍କ ବୟସ ୭୦ ଟପିଥିବାରୁ



ସେ ମଧ କାମ କରିବାକୁ ସକ୍ଷମ ହୋଇପାରୁନାହାନ୍ତି। ଫଳରେ ଆଗକୁ ଝିଅର ଭବିଷ୍ୟତ କଣ ହେବ, ଏହି ଚିନ୍ତାରେ ସେ ଭାଙ୍ଗିପଡ଼ିଛନ୍ତି। ସରକାରୀ ସହାୟତା ଭାବେ ଉର୍ବଶୀଙ୍କୁ ୫୦୦ ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ମିଳୁଛି। ୫ ବର୍ଷ ତଳେ ଆବାସ ଯୋଜନାରେ ପକ୍କା ଘରଟିଏ ମିଳିଛି। କିନ୍ତୁ ସବିତାଙ୍କୁ କୌଣସି ସରକାରୀ ସହାୟତା ମିଳୁନି। ସରକାର ଓ ପ୍ରଶାସନ ପକ୍ଷରୁ ସହାୟତା ମିଳିପାରିଲେ ସବିତାଙ୍କ ଭବିଷ୍ୟତ ସୁରକ୍ଷିତ ହୋଇପାରନ୍ତା ବୋଲି ମାଆ ଉର୍ବଶୀ କହିଛନ୍ତି।

## ଡକାୟତି ଉଦ୍ୟମ ପଣ୍ଡ : ମହିଳାଙ୍କୁ ଆକ୍ରମଣ

ଘସିପୁରା ,୧୧/୧୧ (ନି.ପ୍ର): କେନ୍ଦୁଝର ଜିଲାର ଆନନ୍ଦପୁର ଉପଖଣ୍ଡରେ ଦିନ କୁ ଦିନ ଚୋରୀ ଡକାୟତି ବୃଦ୍ଧି ପାଉଥିବା ବେଳେ ବୁଧବାର ରାତିରେ ଏକ ଡକାୟତି ଉଦ୍ୟମପଣ୍ଡ ହେବା ସହ ମହିଳା ଙ୍କୁ ଆକ୍ରମଣ ହୋଇଥିବା ଜଣାପଡ଼ିଛି। ସୁଚନା ରୁ ଜଣାଯାଏ ବୁଧବାର ରାତିରେ ଘଷିପୁରା ଥାନା ଅଂଚଳର ଆନନ୍ଦପୁର ପୌର ପରିଷଦ ଅନ୍ତର୍ଗତ ପନ୍ଦର ନମ୍ବର ୱାର୍ଡ ଗେଟ ସାହିର ବିଜୟ କୁମାର ସାହୁ ରାତିରେ ଘରେ ନଥିବା ସମୟରେ ତାଙ୍କ ପତ୍ନୀ ଘରର ପଛ ପଟ କୁ ଯାଇଥିବା ସୁଯୋଗ କିଛି ଦୁର୍ବୃତ୍ତ ମୁହଁ ରେ କପଡାପିନ୍ଧି ତାଙ୍କର ଅଳଙ୍କାର ଲୁଟିବାକୁ ଚେଷ୍ଟା କରିଥିଲେ ହେଲେ ଏଥିରେ ସେମାନେ ଅସଫଳ ହେବାସହିତ ମହିଳା ଙ୍କୁ ଭୟବିତ କରିବା ପାଇଁ ଏକ ଧାରୁଆ ଅସ୍ତ୍ର ରେ ତାଙ୍କ୍‌ଏ ହାତକୁ ଆକ୍ରମଣ କରିଥିଲେ ଏଥିରେ ମହିଳା ଜଣକ ଆହତ ହୋଇ ଅନନ୍ଦପୁର ଡାକ୍ତର ଖାନାରେ ଚିକିସ୍ଛା ହୋଇଥିବା ବେଳେ ଓ ଦୁର୍ବୃତ୍ତ ମାନେ ସେଠାରୁ ଫେରାର ହୋଇଥିଲେ ଏସଂପର୍କରେ ବିଜୟ କୁମାର ସାହୁ ଘସିପୁରା ପୁଲିସ କୁ ଖବର ଦେବା ପରେ ଘସିପୁରା ପୁଲିସ ଅନୁସନ୍ଧାନ କରୁଥିବା ଜଣାପଡ଼ିଛି ।

## ସ୍ୱାଭିମାନ ଅଞ୍ଚଳର ବିକଳ ଚିତ୍ର : ଗୋଟିଏ ବାରଣ୍ଡାରେ ଶିକ୍ଷାଦାନ ଓ ସ୍ୱାସ୍ଥ୍ୟସେବା

ମାଲକାନଗିରି ,୧୧/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଞ୍ଚଳରେ ଏକ ବିକଳ ଚିତ୍ର ଦେଖିବାକୁ ମିଳିଛି। ଯେଉଁଠି ବସି ପିଲାମାନେ ପାଠ ପଢୁଛନ୍ତି, ଠିକ୍ ସେହି ସ୍ଥାନରେ ରୋଗୀମାନଙ୍କୁ ସ୍ୱାସ୍ଥ୍ୟସେବା ବି ଯୋଗାଇ ଦିଆଯାଉଛି। ପ୍ରଶାସନ ଓ ଶିକ୍ଷା ବିଭାଗ ଏସମ୍ପର୍କରେ ଅବଗତ ଥିଲେ ମଧ ଏଥିପ୍ରତି ଦୃଷ୍ଟି ଦେଉନଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ୧୯୮୦ ମସିହାରେ ବିଛିନ୍ନାଞ୍ଚଳ ଅନ୍ତର୍ଗତ ଧୂଳିପୁଟ ପଞ୍ଚାୟତର କଟାଦୂରବନ୍ଧ ଗାଁରେ ପ୍ରାଥମିକ ବିଦ୍ୟାଳୟ ଆରମ୍ଭ କରିଥିଲେ ରାଜ୍ୟ ସରକାର। ତେବେ, ସରକାରଙ୍କ ଉପରେ ନିର୍ଭର ନକରି ଉତ୍ସାହିତ ଗ୍ରାମବାସୀ ଏଥିପାଇଁ ଝାଟିମାଟି ଘର ନିର୍ମାଣ କରିଥିଲେ। ଗାଁକୁ ଶିକ୍ଷକ ଆସି ସେହି ଝାଟିମାଟି ଘରେ ପିଲାମାନଙ୍କୁ ପାଠ ବି ପଢ଼ାଇଥିଲେ। ପରବର୍ତ୍ତୀ ସମୟରେ ନକ୍ସଲଙ୍କ ଦ୍ୱାହିଦେଇ ସରକାର ବିଦ୍ୟାଳୟର କୋଠା ନିର୍ମାଣ କରିନଥିଲେ। ଇତିମଧ୍ୟରେ ୪୨ ବର୍ଷ ବିତିଯାଇଥିଲେ ବି ବିଦ୍ୟାଳୟ ପାଇଁ କୋଠାନିର୍ମାଣ ହୋଇନଥିବା ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷରେ, କିଛିବର୍ଷ ମଧ୍ୟରେ କିଛି ବର୍ଷ ମଧ୍ୟରେ ଝାଟିମାଟି ଘର ଭାଙ୍ଗିଯିବାରୁ ଶିକ୍ଷାଦାନ ପ୍ରଭାବିତ ହେଲା। ଏହିଭଳି ଏକ ପରିସ୍ଥିତିରେ ଗ୍ରାମର ଜଣେ ମୁଖିଆ ଶ୍ରେଣୀର ବ୍ୟକ୍ତି ବାବୁ ରାଓ ନିଜ ଘର ବାରଣ୍ଡାକୁ ପିଲାଙ୍କ ପାଠପଢ଼ା ପାଇଁ ଛାଡ଼ି ଦେଇଛନ୍ତି। ସେହି ବାରଣ୍ଡାରେ ଏବେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୭ଜଣ ପିଲାଙ୍କୁ ପାଠ ପଢ଼ାଉଛନ୍ତି ଶିକ୍ଷକ।

## ୪ ଚୋରା ବାଇକ୍ ଉଦ୍ଧାର : ୨ ଗିରଫ

ଗଞ୍ଜାମ ,୧୧/୧୧ (ନି.ପ୍ର): ଗଞ୍ଜାମ ଜିଲ୍ଲ ଖଲ୍ଲିକୋଟ ଅଂଚଳରୁ ବିଭିନ୍ନ ସମୟରେ ଚୋରି ହୋଇଥିବା ୪ଟି ବାଇକ୍ କୁ ପୋଲିସ ଉଦ୍ଧାର କରିଛି । ଘଟଣାରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ । ଖଲ୍ଲିକୋଟ ଅଂଚଳରୁ ବିଭିନ୍ନ ସମୟରେ ବାଇକ୍ ଚୋରି ହୋଇଥିଲା । ଏ ସଂକ୍ରାନ୍ତରେ ଗତ ଅଗଷ୍ଟ ୪ ତାରିଖରେ ଖଲ୍ଲିକୋଟ ଥାନା କେସ୍ ନଂ ୪୨୪/୨୨ ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା ପୋଲିସ । ମାମଲାରେ ଆଜି ଦୁଇ ଜଣଙ୍କୁ ଗିରଫ କରିଛି ପୋଲିସ। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ନୂଆଫାସୁଲା ଗ୍ରାମର ଜି. ଜଗା ରାଉଳ (୩୦), କୋଦଳା ରେଞ୍ଜ୍ ଅଫିସ୍ ବଙ୍ଗଳାର ଜେ. ଶଙ୍କର (୨୦) । ସେମାନଙ୍କ ନିକଟରୁ ବାଇକ୍ ନଂ ଓଡ଼ି୦୭ଏବି-୫୦୨୫, ଓଆର୦୨ଏଡବ୍ଲୁ-୯୯୩୫, ଓଆର୦୭ଜି-୩୫୨୩ ଏବଂ ଓଡି୦ଡବ୍ଲୁ-୯୧୩୭ ଉଦ୍ଧାର ହୋଇଛି ।

## ବସଷ୍ଟାଣ୍ଡରେ ହଜିଲା ଯୁବକଙ୍କର ହ୍ୟାଣ୍ଡବେଗ୍ ଓ ଅତ୍ୟାବଶ୍ୟକୀୟ ଡକ୍ୟୁମେଣ୍ଟ : ଫୁଲବାଣୀ ଥାନାରେ ଏତଲା

କନ୍ଧମାଳ ,୧୧/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ସାଇତିଙ୍ଗିଆର ଅଜୟ କୁମାର କହଁର(୨୭) ନାମକ ଜଣେ ଯୁବକ ଗତ ମଙ୍ଗଳବାର ଦିନ ସକାଳ ପ୍ରାୟ ୧୦ଟା ବେଳେ ନିଜ କାର୍ଯ୍ୟରେ ଯୋଗ ଦେବା ପାଇଁ ନୂଆଁ ଦିଲ୍ଲି ଯିବାକୁ, ଫୁଲବାଣୀ ବସ ଷ୍ଟାଣ୍ଡରେ ବସକୁ ଅପେକ୍ଷା କରିଥିବା ବେଳେ, ତାଙ୍କର ନିକଟରେ ଥିବା ଏକ କଳା ରଙ୍ଗର ହ୍ୟାଣ୍ଡ ବ୍ୟାଗ୍‌ଟିକୁ କେହି ଜଣେ ଦୁର୍ବୃତ୍ତ ଚୋରୀ କରି ନେଇଛି । ସେଥିରେ ତାଙ୍କର ଅତ୍ୟନ୍ତ ଜରୁରୀ ଡକ୍ୟୁମେଣ୍ଟ,ଯାହାକି ତାଙ୍କ ଚାକିରି ପାଇଁ ନିତାନ୍ତ ଆବଶ୍ୟକ ଓ ଏଥିରେ ତାଙ୍କର ଡ୍ରାଇଭିଙ୍ଗ ଲାଇସେନ୍ସ (ପିବି୧୫୨୦୧୯୦୦୦୧୬୬୧), ପାନକାର୍ଡ (ଡିଜେଏମପିକେ ୬୩୫୩ କ୍ୟୁ) ଆଦି ରହିଛି । ସେ ସେଠାରେ ସବୁ ଖୋଜାଖୋଜି କରିବା ପରେ ବାଧ୍ୟ ହୋଇ ଫୁଲବାଣୀ ଟାଉନ ଥାନାରେ ଏହି ସଂକ୍ରାନ୍ତରେ ଏକ ଅଭିଯୋଗ ମଧ୍ୟ କରିଛନ୍ତି। ଫୁଲବାଣୀ ଟାଉନ ଥାନା ପୋଲିସ ଏକ ଅଭିଯୋଗ ୧୧/୮.୧୧.୨୦୨୨ ରୁଜୁ କରି ହଜିଥିବା ଜିନିଷକୁ ଖୋଜାଖୋଜି କରୁଥିବା ଜଣାପଡିଛି । ତେବେ ଅଜୟ,ତାଙ୍କର ହଜିଥିବା ଜିନିଷ ଏବଂ ଅତ୍ୟାବଶ୍ୟକୀୟ ଡକ୍ୟୁମେଣ୍ଟ,କେହି ସହୃଦୟ ବ୍ୟକ୍ତି ପାଇଲେ ,ତାଙ୍କୁ ୯୩୧୧୮୬୯୯୨୦ ନମ୍ବର ମୋବାଇଲରେ ଯୋଗାଯୋଗ କରିବାକୁ ଅନୁରୋଧ କରିଛନ୍ତି ।

## ଲକ୍ଷାଧିକ ଜମା ଟଙ୍କା ଆତ୍ମସାତ ଘଟଣାରେ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ମହିଳା ସମିତି

କୋରାଇ ,୧୧/୧୧ (ନି.ପ୍ର): ଯାଜପୁର ଜିଲ୍ଲା ଜେନାପୁର ଥାନା ଅର୍ନ୍ତଗତ ଚଉଷଠିପଡା ଗ୍ରାମରେ ମହିଳା ସମିତିର ଜମା ଟଙ୍କା ମହିଳା ସମିତିର ସଭାନେତ୍ରୀ ଓ ସମ୍ପାଦିକା ଆତ୍ମସାତ କରିଥିବା ନେଇ ଜମା ରଖିଥିବା ମହିଳା ସମିତିର ସଦସ୍ୟା ଆଜି ପାଣିକୋଇଲିସ୍ଥିତ ପୁଲିସ ମୁଖ୍ୟାଳୟରେ ପହଂଚି ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି । ପ୍ରକାଶଯେ ଚଉଷଠିପଡା ଗ୍ରାମରେ ଗତ ୨୦୧୯-୨୦ ଆର୍ଥିକ ବର୍ଷରେ ଯାଜପୁର ମହିଳା ସମିତି ନାମରେ ୩୦ ଜଣଙ୍କୁ ନେଇ ସମିତି ଗଠନ କରାଯାଇଥିଲା । ପ୍ରତ୍ୟେକ ସଦସ୍ୟା ମାସିକ ୧୦୦ଟଙ୍କା ଆଦାୟ କରି ମାସିକ ୩ ହଜାର ଟଙ୍କା ସଭାନେତ୍ରୀ ନିଳିମା ମଲ୍ଲିକ ଓ ସମ୍ପାଦିକ କବିତା ଜେନାଙ୍କ ନିକଟରେ ୨୩ ମାସ ହେଲା ଜମା କରିଥିଲେ। ଏନେଇ ସଭାନେତ୍ରୀ ଓ ସମ୍ପାଦିକାଙ୍କୁ ସଦସ୍ୟ ମାନେ ହିସାବ ମାଗିଥିଲେ । କିନ୍ତୁ ଏଣୁ ତେଣୁ କହି ସଭାନେତ୍ରୀ ଓ ସମ୍ପାଦିକା କଥାକୁ ଏଡାଇ ଯାଇଥିଲେ। ପରବର୍ତୀ ଅବସ୍ଥାରେ ଟଙ୍କାର ହିସାବ ଜିଦ କରି ସଦସ୍ୟା ମାନେ ମାଗିବାରୁ ସଭାନେତ୍ରୀ ଓ ସମ୍ପାଦିକ ସେମାନଙ୍କୁ ଓଲଟି ଗାଳିଗୁଲଜ କରିଥିଲେ। ଏନେଇ ସଦସ୍ୟା ମାନେ ଜେନାପୁର ଥାନାରେ ଅଭିଯୋଗ କରିଥିଲେ। ଗତ ୧ ତାରିଖ ସଦସ୍ୟା ମାନେ ଜେନାପୁର ଥାନାରେ ପହଂଚି ଅଭିଯୋଗ ସମ୍ପର୍କରେ ଥାନାଧିକାରୀଙ୍କୁ ପଚାରିବାରୁ ଥାନାଧିକାରୀ ମହିଳା ମାନଙ୍କୁ ଜାତିଆଣା ଆକ୍ଷେପ କରିବା ସହ ଗାଳିଗୁଲଜ କରି ରାତି ୯ଟା ପର୍ଯ୍ୟନ୍ତ ଥାନାରେ ଅଟକ ରଖିଥିଲେ । ଅପରପକ୍ଷେ ସଭାନେତ୍ରୀ ଓ ସମ୍ପାଦିକା ସମିତିର ସଦସ୍ୟା ମାନଙ୍କ ବିପକ୍ଷରେ ଅଭିଯୋଗ କରିବାକୁ ମନ୍ତ୍ରଣା ଦେଇଥବା ଅଭିଯୋଗ ହୋଇଛି । ମହିଳା ମାନେ ଜିଦ କରି ବସିବାରୁ ସେମାନଙ୍କୁ ଏତଲାର ନକଲ ବାଧ୍ୟହୋଇ ଦେଇଥିଲେ । ହେଲେ କାର୍ଯ୍ୟାନୁଷ୍ଠାନ ଅଗ୍ରଗତି ନହେବାରୁ ଯାଜପୁର ମହିଳା ସମିତିର ସଦସ୍ୟା ମାନେ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ସେମାନଙ୍କ ଜମା ଅର୍ଥ ଫେରିପାଇବା ସହ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

## ନିଜ ଜୀବନର ସୁରକ୍ଷା ପାଇଁ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେଲେ ବୃଦ୍ଧ

କୋରାଇ ,୧୧/୧୧ (ନି.ପ୍ର): ବାରମ୍ବାର ଆକ୍ରମଣ ଶିକାର ହୋଇ ପୁଲିସ ନିକଟରେ ଅଭିଯୋଗ କଲା ପରେ କୌଣସି ନ୍ୟାୟ ନମିଳିବାରୁ ଶେଷରେ ନିଜ ଜୀବନର ସୁରକ୍ଷା ପାଇଁ ପାଣିକୋଇଲି ସ୍ଥିତ ପୁଲିସ ମୁଖ୍ୟାଳୟରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଗୁହାରୀ କରିଛନ୍ତି ବୃଦ୍ଧ । ପ୍ରକାଶଯେ ପାଣିକୋଇଲି ଥାନା ତଥା ଶଙ୍ଖଚିଲା ପାଣ୍ଡି ଅନ୍ତର୍ଗତ ଖମଣ ପଂଚାୟତ ନାହାନ୍ଦା ଗ୍ରାମର ଶ୍ରୀହରି ମଲ୍ଲିକ(୫୮)ଙ୍କ ଅଭିଯୋଗ ମୁତାବକ ତାଙ୍କ ପଡୋଶୀ ଶରତ ମଲ୍ଲିକ ଓ ସଂଜୟ ମଲିକ ଗତ ୫ ତାରିଖ ସମ୍ପତିକୁ କେନ୍ଦ୍ର କରି ତାଙ୍କ ଘରର ଝରକା, କାନ୍ଥ ଓ ତାଜାକୁ ଭଙ୍ଗାରୁଜା କରିଥିଲେ। ପୁନଶ୍ଚ ଗତ ୮ ତାରିଖ ଶ୍ରୀହରି ରାତ୍ରୀରେ ଶୋଇଥିବା ସମୟରେ ତାଙ୍କ ବେକରେ ଗାମୁଛା ଛନ୍ଦି ତାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିବା ସହ ଘରେ ଲାଗିଥିବା ସିସି କ୍ୟାମେରାକୁ ଓପାଡି ନେଇଯାଇଥିଲେ। ଏନେଇ ଶ୍ରୀହରି ଶଙ୍ଖଚିଲା ପାଣ୍ଡିରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ନିଜ ଜୀବନର ସୁରକ୍ଷା ସହ ଅଭିଯୁକ୍ତ ମାନଙ୍କୁ ଉଚିତ ଦଣ୍ଡ ଦେବା ପାଇଁ ଦାବି କରିଛନ୍ତି ।

## ବାରବାଟିଠାରେ ଧର୍ମଶାଳା ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା

ଧର୍ମଶାଳା ,୧୧/୧୧ (ନି.ପ୍ର): ଯାଜପୁର ଜିଲାରେ ବିଜୁ ଜନତା ଦଳ ପକ୍ଷରୁ ପଦଯାତ୍ରା କାର୍ଯ୍ୟକ୍ରମ ଚାଲୁ ରହିଛି । ଏହି ଅବସରରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ଅନ୍ତର୍ଗତ ୯ ଗୋଟି ପଂଚାୟତରେ ଆଜି ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ବାରବାଟି ସ୍ଥିତ ଗଣେଶ ବଜାରଠାରୁ ଆରମ୍ଭ ହୋଇ ଆଦାମପୁରଠାରେ ଶେଷ ହୋଇଥିଲା । ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ବିଧାୟକ ଶ୍ରୀ ବଳବନ୍ତରାୟଙ୍କ ସମେତ ଶତାଧିକ ଦଳୀୟ କର୍ମକର୍ତ୍ତା ପ୍ରମୁଖ ଚାଲି ଚାଲି ଗଣେଶ ବଜାରରୁ ବାହାରି ସିଂହାପୁର, ଓଡିଶୋ, କୃଷ୍ଣପଡା, ନଠୁଆବର ଆଦି ସ୍ଥାନ ପରିକ୍ରମା କରିବା ପରେ ଆଦାମପୁର ଠାରେ ପଦଯାତ୍ରା ଶେଷ ହୋଇଥିଲା । ଯାଜପୁରର ପୂର୍ବତନ ସାଂସଦ ରୀତା ତରାଇ, ଧର୍ମଶାଳା ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ରସୁଲପୁର ବ୍ଲକ ଅଧକ୍ଷ ଅରୁଣ କୁମାର ରାଉତ, ବରିଷ୍ଠ ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ଧର୍ମଶାଳା ବିଜୁ ଯୁବ ଜନତା ଦଳର ଛାତ୍ର ସଭାପତ କ୍ଷିତିଶ ନାୟକଙ୍କ ସମତେ ଧର୍ମଶାଳା ଗାର୍ଲସ ୱିଙ୍ଗର ସମସ୍ତ କର୍ମକର୍ତ୍ତା, ସ୍ଥାନୀୟ ସରପଂଚ ଓ ସମିତିସଭ୍ୟ, ଦଳୀୟ କର୍ମକର୍ତ୍ତାଙ୍କ ସମେତ ଶହଶହ ସଂଖ୍ୟାରେ ମହିଳା ଓ ପରୁଷ ଯୋଗ ଦେଇଥିଲେ ।

## ବାଲିଖାଦାନ ଓ ପଥର ଖଣିମୋହ ଛାଡ଼ି ଯିବାକୁ ଚାହୁଁନାହାନ୍ତି ତହସିଲଦାର

ଭୁବନ ,୧୧/୧୧ (ନି.ପ୍ର): ଭୁବନ ତହସିଲଦାର ଡ.ରୋଜାଲିନ ବେହେରା ଏଠାରେ ଯୋଗଦେବା ପରଠାରୁ ତହସିଲରେ ଦୁର୍ନୀତି, ପ୍ରିୟାପ୍ରୀତି, ଅନୀୟମିତତା ଓ ସ୍ୱେଚ୍ଛାଚାରିତା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ତହସିଲ କର୍ମଚାରୀମାନଙ୍କୁ ମଧ ଦୁର୍ନୀତିଖୋର କରିସାରିଲେଣି ବୋଲି ହାଟବଜାରରେ ଚର୍ଚ୍ଚାହେଉଛି। ତହସିଲଦାର ସୁଶ୍ରୀ ରୋଜାଲିନଙ୍କର ଗତ ଅକ୍ଟୋବର ମାସରେ ଓଡ଼ିଶା ସରକାର ପଂଚାୟତିରାଜ ଓ ପାନୀୟ ଜଳଯୋଗାଣ ବିଭାଗ ଚିଠି ନଂ.- ୧୯୮୩୧ ତା୧୮.୧୦.୨୦୨୨ରେ ବଦଳି ଆଦେଶ ବାହାରିଥିଲା। ଇତିମଧ୍ୟରେ ତିନିସପ୍ତାହ ବିତି ଯାଇଥିବାବେଳେ ତହସିଲଦାର ଭୁବନ ଛାଡୁନାହାନ୍ତି କି ଭୁବନର ବାଲିଖାଦାନ, ପଥର ଖଣିଛାଡ଼ି ଯିବାକୁ ଚାହୁଁନାହାନ୍ତି । ତହସିଲଦାରଙ୍କର ମୁଖ୍ୟତଃ ଏହି ଦୁଇଟି ବେପାରରୁ ପ୍ରବଳ ଆୟ ହେଉଛି ବୋଲି କୁହାଯାଉଛି । ଲଘୁଖଣିଜ ଦ୍ରବ୍ୟ କାରବାରରେ ମାସିକ ଲକ୍ଷାଧିକ ଟଙ୍କା ରୋଜଗାର ହେଉଥିବାରୁ ସେ ମହାଶୟା ଭୁବନ ଛାଡ଼ି ଯିବାକୁ ଚାହୁଁ ନାହାନ୍ତି ବୋଲି ଚର୍ଚ୍ଚା ହେଉଛି । ବାଲି ନିଲାମଧାରୀମାନେ ସେମାନେ ନେଇଥିବା ଲିଜ୍ ସୀମାରୁ ବାଲି ଶେଷକରି ଅଧିକ ଦୁଇତିନି କି.ମି. ବ୍ୟାସାର୍ଦ୍ଧରୁ ବେଆଇନ ଭାବେ ମେସିନ ଜରିଆରେ ବାଲି ଉତୋଳନ କରି ପଡ଼ୋଶୀ ଯାଜପୁର ଜିଲ୍ଲାକୁ ହାଇୱା ଗାଡ଼ି ଯୋଗେ ଦୈନିକ ଶତାଧିକ ଟ୍ରିପ୍ ବାଲି ଚାଲାଣ କରୁଛନ୍ତି । ତହସିଲଦାର ବାଲି ଲିଜ୍‌ଧାରୀଙ୍କ ସହ ସଲାସୁତରା କରି ସେମାନଙ୍କ ଦ୍ୱାରା ଅନୁଗୃହୀତ ହୋଇ ଲୋକଦେଖାଣିଆ ଭାବେ କେବଳ ଟ୍ରାକ୍ଟର ପଛରେ ପଡ଼ିଛନ୍ତି। ମାଙ୍କଡ଼ା ପଥର ଖଣି ଉତୋଳନକାରୀଙ୍କୁ ମଧ ସେହି ତରିକାରେ ସେମାନଙ୍କ ଠାରୁ ମାସିକିଆ ନେଇ ବେଳେବେଳେ ଟ୍ରାକ୍ଟରକୁ ପିଛାକରି ଧରି ଫାଇନ କରୁଛନ୍ତି। ତହସିଲର କେତେଜଣ କର୍ମଚାରୀ ଏହି କାରବାରରେ ସଂପୃକ୍ତ ରହି ମ୍ୟାଡାମଙ୍କ ନାଁ କହିବି ଭିନ୍ନ ଟ୍ରାକ୍ଟର ମାଲିକମାନଙ୍କୁ ମାସିକିଆ ଦେବାକୁ ପ୍ରବର୍ତାଉଛନ୍ତି। ଯିଏ କଥା ନମାନୁଛିସେମାନଙ୍କଗାଡି ନମ୍ବର ଓ ଟ୍ରାକ୍ଟର ମାଲିକଙ୍କ ଠିକଣା ତହସିଲଦାରଙ୍କୁ ପ୍ରଦାନ କରୁଛନ୍ତି । ତହସିଲଦାର ମହାଶୟା ଅତ୍ୟନ୍ତ ଚତୁରତାର ସହକାରେ ସେହିଟ୍ରାକ୍ଟର ନମ୍ବରଗୁଡିକୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପଠାଇ ଦେଉଛନ୍ତି ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ଚଢାଉ କରାଯାଉଛି । ଗତ ସପ୍ତାହରେ ସହକାରୀ ଉପଜିଲ୍ଲାପାଳ ଚଢାଉ କରିବାକୁ ଆସି ମାଡ ଖାଇବା ଘଟଣା ଦାଣ୍ଡରେ ପଡି ହାଟରେ ଗଡୁଛି। ତହସିଲଦାରଙ୍କ ଯୋଗୁ ସେ ମାଡଖାଇଲେ ବୋଲି ଚର୍ଚ୍ଚା ହେଉଛି । ତହସିଲଦାରଙ୍କୁ ମିଳୁଥିବା ମାସିକିଆରୁ ସେ ଉପର ମହଲରେ ଭୋଗ ଲଗାଉଥିବା ଯୋଗୁ ବଦଳି ଆଦେଶ ସତ୍ୱେ ସେ ଭୁବନ ଛାଡୁନାହାଁନ୍ତି କି ବିଭାଗୀୟ ଉଚ୍ଚ କର୍ତୃପକ୍ଷତାଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ/ପଦକ୍ଷେପ ନେଉନାହାଁନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ଓ ଚର୍ଚ୍ଚା ଜୋର ଧରିଛି ।

## କେନ୍ଦୁଝରରେ ପାଳିତ ହେଲା ମାଣ୍ଡିଆ ଦିବସ

କେନ୍ଦୁଝର ,୧୧/୧୧ (ନି.ପ୍ର): ରାଜ୍ୟରେ ମାଣ୍ଡିଆ ଦିବସ ପାଳିତ ହେଉଥିବା ବେଳେ ଗୁରୁବାର ଦିନ ଓଡିଶା ମିଲେଟ ମିଶନ ଆନୁକୂଲ୍ୟରେ ତଥା ପ୍ରଶାସନର ସହଯୋଗରେ ଜିଲ୍ଲା ସଂସ୍କୃତି ଭବନ ଠାରେ ମାଣ୍ଡିଆ ଦିବସ ପାଳିତ ହୋଇ ଯାଇଛି । ଅଧିକ ପୃଷ୍ଟିକର ମାଣ୍ଡିଆ ଜାତୀୟ ଖାଦ୍ୟର ଅଧିକ ପ୍ରଚାର ପ୍ରସାର ସହ ବହୁଳ ବ୍ୟବହାର ସଂପର୍କରେ ଜନ ସଚେତନା ସୃଷ୍ଟି ନିମନ୍ତେ ରାଜ୍ୟ ସରକାର ମାର୍ଗଶୀର ମାସର ପ୍ରଥମ ଗୁରୁବାରକୁ ମାଣ୍ଡିଆ ଦିବସ ଭାବେ ପାଳନ କରିବାକୁ ଘୋଷଣା କରିବା ପରିପ୍ରେକ୍ଷିରେ ଉକ୍ତ ଦିବସ ପାଳନ କରାଯାଉଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଷମା ବିଲୁଙ୍ଗ୍ ଉଦ୍‌ବୋଧନ ଦେଇ କହିଥିଲେ ଯେ ମାଣ୍ଡିଆ ଜାତୀୟ ଖାଦ୍ୟ ଜନସାଧାରଣଙ୍କ ପାଇଁ ବରଦାନ ।ଏଠାରେ ଅନ୍ୟାନ୍ୟ ଖାଦ୍ୟ ପଦାର୍ଥ ଠାରୁ ଅଧିକ ପୃଷ୍ଟିସାର ରହିଛି । ଯାହାକି ସ୍ୱାସ୍ଥ ପାଇଁ ଅଧିକ ଉପାଦେୟ । ଏଣୁ ଜନସାଧାରଣ ଫାଷ୍ଟଫୁଡ , ଜଙ୍କଫୁଡରୁ ଦୂରେଇ ରହି ମାଣ୍ଡିଆ ଜାତୀୟ ଖାଦ୍ୟକୁ ଆପଣାଇଲେ ସେମାନେ ଏହାର ଉପକାର ପାଇପାରିବେ । ପୁଣି ଅଧୁନା ଜଳବାୟୁ ପରିବର୍ତନ ଓ ପ୍ରଦୂଷଣ ପରିପ୍ରେକ୍ଷିରେ ମାଣ୍ଡିଆ ଚାଷ ପରିବେଶ ପାଇଁ ଉପଯୋଗୀ ହୋଇଥିବାରୁ ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । ଯାହା ଫଳରେ ମାଣ୍ଡିଆ ଚାଷୀମାନେ ଉପକୃତ ହେଉଛନ୍ତି । ବର୍ତମାନ ଗାଁରୁ ସହର ସବୁଠି ମାଣ୍ଡିଆ ଜାତୀୟ ଖାଦ୍ୟ ଭାବେ ଆଦୃତ ଲାଭ କରିବାରେ ଲାଗିଛି ବୋଲି ଶ୍ରୀମତୀ ବିଲୁଙ୍ଗ୍ କହିଥିଲେ। ଏହି ସଭାରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ ଅଧିକାରୀ ଡ.କିଶୋର କୁମାର ପୃଷ୍ଟି , ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିଜୟ କୁମାର ସ୍ୱାଇଁ , ଉପନିର୍ଦ୍ଦେଶକ ଉଦ୍ୟାନ ଡଃ ଜୟନ୍ତ କୁମାର ନାୟକ , ଜଳଛାୟା ପ୍ରକଳ୍ପର ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ମଲ୍ଲିକ , ସହକାରୀ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଗୁଣାକାର ଦାସ , କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡଃ ନରମ ରାମୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ବକ୍ତବ୍ୟ ପ୍ରଦାନ କରି ମାଣ୍ଡିଆ ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିବା ସହ ପ୍ରତ୍ୟେକ ବ୍ୟକ୍ତି ନାଜର ଖାଦ୍ୟ ଥଳି ରେ ମାଣଡିଆଜାତୀୟ ଖାଦ୍ୟକୁ ସ୍ଥାନ ଦେବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଏସ. ଏଚ. ଜି . ମାନଙ୍କ ଦ୍ୱାରା ଖାଦ୍ୟ ମେଳା ଆୟୋଜନ କରାଯାଇଥିଲା । ଏବଂ ଶ୍ରେଷ୍ଠ କ୍ଲବକୁ ପୁରସ୍କୃତ କରାଯାଇଥିଲା । ଏବଂ ୪ ଜଣ ମାଣ୍ଡିଆ ଚାଷୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ୧୪ ଜଣ ଗୋଷ୍ଠୀ ସାଧନ କର୍ମୀଙ୍କୁ ଟ୍ୟାବ ପ୍ରଦାନ କରାଯାଇଥିଲା ।

## ନବମ ବର୍ଷର ପୂର୍ତ୍ତିରେ ୧୦୮ ସ୍ୱାସ୍ଥ୍ୟ ସେବାର ରକ୍ତଦାନ ଶିବିର

ବଲାଙ୍ଗିର ,୧୧/୧୧ (ନି.ପ୍ର): ୧୦୮ ଚିକିତ୍ସା ହେଲେଥ୍ କେଆର୍ ଲିମିଟେଡ ତରଫରୁ ନବମ ବର୍ଷ ପୂର୍ତ୍ତି ଅବସରେ ଆଜି ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ବଲାଙ୍ଗୀର ଜିଲ୍ଲା କ୍ଲଷ୍ଟର ଲିଡର କୁମାର୍ ଗୌରବ ରଥ ଓ ସୁରେଶ ନାୟକ ଙ୍କ ନେତୃତ୍ୱରେ ୧୦୮ ଆମ୍ବୁଲାନ୍ସ କର୍ମଚାରି ମାନେ ୧୨ୟୁନିଟ ରକ୍ତ ଦାନ କରିଥିଲେ ଏହି ଶିବିର ରେ ଛନ୍ଦା ଚରଣ ସାହୁ, ବିନୋଦ ଖମାରି, ଜିତେନ୍ଦ୍ର ହରପାଳ, ଲବଣି ମାଝୀ, ଗୌରାଙ୍ଗ ପୁଟେଲ, ରଥି ପାଣ୍ଡେ, ନୀଳାମୟ ସାହୁ, ଯଯାତି କେଶରୀ ମହାପାତ୍ର, ଜୟପ୍ରକାଶ ପଟେଲ ,ଆଶୁତୋଷ ପଣ୍ଡା, ଅବେଦନାଗ ,ଖଗେଶ୍ୱର୍ ସାହୁ ପ୍ରମୁଖ ଯୋଗ ଦେଇ ରକ୍ତ ଦାନ କରିଥିଲେ ।

## ବିଲରେ ପାଣି ଯୋଗାଇବା ପାଇଁ ଓଡିଶା କୃଷକ ସଭାର ଦାବି

କେନ୍ଦ୍ରାପଡ଼ା ,୧୧/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଓଡିଶା କୃଷକ ସଭା କମିଟି ପକ୍ଷରୁ ଜିଲ୍ଲାର ବିଭିନ୍ନ ଅଂଚଳରେ ବିଲରେ ପାଣି ଯୋଗାଇବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି। ଚଳିତ ବର୍ଷା ଋତୁରେ ବର୍ଷାଜଳ କମ ହୋଇଥିବା ଓ କେନାଲରେ ପାଣି ନଥିବାରୁ ଧାନ ଫସଲ ମରୁଡି ଗସ୍ତ ହେଲାଣି । ପାଣି ପାଉ ନଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ବିଶେଷକରି ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲର ତଳମୁଣ୍ଡ ଅଳବା ଠାରୁ ଗଣ୍ଡାକିଆ, ମାର୍ଶାଘାଇ କେନାଲରୁ ଜମ୍ବୁ ପର୍ଯ୍ୟନ୍ତ ପାଣି ପହଁଚିପାରୁ ନଥିବାରୁ ଧାନ ଫସଲ ସଂମ୍ପୂର୍ଣ୍ଣ ଉଜୁଡି ଯିବାର ସମ୍ଭାବନା ରହିଛି । ପାଣି ନପାଇବାରୁ ଚାଷୀମାନେ ବିଭିନ୍ନ ସ୍ଥାନରେ ରାସ୍ତାରୋକ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଓଡିଶା କୃହକ ସଭା କେନ୍ଦ୍ରାପଡା ଜିଲ୍ଲା କମିଟି ସଭାପତି ଗୟାଧର ଧଳଙ୍କ ନେତୃତ୍ୱରେ ବିଜୟ ଦାସ, ଉମେଶ ଚନ୍ଦ୍ର ସିଂହ, ଗୁଣମଣି ବେହେରା, ସହଦେବ ଦାସ, ରମେଶ ପୁହାଣ, ନରୋତମ ପାର୍ଥସାରଥୀ ପ୍ରମୁଖ ପାଣି ଯୋଗାଇବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

## ଉଚ୍ଚମାନର ରାସ୍ତା

ବ୍ରିଟେନ୍ ଗବେଷକ ଦଳ ଗ୍ରେଫିନ୍ ତତ୍ତ୍ୱର ବ୍ୟବହାର କରି ଏକ ପଦାର୍ଥ ତିଆରି କରିଛନ୍ତି, ଯାହାକୁ ସଡ଼କ ତିଆରିରେ ବ୍ୟବହାର କରାଯିବ । ଗବେଷକଙ୍କ ମତରେ ଏଇ ପଦାର୍ଥ ବ୍ୟବହାର କରି ସଡ଼କ ତିଆରି କରାଗଲେ, ଅନ୍ତତଃ ୧୦୦ ବର୍ଷ ପର୍ଯ୍ୟନ୍ତ ସଡ଼କ ସୁରକ୍ଷିତ ରହିବ । ଆଜିର ସମୟରେ ଉଚ୍ଚମାନର ରାସ୍ତା ତିଆରି କରାଯିବା ସତ୍ତ୍ୱେ ଅଳ୍ପ କିଛି ବର୍ଷ ପରେ ସେଗୁଡ଼ିକ ଭାଙ୍ଗିଯାଇଥାଏ । ଖାଲଖମା ହେବା ସହ ବର୍ଷାଦିନରେ ପାଣି ଜମି ରହି ଗାଡ଼ି, ମଟର ଦୁର୍ଘଟଣା ମଧ ହୁଏ । ତେବେ ଏହି ଗ୍ରେଫିନ୍‌ଯୁକ୍ତ ତତ୍ତ୍ୱ ରାସ୍ତା ତିଆର ହେଲେ, ସେଥିନିମନ୍ତେ ୨୦ ଗୁଣ ଅଧିକ ଖର୍ଚ୍ଚ ହେବ ବୋଲି ବିଶେଷଜ୍ଞ ଦଳ ପ୍ରକାଶ କରିଛନ୍ତି । ମାତ୍ର ୧୦ ଦିନରେ ରାସ୍ତ ତିଆରି ହୋଇଯିବା ବେଳେ ରାସ୍ତା ଭାଙ୍ଗିବାର ଭୟ ମଧ ନାହିଁ । ପ୍ରତି ୩୦ ବର୍ଷରେ ଥରେ ରାସ୍ତାରେ ପୁନଃ ଗ୍ରେଫିନ୍ ତତ୍ତ୍ୱ ମିଶ୍ରଣ କରାଗଲେ, ରାସ୍ତା ଅଧିକ ଦୀର୍ଗସ୍ଥାୟୀ ହେବ ।

# ପିନ୍ଧନ୍ତୁ ସ୍ମାର୍ଟ ଆଉଟଫିଟ୍

**ମହିଳାମାନେ ଗୋଟିଏ ପୋଷାକକୁ ବାରମ୍ବାର ପିନ୍ଧିବାକୁ ସାଧାରଣତଃ ଭଲପାଆନ୍ତି ନାହିଁ । ଏହି କାଣରୁ ଅନେକଥର ଆଉଟଫିଟ୍ କିଣିବା ପାଇଁ ବଜେଟ୍ ବାହାରେ ଖର୍ଚ୍ଚ ହୋଇଥାଏ । ଯଦି ସେହି ଗୋଟିଏ ପ୍ରକାର ଆଉଟ୍‌ଫିଟ୍‌ରେ ଆପଣ ଅଲଗା ଅଲଗା ଷ୍ଟାଇଲିଶ୍ ଲୁକ୍ ପାଇବେ ତା' ହେଲେ କେମିତି ହେବ ? ଗୋଟିଏ ପ୍ରକାର ଆଉଟ୍‌ଫିଟ୍‌ରେ ବି ସ୍ମାର୍ଟ ଲୁକ୍ କ୍ୟାରି କରିପାରିବେ । ସ୍ମାର୍ଟ ଆଉଟ୍‌ଫିଟ୍ କେମିତି ତିଆରି କରିବେ ଜାଣନ୍ତୁ କିଛି ଟିପ୍ସ ।**









**ନିଅନ୍ତୁ ବେଲ୍ଟର ସାହାରା :**
ବେଲ୍ଟ ନା କେବଳ ଆପଣଙ୍କ ଲୁକ୍‌କୁ ସ୍ପାଇସ୍ ଅପ୍ ପରେ ବରଂ ଭିନ୍ନ ଲୁକ୍ କ୍ରିଏଟ୍ କରିବାରେ ବି ସାହାଯ୍ୟ କରିଥାଏ । ଯଦି ଆପଣ ସ୍ଲିମ୍ ଅଛନ୍ତି ଭିନ୍ନ ଷ୍ଟାଇଲରେ ବେଲ୍ଟ କ୍ୟାରି କରିପାରିବେ । ହ୍ୱାଇଟ୍ ସାର୍ଟ ଡ୍ରେସ୍ ସହିତ ଥିନ୍ କିମ୍ବା ବିଗ୍ ବେଲ୍ଟ ଟିମଅପ୍ କରନ୍ତୁ ।

**ବଟମ୍ ୱିୟର :**
ଅଲଗା ଅଲଗା ବଟମ୍ ୱିୟର ସାହାଯ୍ୟରେ ବି ପ୍ରତିଥର ନୂଆ ଲୁକ୍ କ୍ରିଏଟ୍ କରିପାରିବେ । ଯଦି ଆପଣ ହ୍ୱାଇଟ୍ ସର୍ଟ ଡ୍ରେସ୍ ପିନ୍ଧୁଛନ୍ତି ତା' ହେଲେ ଫିଟିଙ୍ଗ୍ ଲେଗିଂଙ୍ଗ୍, ଜିନ୍ସ କିମ୍ବା ସ୍କର୍ଟ ପିନ୍ଧିପାରିବେ । ଏହିଭଳି ପ୍ରକାରର ବଟମ୍ ୱିୟର୍ ଭିନ୍ନ ଲୁକ୍ ଦେଇଥାଏ ।

**ପିନ୍ଧନ୍ତୁ ଜ୍ୟାକେଟ୍ :**
ଜ୍ୟାକେଟ୍ ରେଗୁଲାର ଆଉଟଫିଟ୍‌କୁ ନୂଆ ଲୁକ୍ ଦେବାରେ ଯଥେଷ୍ଟ । ସାର୍ଟ ଡ୍ରେସ୍ କିମ୍ବା କୌଣସି ବି ଟପ୍ ସହିତ କଲରଫୁଲ ଜ୍ୟାକେଟ୍ କ୍ୟାରି କରନ୍ତୁ । ଦେଖିବେ ଜ୍ୟାକେଟ୍ ଆପଣଙ୍କୁ ଲୁକ୍ ପୁରା ବଦଳାଇ ଦେବ । ଚାହିଁଲେ ଜ୍ୟାକେଟ୍ ସ୍ଥାନରେ ସ୍ରଗ୍ କିମ୍ବା କେପ୍ ବି କ୍ୟାରି କରିପାରିବେ ।

**ସ୍କାର୍ଫ ଆସିବ କାମରେ :**
ଆପଣ ହୁଏତ ଜାଣିନଥିବେ କିନ୍ତୁ ସ୍କାର୍ଫ ସା ହାଯ୍ୟରେ ବି ଗୋଟିଏ ଆଉଟ୍‌ଫିଟ୍‌କୁ ଅଲଗା ଅଲଗା ଲୁକ୍ ଦିଆଯାଇପାରିବ । ଆଉଟ୍‌ଫିଟ୍ ସହିତ ସ୍କାର୍ଫକୁ ଅଲଗା ଅଲଗା ଷ୍ଟାଇଲରେ କ୍ୟାରି କରିପାରିବେ । କଲରଫୁଲ ସ୍କାର୍ଫକୁ ବେଲ୍ଟ ସହିତ ଟିମ୍‌ଅପ୍ କରି ପିନ୍ଧିପାରିବେ । ଦେଖିବାକୁ କ୍ଲାସି ଲାଗିଥାଏ ।

**ଫୁଟ୍ ୱିୟର :**
ଫୁଟ୍ ୱିୟର ଲୁକ୍‌କୁ ପୂରା କରିଥାଏ । ସେଥିପାଇଁ ଅଲଗା ଅଲଗା ଆଉଟ୍‌ଫିଟ୍ ସହିତ ଅଲଗା ଫୁଟ୍ ୱିୟର ପିନ୍ଧିବା ଆବଶ୍ୟକ । ଯେବେ କୌଣସି ଆଉଟଫିଟ୍ ସହିତ ହିଲ୍ ପିନ୍ଧାଯାଏ ଏହା ଫେମିନାଇନ୍ ଲୁକ୍ ଦିଏ । ସେମିତି କୌଣସି ଆଉଟ୍‌ଫିଟ୍ ସହିତ ସ୍ନିକର୍ସ କିମ୍ବା ଜୋତା ପିନ୍ଧିଲେ ଫଙ୍କି ଲୁକ୍ ଦେଇଥାଏ । ସେଥିପାଇଁ ପ୍ରତିଥର ଲୁକ୍ ବଦଳାଇବା ପାଇଁ ଆଉଟଫିଟ୍ ନୁହେଁ ଫୁଟ୍ ୱିୟର ଉପରେ ବି ଧ୍ୟାନ ରଖନ୍ତୁ ।

# ବୟସ ଅନୁସାରେ ତ୍ୱଚାର ଯତ୍ନ



ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତରେ ପରିବର୍ତ୍ତିତ ଜଳବାୟୁ ଅନୁସାରେ, ୨୦ ବର୍ଷ ବୟସ ପରଠାରୁ ଯୁବତୀମାନେ ନିଜ ତ୍ୱଚା ଯତ୍ନ ନେବା ଜରୁରୀ। ନିୟମିତ ମଏଷ୍ଟରାଇଜିଂ କ୍ଲିନଜିଂ ଏଇ ବୟସରୁ ଆରମ୍ଭ କରିନେବା ଭଲ କଲେଜ ପଢୁଆ ଯୁବତୀମାନେ ବାହାରକୁ ଯା-ଆସ କାରଣରୁ ସେମାନଙ୍କ ତ୍ୱଚା ଅଧିକ ସନ୍-ଟ୍ୟାନ୍ ହୋଇଥାଏ। ଏ ପ୍ରତି ଦୃଷ୍ଟି ନ ଦେଲେ ତ୍ୱଚା ଭାଙ୍ଗ ସମସ୍ୟା ଶୀଘ୍ର ଦେଖାଦେଉଥିବାର ବିଶେଷଜ୍ଞଙ୍କ ମତ। ଘରୋଇ ଉପଚାର ଯେପରି ବେସନ-ଦହି ପ୍ୟାକ୍, କଞ୍ଚା ଖିରରେ ତ୍ୱଚାକୁ ଭଲରେ ପୋଛିବା ଇତ୍ୟାଦି କରିବା ସନ୍-ଟ୍ୟାନ୍ ପ୍ରଭାବ କମ୍ କରେ। ୩୦ ବର୍ଷ ବୟସ ପରଠାରୁ ଘରେ ହେଉ କିମ୍ବା ପାର୍ଲରରେ ମାସକୁ ଥରୁଟିଏ ଫେସିଆଲ ଓ କ୍ଲିନଜିଂ କରାଇନେବା ଉଚିତ। ଏହା ସହ ଘରେ ରହିଲେ ମଧ ତ୍ୱଚାରେ ନିୟମିତ ସନ୍‌ସ୍କ୍ରିନ୍ ଲଗାଇବା ଆବଶ୍ୟକ। ଖାଦ୍ୟପେୟ ଉପରେ ଅଧିକ ଗୁରୁତ୍ୱ ଦିଅନ୍ତୁ; କାରଣ ଆପଣଙ୍କ ଶରୀରକୁ ଉତ୍ତମ ପୋଷକତତ୍ତ୍ୱ ମିଳିଲେ, ତାହାର ଚମକ ତ୍ୱଚାରେ ଦେଖାଯିବ। ନିୟମିତ ସାଲାଡ୍ ଖାଆନ୍ତୁ,





ଫୁଲକୋବି, ବନ୍ଧାକୋବି, ମଟର ବିନ୍ସ ଇତ୍ୟାଦିର ବ୍ୟଞ୍ଜନ ଖାଇବା ତ୍ୱଚା ଉପରେ ଉତ୍ତମ ପ୍ରଭାବ ପକାଇଥାଏ। ଏସବୁ ବାଦ୍ ଘରେ ପ୍ୟାକ୍ ତିଆରି କରି ଉଭୟ ତ୍ୱଚା ଓ କେଶର ଯତ୍ନ ନେବା ଆବଶ୍ୟକ। ୪୦ ବର୍ଷ ଉପର ମହିଳାମାନେ ବିଶେଷଜ୍ଞଙ୍କ ପରାମର୍ଶରେ ଭିଟାମିନ୍ କ୍ୟାପ୍‌ସୁଲ ଖାଇବା ଭଲ। ଆପଣଙ୍କ ଶରୀରକୁ କେଉଁ ଭିଟାମିନ୍‌ର ଆବଶ୍ୟକ, ତାହାର ନିଷ୍ପତ୍ତି ନିଜେ ନେବା ଅନୁଚିତ। ବଜାରରେ ମିଳୁଥିବା ବିଭିନ୍ନ ନାମୀ କମ୍ପାନୀର ରିଫାଇନ୍ସ ତେଲ ପରିବର୍ତ୍ତେ ବରଂ ସୋରିଷ ତେଲ, ବାଦାମ ତେଲ ଇତ୍ୟାଦି ରାନ୍ଧିବା ପାଇଁ ଉପଯୋଗ କରିବା ଜରୁରୀ। ଏସବୁ ମଧ ଆମ ତ୍ୱଚାକୁ ପୋଷଣ ଯୋଗାଉଥିବାର ବିଶେଷଜ୍ଞଙ୍କ ମତ।

# ଧାରୱାଡ ପେଡ଼ା



କର୍ଣ୍ଣାଟକର ଧାରୱାଡ଼ ସହରରେ ପ୍ରସ୍ତୁତ ହେଉଥିବାରୁ ଏହି ମିଠାକୁ ଧାରୱାଡ ପେଡ଼ା କୁହାଯାଏ । ମଥୁରା ପେଡ଼ାର ସ୍ୱାଦ ତୁଳନାରେ ଧାରୱାଡ଼ ଏହି ପେଡ଼ାର ପନିର ଏବଂ କ୍ଷୀର ସହିତ ପାରମ୍ପରିକ ଅଫହ୍ୱାଇଟ୍ ରଙ୍ଗର ମାୱା ବା ଖୁଆ ପେଡ଼ାକୁ ଚିନି ଗୁଣ୍ଡର ପ୍ରଲେପ ଦିଆଯାଇଥାଏ ଯାହାକୁ ଏହାରୁ ଅନ୍ୟ ପେଡ଼ା ତୁଳନାରେ ଭିନ୍ନ କରିଥାଏ । କର୍ଣ୍ଣାଟକ ସମେତ ଏହି ପେଡ଼ା ଅନ୍ୟ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ମଧ ବେଶ୍ ଲୋକପ୍ରିୟ । ପାରମ୍ପରିକ ପୂଜା, ପର୍ବ ଅବସରରେ କର୍ଣ୍ଣାଟକରେ ଏହି ପେଡ଼ା ତିଆରି ହେବା ନିଶ୍ଚିତ । କୁହାଯାଏ ଏହି ପେଡ଼ାର ଇତିହାସ ୧୭୫ ବର୍ଷ ପୁରୁଣା । ଏହି ପେଡ଼ା ଜିଆଇ ଟ୍ୟାଗ୍ ହାସଲ କରିସାରିଛି । କୁହାଯାଏ ଉତ୍ତରପ୍ରଦେଶର ଉନ୍ନାଓର ଏକ ଠାକୁର ପରିବାର ପ୍ରଥମେ କର୍ଣ୍ଣାଟକର ଧାରୱାଡ଼ ଯାଇ ଏହି ପେଡ଼ା ତିଆରି କରିଥିଲେ । ସେବେଠାରୁ ଏହି ପେଡ଼ା ଧାରୱାଡ଼ ପେଡ଼ା ନାଁରେ ପରିଚିତ ହେଲା । ତେବେ ଆସନ୍ତୁ ଜାଣିବା ଧାରୱାଡ଼ ପେଡ଼ାର ପ୍ରସ୍ତୁତି ବିଷୟରେ ।

**ପ୍ରସ୍ତୁତି :**
ଧାରୱାଡ଼ ପେଡ଼ା ପ୍ରସ୍ତୁତି କରିବା ପାଇଁ କ୍ଷୀର ୨ ଲିଟର, ଲେମ୍ବୁ ରସ ୨ ଟେବଲ୍ ଚାମଚ, ଘିଅ ୧ ଟେବଲ ଚାମଚ ଚିନି ୬ ଟେବଲ ଚାମଚ ୧/୪ ଗୁଜୁରାତି ଗୁଣ୍ଡ । ପ୍ରଥମେ ଏହି ପେଡ଼ା ପାଇଁ ପନିର ତିଆରି କରିବାକୁ ହେବ । ଏଥିପାଇଁ ତଳପଟ ମୋଟା ଥିବା ଏକ ପାତ୍ରରେ ୨ ଲିଟର କ୍ଷୀର ନେବେ । କ୍ଷୀର ଯେମିତି ପୋଡ଼ି ନଯାଏ କିମ୍ବା ସର ନ ପଡ଼େ ଧ୍ୟାନ ରଖିଥିବେ । କ୍ଷୀର ଫୁଟି ଆସିଲେ ସେଥିରେ ୨ ଟେବଲ ଚାମଚ ଲେମ୍ବୁ ରସ ଗୋଳାଇ ଦେବେ । ଲେମ୍ବୁ ରସ ବଦଳରେ ଦହି କିମ୍ବା ଭିନେଗାର ମଧ ପ୍ରୟୋଗ କରିପାରିବେ । ଆଞ୍ଚ ଧିମା କରି ଅଳ୍ପ ସମୟ ଘାଣ୍ଟିଦେଲେ ଛେଡ଼ା ଛିଣ୍ଡିଯିବ । ଛେନାକୁ ଭଲ କରି ଧୋଇ ସେଥିରୁ ପାଣିର ଚିପୁଡ଼ି ନେବେ । ଏହାଦ୍ୱାରା ଛେନାର ଖଟାପଣ ଚାଲିଯିବ । ଅତ୍ୟଧିକ ଚିପୁଡ଼ିବେ ନାହିଁ । ନହେଲେ ଛେନା ନରମ ରହିବ ନାହିଁ । ଏହା ପରେ ଏକ ବଡ଼ କରେଇ ଗରମ କରି ସେହି ଛେନାକୁ ଗୁଣ୍ଡ କରି ହାଲୁକା ଆଞ୍ଚରେ ଭାଜିବେ । ଛେନା ଭାଜୁଥିବା ସମୟରେ ସେଥିରେ ୧ ଟେବଲ ଚାମଚ ଘିଅ ମିଶାଇ ଦେବେ । ଦେଖିବେ ଧୀରେ ଧୀରେ ଏହାର ରଙ୍ଗ ଟିକେ ବାଦାମି ହୋଇଆସିବ । ଏହି ସମୟରେ ଏହା ମଧରେ ୬ ଟେବଲ ଚାମଚ ଚିନି ଓ ୧ ଟେବଲ ଚାମଚ କ୍ଷୀର ମିଶାଇ ଭଲ କରି ମିଶାଇବେ । ସେତେବେଳ ପର୍ଯ୍ୟନ୍ତ ଆଞ୍ଚ ହାଲୁକା କରି ଭାଜୁଥିବେ ଯେତେବେଳ ପର୍ଯ୍ୟନ୍ତ ଚିନି ସଂପୂର୍ଣ୍ଣ ମିଳିନଥିବ । ଚିନି ମିଶିଯାଇ ରଙ୍ଗ ବାଦାମୀ ହୋଇଆସିଲେ ଆଉ ୧ ଟେବଲ ଚାମଚ କ୍ଷୀର ମିଶାଇବେ । କ୍ଷୀର ସଂପୂର୍ଣ୍ଣ ଶୁଖିଗଲା ପର୍ଯ୍ୟନ୍ତ ହାଲୁକା ଆଞ୍ଚରେ ଭାଜୁଥିବେ । ଏହାପରେ ଆଞ୍ଚ ବନ୍ଦ କରି ଏହି ମିଶ୍ରଣକୁ ଥଣ୍ଡା ହେବାକୁ କିଛି ସମୟ ଛାଡ଼ିଦେବେ । ଏହାପରେ ବ୍ଲେଣ୍ଡରରେ ଏହି ମିଶ୍ରଣକୁ ଦେଇ ପାଉଡର୍ କରିଦେବେ । ଏହାପରେ କରେଇରେ ଏହି ପାଉଡରକୁ ଦେଇ ସେଥିରେ ଆଉ ୩ ଟେବଲ ଚାମଚ କ୍ଷୀର ମିଶାଇବେ । ଏଥର ଏଇ ମିଶ୍ରଣକୁ ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ଭାଜିବାକୁ ହେବ । ମିଶ୍ରଣ ଅଧିକ ଶୁଖି ନଯିବା ପାଇଁ ମଝିରେ ମଝିରେ ସାମାନ୍ୟ କ୍ଷୀର ମିଶାଇ ପାରିବେ । ଶେଷରେ ୧/୪ ଚାମଚ ଗୁଜୁରାତି ଗୁଣ୍ଡ ଏଥିରେ ଭଲ କରି ଗୋଳାଇଦେବେ । ଆଞ୍ଚ ବନ୍ଦ କରି ଟିକେ ଥଣ୍ଡା ହୋଇଆସିଲେ ନିଜ ମନ ପସନ୍ଦ ଆକାରରେ ଗଢ଼ି ଚିନି ଗୁଣ୍ଡ ପ୍ରଲେପ ଦେଇଦେବେ । ଏହି ପେଡ଼ା ରେଫ୍ରିଜିରେଟର୍‌ରେ ରଖିଲେ ୧୫ ଦିନରୁ ଅଧିକ ସମୟ ଭଲ ରହିପାରିବ ।

# ମହାକାଶ ଯାତ୍ରା କାରଣରୁ ମସ୍ତିଷ୍କ ପ୍ରଭାବିତ !

ଦିନକୁଦିନ ବିଜ୍ଞାନ ଅଗ୍ରତି କରୁଛି, ଏଥିରେ ଦ୍ୱିମତ ନାହିଁ । ମହାକାଶରେ 'ସ୍ପେସ୍ ହୋମ୍' ନିର୍ମାଣ ହେବାକୁ ଯାଉଥିବାବେଳେ ଅନ୍ୟ ଏକ ଗବେଷଣାରୁ ପ୍ରମାଣିତ ହୋଇଛି ଯେ ମହାକାଶ ଯାତ୍ରା କରୁଥିବା ମହାକାଶଚାରୀଙ୍କ ମସ୍ତିଷ୍କ ମଧ ପ୍ରଭାବିତ ହୋଇଥାଏ । ମହାକାଶର ଗଭୀରତାରେ ବିକିରଣ କାରଣରୁ ମନୁଷ୍ୟ ଓ ପ୍ରାଣୀ ଉଭୟଙ୍କ ମସ୍ତିଷ୍କ ଉପରେ କୁପ୍ରଭାବ ପଡୁଥିବାର ଗବେଷଣାରୁ ଜଣାପଡିଛି । କଲରାଡୋ ଷ୍ଟେଟ୍ ବିଶ୍ୱବିଦ୍ୟାଳୟର ଗବେଷକ ୪ ମାସ ତଳେ ମୂଷାଙ୍କୁ ପ୍ରଥମେ ଏହି ଗବେଷଣାରେ ସାମିଲ କରିଥିଲେ । ଗବେଷକଙ୍କ କହିବାନୁସାରେ, ମୂଷାଙ୍କ ମହାକାଶକୁ ପ୍ରେରଣ କରାଯାଇନଥିବାବେଳେ ସେମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ପରୀକ୍ଷାଗାର ତିଆରି କରାଯାଇଥିଲା । ଯାହା ଭିତରର ତାପମାତ୍ରା ଓ ବିକିରଣ ମହାକାଶ ପରି । ମୂଷାମାନେ କେଇ ସପ୍ତାହ ରହିବା ପରେ ହିଁ ସେମାନଙ୍କ ମସ୍ତିଷ୍କ ଉପରେ କୁପ୍ରଭାବ ପଡୁଥିବାର ସ୍ପଷ୍ଟ ହୋଇଥିଲା । ଗବେଷକ ମୁଖ୍ୟ ଲିଓନଙ୍କ ମତରେ ମହାକାଶଚାରୀମାନେ ମାସମାସ ଧରି ମହାକାଶରେ ... ମାନଙ୍କ ମାନସିକ ସ୍ଥିତି ମଧ ପ୍ର... ଗବେଷଣା ଜାଣି ରହିଛି ।



# ସୁନାର ପର୍ବତ



ଉତ୍ତର ପ୍ରଦେଶର ସୋନଭଦ୍ର ଏକ ନକ୍ସଲପ୍ରବଣ ଜିଲ୍ଲା ଭାବେ ଜଣାଶୁଣା । ଏବେ ଆଉ ଏକ କାରଣ ପାଇଁ ଜିଲ୍ଲାଟି ସାରା ଦେଶରେ ଚର୍ଚ୍ଚା ପରିସରକୁ ଆସିଛି ଚର୍ଚ୍ଚା ପଛରେ ରହିଛି ଏହି ଜିଲ୍ଲାର ଦୁଇଟି ଅଞ୍ଚଳରୁ ଠାବ ହୋଇଥିବା ପର୍ଯ୍ୟାପ୍ତ ପରିମାଣର ସୁନା । ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ଆକଳନ ଅନୁସାରେ ଏହି ଅଞ୍ଚଳରେ ପ୍ରାୟ ତିନି ହଜାର ଟନ୍ ଓଜନର ସୁନା ଗଚ୍ଛିତ ଅଛି । ସୋନପାହାଡି ନାମକ ଏକ ଛୋଟିଆ ପର୍ବତରେ ୨,୯୪୪ ଟନ୍ ଏବଂ ହାର୍ଡି ବ୍ଲକ୍‌ର ଗୋଟିଏ ସ୍ଥାନରେ ପ୍ରାୟ ୬୪୬ କିଲୋଗ୍ରାମ୍ ଓଜନର ସୁନା ପୋତି ହୋଇ ରହିଛି, ଯାହାର ଅନୁମାନିକ ମୂଲ୍ୟ ବାର ଲକ୍ଷ କୋଟି ଟଙ୍କା ହେବ । ଏବେ ଭାରତ ପାଖରେ ମୋଟ ୬୨୬ ଟନ୍ ଓଜନ ଏହା ଠାରୁ ପ୍ରାୟ ପାଞ୍ଚ ଗୁଣ ଅଧିକ । କେବଳ ସୁନା ନୁହେଁ, ୟୁରାନିୟମ୍, ଲୌହ, ପଟାସ୍, ସିଲିମାନାଇଟ୍ ଭଳି ମୂଲ୍ୟବାନ୍ ଖଣିଜ ପଦାର୍ଥ ମଧ୍ୟ ଏହି ପର୍ବତରେ ଥିବାର ସନ୍ଧାନ କରାଯାଇଛି ।

# କଫି, ସେଓ ଓ ଏନର୍ଜି



ଅଫିସରେ ହେଉ ଅବା ଘରେ ହେଉ ସମସ୍ତେ ରିଫ୍ରେସ୍‌ମେଣ୍ଟ ପାଇଁ କଫି ପିଇଥାନ୍ତି । କଫି ଟିକେ ପିଇଦେଲେ ହାଲ୍‌କା ଲାଗିବା ସହ କାମ କରିବାକୁ ଆଗ୍ରହ ହୋଇଥାଏ । ତେବେ ଅନେକ ଲୋକ ଜାଣିନାହାନ୍ତି, କଫିଠାରୁ ମଧ୍ୟ ଏନର୍ଜିଯୁକ୍ତ କିଛି ଜିନିଷ ଅଛି ଯାହା ଥକ୍କାପଣକୁ ଦୂର କରେ ଓ ଅଧିକ ଏନର୍ଜି ବି ପ୍ରଦାନ କରେ । ସେଓ ଖାଉଥିବା ଲୋକ ଯଦି କଫିକୁ ବର୍ଜନ କରିବେ, ସେମିତି କିଛି ଅସୁବିଧା ନାହିଁ । କାରଣ ସେଓରେ ଅନେକ ପରିମାଣରେ କାର୍ବୋହାଇଡ୍ରେଟ, ଭିଟାମିନ ସି, ଫାଇବର ଓ ଅନେକ ଖଣିଜ ପୋଷକ ଥାଏ । ଯାହା ଶରୀରକୁ ଅଧିକ ପରିମାଣରେ ଶକ୍ତି ଯୋଗାଇବା ସହ ଥକ୍କାପଣ ବି ଦୂରକରେ । ଏଥିରେ ଚର୍ବି, କୋଲେଷ୍ଟୋରେଲ ଆଦି ନଥିବାରୁ ସ୍ୱାସ୍ଥ୍ୟପାଇଁ ମଧ୍ୟ ଖୁବ୍ ହିତକର ।

# ଖାଲି ପେଟରେ ଖାଆନ୍ତୁନି ଏହି ଖାଦ୍ୟ

**ଆଜିକାଲି ବ୍ୟସ୍ତବହୁଳ ଜୀବନରେ ଖାଇବାକୁ କାହାପାଖରେ ବି ସମୟ ରହୁନି । ସକାଳ ସମୟରେ ଅଫିସ୍ ହେଉ କିମ୍ବା କୌଣସି କାମରେ ଯିବା ପାଇଁ ତରତର ହୋଇ ଆମେ କିଛି ବି ଖାଇ ଦେଇଥାଉ । ତେବେ ଆପଣଙ୍କର ଏହି ଖରାପ ଅଭ୍ୟାସ ସ୍ୱାସ୍ଥ୍ୟ ଉପରେ ଭାରି ପଡିପାରେ । ବିଶେଷଜ୍ଞମାନଙ୍କ ଅନୁଯାୟୀ କେତେକ ଖାଦ୍ୟ ଖାଲିପେଟରେ ଖାଇବା ଉଚିତ୍ ନୁହେଁ । ଆସନ୍ତୁ ଜାଣିବା ଏମିତି କେତେକ ଖାଦ୍ୟ ସମ୍ପର୍କରେ, ଯାହାକୁ ଖାଲି ପେଟରେ ଖାଇବା ଆଦୌ ଉଚିତ୍ ନୁହେଁ ।**

### ମସଲା ଯୁକ୍ତ ଖାଦ୍ୟ

ସକାଳୁ ଜଳଖିଆରେ କେବେବି ମସଲାଯୁକ୍ତ ତଥା ରାଗଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ । ଏହାଦ୍ୱାରା ଦିନସାରା ପେଟର ଅମ୍ଳ ସୃଷ୍ଟି ହୋଇଥାଏ । ଏହା ଅଲ୍‌ସର୍‌ର କାରଣ ମଧ ହୋଇପାରେ ।





### ଖଟା ଫଳ

ଖାଲିପେଟରେ ଖଟା ଫଳ ଖାଇବା ଉଚିତ ନୁହେଁ । ଖାଲି ପେଟରେ କମଳା, ଲେମ୍ବୁ, ପିଜୁଳି ଭଳି ଖଟା ଫଳ ଖାଇବା ଉଚିତ ନୁହେଁ । ଏହାଦ୍ୱାରା ପେଟରେ ଅମ୍ଳ ସୃଷ୍ଟି ହୁଏ । ଏଥିରୁ ଆପଣଙ୍କୁ ଫାଇବର ନିଶ୍ଚିତ ଭାବେ ମିଳିବ । କିନ୍ତୁ ଆପଣଙ୍କ ହଜମ ଶକ୍ତି ହ୍ରାସ ପାଇବାର ସମ୍ଭାବନା ରହିଛି । ତେଣୁ ଏସବୁ ଖଟା ଫଳକୁ ଖାଲି ପେଟରେ ନଖାଇ ପରେ ଖାଆନ୍ତୁ ।

### କଫି



ଖାଲି ପେଟରେ କଫି ପିଇବା ମଧ ସ୍ୱାସ୍ଥ୍ୟ ପ୍ରତି ସମସ୍ୟା ସୃଷ୍ଟି କରିପାରେ । ଏହାଯୋଗୁଁ ଏସିଡିଟି ହେବାର ସମ୍ଭାବନା ରହିଛି । ତେଣୁ ଖାଲି ପେଟରେ ଏହିସବୁ ଖାଦ୍ୟ ଠାରୁ ଦୂରେଇ ରୁହନ୍ତୁ ।

### ମୃଦୁ ପାନୀୟ

ମୃଦୁ ପାନୀୟ ବିଶେଷ କରି ଥଣ୍ଡା ପାନୀୟ ଖାଲି ପେଟରେ ପିଅନ୍ତୁ ନାହିଁ । ଏଥିରେ ପ୍ରଚୁର ମାତ୍ରାରେ କାର୍ବୋନେଟ୍ ଏସିଡ୍ ରହିଛି । ଏହା ପେଟରେ ଥିବା ଏସିଡ୍ ସହିତ ମିଶ୍ରିତ ହୋଇ ସମସ୍ୟା ସୃଷ୍ଟି କରେ । ଏଥିସହିତ ଗ୍ୟାସ୍ ଏବଂ ବାନ୍ତି ହେବାର ସମ୍ଭାବନା ମଧ ରହିଛି । ଖାଲି ପେଟରେ କୋଲ୍ଡ କଫି, ବିୟର ପିଅନ୍ତୁ ନାହିଁ । ଏହାଦ୍ୱାରା ପେଟରେ ଥିବା ଖାଦ୍ୟ ହଜମ ହେବାରେ ସହାୟତା କରୁଥିବା ନଳୀକୁ କ୍ଷତି ପହଞ୍ଚିଥାଏ । ଖାଲି ପେଟରେ ଥଣ୍ଡା ପାନୀୟ ପିଇବା ଦ୍ୱାରା ହଜମ ଶକ୍ତି ହ୍ରାସ ପାଏ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭାରତର ସ୍ୱଷ୍ଟ ନୀତି...

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କରଙ୍କ ଦୁଇଦିନିଆ ରୁଷିଆ ଗସ୍ତ ଦ୍ୱିପାକ୍ଷିକ ସଂପର୍କ ବୃଦ୍ଧିରେ ବିଶେଷ ଭାବେ ସହାୟକ ହୋଇଛି । ଏହା କେବଳ ଭାରତ କିମ୍ୱା ରୁଷିଆ ନୁହେଁ, ଅନ୍ୟାନ୍ୟ ପାଶ୍ଚାତ୍ୟ ଗଣମାଧମରେ ମଧ୍ୟ ଆଲୋଚନା ହେଉଛି। ରୁଷ-ୟୁକ୍ରେନ ଯୁଦ୍ଧ ଏବେ ନବମ ମାସରେ ପଦାର୍ପଣ କରିଥିବାବେଳେ ଏହାର ତୀବ୍ରତା ଗତ କେଇ ସପ୍ତାହ ମଧ୍ୟରେ ବୃଦ୍ଧି ପାଇଛି । ସେପରି ସ୍ଥଳେ, ଏହି ଯୁଦ୍ଧ ଲାଗିବା ପରଠାରୁ ପ୍ରଥମ ମସ୍କୋ ଗସ୍ତରେ ଯାଇ ଡକ୍ଟର ଜୟଶଙ୍କର ତାଙ୍କର ରୁଷ ପ୍ରତିପକ୍ଷ ସେଗେଁଇ ଲାଭିରୋଭିଙ୍କ ସହ ଦ୍ୱିପାକ୍ଷିକ କଥାବାର୍ତ୍ତା କରିବା ସଂଗେ ସଂଗେ ସେ ଦେଶର ଉପପ୍ରଧାନମନ୍ତ୍ରୀ ଡେନିସ୍ ମାଣ୍ଟୁରୋଭ ଏବଂ ଅନ୍ୟାନ୍ୟ ବରିଷ୍ଠ କର୍ମକର୍ତ୍ତାଙ୍କ ସହିତ କ୍ଷେତ୍ରୀୟ ଏବଂ ବୈଶ୍ୱିକ ପ୍ରସଙ୍ଗରେ ମତ ବିନିମୟ କରିଛନ୍ତି । ଏହି ଯୁଦ୍ଧରେ ଏପର୍ଯ୍ୟନ୍ତ ଭାରତକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ଠାରୁ ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଛି । ୟୁକ୍ରେନ ଉପରେ ରୁଷିଆର ସାମରିକ କାର୍ଯ୍ୟାନୁଷ୍ଠାନ ସଂପର୍କରେ ଭାରତ ତାର ଆଭିମୁଖ୍ୟ ସ୍ୱଷ୍ଟ କରିବା ସକାଶେ ସେମାନେ ବାରମ୍ୱାର ଦାବି କରି ଆସୁଥିଲେ । କାରଣ, ଯଥାଶୀଘ୍ର ଯୁଦ୍ଧ ବନ୍ଦ ଆହ୍ୱାନ ଓ ଶାନ୍ତି ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ପାଇଁ ଭାରତ ବାରମ୍ୱାର ଦେଇଆସିଥିବା ଆହ୍ୱାନ ସେମାନଙ୍କ ପାଇଁ ଗ୍ରହଣୀୟ ନଥିଲା । କିନ୍ତ କୂଟନୀତିର ଅଙ୍କ ବଡ଼ ଜଟିଳ। ରୁଷିଆ ଭାରତର ସମୟସିଦ୍ଧ ବନ୍ଧୁ ଓ ସହଯୋଗୀ ରାଷ୍ଟ୍ର । ୟୁକ୍ରେନ ଯୁଦ୍ଧ ମଧ୍ୟ ବିଶ୍ୱ ପାଇଁ ବିପଦ । ୟୁକ୍ରେନକୁ ଆୟୁଧ କରି ପାଶ୍ଚାତ୍ୟ (ନାଟୋ) ରାଷ୍ଟ୍ରମାନେ ଏବେ ଯେଉଁ ଯୁଦ୍ଧ ଖେଳ ଖେଳୁଛନ୍ତି ସେଥିରେ ଭାରତ ପକ୍ଷଭୁକ୍ତ ହେବା ଉଚିତ୍ ହେବନାହିଁ । ଇତିମଧ୍ୟରେ ଯୁଦ୍ଧରେ ଉଭୟ ପକ୍ଷ ବିପୁଳ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି । ପାଶ୍ଚାତ୍ୟ ରାଷ୍ଟ୍ରମାନେ ରୁଷିଆକୁ ଆର୍ଥକ କଟକଣା ଜାଲରେ ଛନ୍ଦି ପକାଇଛନ୍ତି । ଏହାର ଦୁଇଟି ବିରାଟ କୁପରିଣାମ ଏବେ ସମଗ୍ର ବିଶ୍ୱ ଉପରେ ଦେଖାଦେଇଛି । ସେ ଦୁଇଟି ସମସ୍ୟା ହେଲା– ଖାଦ୍ୟ ସଂକଟ ଓ ଶକ୍ତି (ତୈଳ ଓ ବାଷ୍ପ) ସଂକଟ ଏଥିରୁ ଭାରତ ମଧ୍ୟ ବାଦ୍ ନୁହେଁ । ତେଣୁ କୌଣସି ପକ୍ଷଭୁକ୍ତ ହେବା ଅର୍ଥ ଅନ୍ୟ ପକ୍ଷଙ୍କ କ୍ରୋଧର ଶିକାର ହେବା ସୁନିଶ୍ଚିତ। ଏପରି ସ୍ଥଳେ ଭାରତ ତାର ସ୍ୱାଧୀନ ମତକୁ କାଏମ ରଖି ରୁଷିଆ ସହ ତାର ସ୍ୱାଭାବିକ ବାଣିଜ୍ୟ କାରବାର ଜାରି ରଖିଛି । ଆର୍ଥକ ହିସାବରେ ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ଦିନଠାରୁ ଅଦ୍ୟାବଧି ଭାରତ-ରୁଷିଆ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୧୩୦ ପ୍ରତିଶତ ବୃଦ୍ଧି ପାଇ ୧୭ ବିଲିଅନ ଡଲାର ଛୁଇଁଛି, ଯାହାକି ଏକ ସର୍ବକାଳୀନ ରେକର୍ଡ଼ । ସେହିଭଳି ରୁଷିଆର ତୈଳ ଓ ବାଷ୍ପ ଉପରେ ପାଶ୍ଚାତ୍ୟ କଟକଣା ପରେ ଭାରତ ଏବେ ରୁଷିଆ ଠାରୁ ପୂର୍ବାପେକ୍ଷା ଅଧୁକ ଅଶୋଧିତ ତୈଳ କ୍ରୟ କରୁଛି । ଏହା ଭାରତ ପାଇଁ ଯେତିକି ଲାଭପ୍ରଦ୍, ରୁଷିଆ ପାଇଁ ମଧ୍ୟ ବୈଦେଶିକ ମୁଦ୍ରା ଅର୍ଜନ ଦୃଷ୍ଟିରୁ ବେଶ୍ ଜରୁରି । ଭାରତ ବିଶ୍ୱର ତୃତୀୟ ବୃହତ୍ତମ ପେଟ୍ରୋ-ଇନ୍ଧନ ବ୍ୟବହାରକାରୀ ରାଷ୍ଟ୍ର ତେଣୁ ପାଶ୍ଚାତ୍ୟ କଟକଣା ଏବଂ ପେଟ୍ରୋଲିଅମ ଉତ୍ପାଦନକାରୀ ରାଷ୍ଟ୍ର ସଂଘଙ୍କ ଉତ୍ପାଦନ ହ୍ରାସ ନିଷ୍ପତ୍ତି ଭାରତ ଲାଗି ଯେଉଁ ସମସ୍ୟା ଉପୁଜାଇଥିଲା, ଏବେ ସେଥିରୁ ସହଜରେ ନିସ୍ତାର ମିଳିପାରିବ । ସ୍ମରଣଯୋଗ୍ୟ, ଭାରତର ଆର୍ଥିକ ପ୍ରଗତି ଏବେ ଅନ୍ୟମାନଙ୍କ ଦୃଷ୍ଟିରେ ଯାଉନାହିଁ । ତେଣୁ ଭାରତରେ ଶକ୍ତି ଚାହିଦାକୁ ସଂକୋଚନ ଲାଗି କୂଟନୈତିକ ଜାଲ ବିଛାଇବା ସେମାନଙ୍କର ଆଉ ଏକ ଚାଲ୍ । ସେପରି ସ୍ଥଳେ ରୁଷିଆର ତୈଳ ଯୋଗାଣ ଭାରତ ପାଇଁ ଆଶୀର୍ବାଦ ଭଳି ହେବ ବୋଲି ବୈଦେଶିକ ମନ୍ତ୍ରୀ ଡକ୍ଟର ଜୟଶଙ୍କର ସ୍ୱଷ୍ଟଭାବେ ସୂଚାଇଛନ୍ତି । ଯୁଦ୍ଧର ପରିଣତି ଯାହା ହେଉ, ଭାରତ-ରୁଷ ସଂପର୍କକୁ ଆହୁରି ନିବିଡ଼ କରିବା ଦିଗରେ ଡକ୍ଟର ଜୟଶଙ୍କରଙ୍କ ମସ୍କୋ ଗସ୍ତ ଯେ ସହାୟକ ହୋଇଛି ତାହା ସୁନିଶ୍ଚିତ । ଇତିପୂର୍ବରୁ ରାଷ୍ଟ୍ରପତି ପୁଟିନ ମଧ୍ୟ ଭାରତର ଆର୍ଥିକ ବିକାଶ ଧାରାକୁ ଭୂୟସୀ ପ୍ରଶଂସା କରି ଦୁଇ ଦେଶ ମଧ୍ୟରେ ଥିବା ଐତିହାସିକ ନିବିଡ଼ତାର ପ୍ରମାଣ ପ୍ରତିପାଦିତ କରିଥିଲେ। ନିୟମିତ ଭାବେ ଉଭୟ ରାଷ୍ଟ୍ରର ବରିଷ୍ଠ ନେତୃବର୍ଗଙ୍କ ମଧ୍ୟରେ ଆୟୋଜିତ ବୈଠକ ଓ ତାର ଫଳଶ୍ରୁତି ଏହାର ପ୍ରକୃଷ୍ଟ ଉଦାହରଣ।

# ପାକିସ୍ତାନରେ ରାଜନୈତିକ ସଂକଟ



ଡକ୍ଟର ଲକ୍ଷ୍ମଣ ସାହୁ

ଏକ ରାଷ୍ଟ୍ର ଭାବରେ ପାକିସ୍ତାନ ଗଣତନ୍ତ୍ରର ମୂଳ ମୂଲ୍ୟଠାରୁ ବହୁ ଦୂରରେ ଥିବା ଜଣାପଡିଛି । ରାଜନୈତିକ ଯାତ୍ରା ଗଣତାନ୍ତ୍ରିକ ଦେଶରେ ଶକ୍ତି ହାସଲ କରିବାର ଏକ ମାଧ୍ୟମ ଭାବରେ ବିବେଚନା କରାଯାଏ । କିନ୍ତୁ ସେଠାରେ ଏହା ସହଜ ମନେହୁଏ ନାହିଁ । ପାକିସ୍ତାନରେ କ୍ଷମତାକୁ ବିରୋଧ କରି ଲୋକଙ୍କୁ ଏକତ୍ରିତ କରିବା ପାଇଁ 'ଲଙ୍ଗ ମାର୍ଚ୍ଚ'ର ପରମ୍ପରା ବହୁତ ପୁରୁଣା, ଯଦିଓ ଏହା ଗଣତନ୍ତ୍ରର ମଜବୁତ ହେବାର କାରଣ ହୋଇନଥିଲା । ସେଠାରେ ନିର୍ବାଚିତ ଗଣତାନ୍ତ୍ରିକ ସରକାରଗୁଡ଼ିକୁ ଧ୍ୱଂସ କରିବାକୁ, ବିରୋଧୀ ଦଳମାନଙ୍କ ସହିତ ସେନା ଏହି 'ଲଙ୍ଗ ମାର୍ଚ୍ଚ' କୁ ଅନେକ ଥର ମଜବୁତ କରିଥିଲେ । କିନ୍ତୁ ଏହା ଦେଶରେ ଅଶାନ୍ତିର ବାତାବରଣ ସୃଷ୍ଟି କରିବାରେ ସାହାଯ୍ୟ କଲା ଏବଂ ତା'ପରେ ସୁରକ୍ଷା ନାମରେ ପ୍ରଧାନମନ୍ତ୍ରୀଙ୍କୁ ହଟାଇ ଏକ ସାମରିକ ସରକାର ଗଠନ କଲା । ପୁଣିଥରେ ପାକିସ୍ତାନ ସମାନ ମାର୍ଗରେ ଗତି କରୁଛି ୦। ବୋଧହୁଏ ତେହେରିକ-ଇ-ଇନସାଫ ନେତା ଇମ୍ରାନ ଖାନଙ୍କ ନେତୃତ୍ୱରେ 'ଲଙ୍ଗ ମାର୍ଚ୍ଚ'ର କାରଭାନ ଆକ୍ରମଣର ଠିକ୍ ପୂର୍ବରୁ ପାକିସ୍ତାନର ରାଜଧାନୀ ଇସଲାମାବାଦରେ ଶେଷ ହେବ ।

ଗଣତନ୍ତ୍ରକୁ ଶେଷ କରିବା ପାଇଁ ଏହା ଏକ ସୁଚିନ୍ତିତ ପ୍ରୟାସର ଅଂଶ ବୋଲି ଜଣାପଡିଛି । 'ଲଙ୍ଗ ମାର୍ଚ୍ଚ'ରେ ଇମ୍ରାନ ଖାନଙ୍କ ଦ୍ୱାରା ମିଳିଥିବା ଅପ୍ରତ୍ୟାଶିତ ସମର୍ଥନ ପାକିସ୍ତାନ ସେନା ପାଇଁ କିମ୍ୱା ଶାସକ ଦଳ ପାଇଁ ଏକ ସୁଖଦ ସଙ୍କେତ ନୁହେଁ । ଇମ୍ରାନ ଖାନ ଦେଶରେ ତୁରନ୍ତ ସାଧାରଣ ନିର୍ବାଚନ ଚାହୁଁଛନ୍ତି । ଯଦିଓ ଏହି ପରିସ୍ଥିତି ତାଙ୍କ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ପାଇଁ ଗ୍ରହଣୀୟ ନୁହେଁ । ଯେଉଁ ସେନା ଉପରେ ଇମ୍ରାନ ଖାନ ୨୦୧୮ ରେ ପ୍ରଧାନମନ୍ତ୍ରୀ ହୋଇଥିଲେ, ସେହି ସୈନ୍ୟ ତାଙ୍କ ରାଜନୈତିକ ଜୀବନର ସବୁଠାରୁ ବଡ ପ୍ରତିଦ୍ୱନ୍ଦ୍ୱୀ ପାଲଟିଛନ୍ତି । କ୍ରିକେଟ୍ ପଡ଼ିଆରେ ଆକ୍ରମଣାତ୍ମକ ମନୋଭାବ ପାଇଁ ପ୍ରସିଦ୍ଧ ଇମ୍ରାନ ଖାନ୍ ଆକ୍ରୋଶ ସହ ରାଜନୈତିକ କ୍ଷେତ୍ରକୁ ଜିତିବାକୁ ଚାହୁଁଛନ୍ତି ?। କିନ୍ତୁ ତାଙ୍କର ଏ ଉଦ୍ୟମ ସଫଳ ମନେ ହେଉନାହିଁ । ସେ ନିଜ ଭାଷଣରେ ଦେଶର ବୈଦେଶିକ ତଥା ଗୃହ ନୀତିର ସ୍ୱାଧୀନତା ବିଷୟରେ କହୁଛନ୍ତି ।

କିନ୍ତୁ ଚଳିତ ବର୍ଷ ୟୁକ୍ରେନ ଉପରେ ରୁଷର ଆକ୍ରମଣ ଆରମ୍ଭରେ ସାମରିକ ପ୍ରଭାବ ଥିବା ଏହି ଇସଲାମିକ ଦେଶରେ ଏହା ନୀତିଗତ କିମ୍ୱା ଅଭ୍ୟାସରେ ସମ୍ଭବ ନୁହେଁ । ପ୍ରଧାନମନ୍ତ୍ରୀ ଭାବରେ ମନ୍ତ୍ରୀ ଇମ୍ରାନ ଖାନଙ୍କ ରୁଷ ଗସ୍ତ ଓ ପୁଟିନଙ୍କ ସହ ସାକ୍ଷାତ ପାକିସ୍ତାନର ସାମରିକ ରଣନୀତି ବିରୁଦ୍ଧ ବୋଲି ବିବେଚନା କରାଯାଇଥିଲା । ଆମେରିକାର ପ୍ରାଧାନ୍ୟ ବିସ୍ତାରିତ ଏହି ଦେଶରେ ଇମ୍ରାନ ଖାନଙ୍କ ରୁଷର ନିକଟତର ହେବାକୁ ଉଦ୍ୟମକୁ ସେନା ଏକ ଆହ୍ୱାନ ଭାବରେ ଗ୍ରହଣ କରିଥିଲେ ଓ ବିରୋଧୀ ଦଳ ସହ ହାତ ମିଳାଇ ତାଙ୍କୁ ପ୍ରଧାନମନ୍ତ୍ରୀ ପଦ ଛାଡିବାକୁ ବାଧ କରିଥିଲେ ।

ପାକିସ୍ତାନର ପ୍ରତ୍ୟେକ ସରକାର ଆମେରିକା ସହିତ ଭଲ ସମ୍ପର୍କ ବଜାୟ ରଖିଛନ୍ତି । ପାକିସ୍ତାନ ସେନା ସହିତ ଅଧିକାଂଶ ଅତ୍ୟାଧୁନିକ ଅସ୍ତ୍ର ଆମେରିକାରୁ ଆସିଛି । ୧୯୭୯ରେ ଆଫଗାନିସ୍ତାନରେ ତତ୍କାଳୀନ ସୋଭିଏତ୍ ୟୁନିଅନର ସାମରିକ ହସ୍ତକ୍ଷେପ ସମୟରେ ପାକିସ୍ତାନ ଓ ଆମେରିକା ମଧ୍ୟରେ ସାମରିକ ତଥା କୂଟନୈତିକ ସମ୍ପର୍କ ଅଦୃଶ୍ୟ ଗତିରେ ବୃଦ୍ଧି ପାଇଥିଲା । ପରେ ଏହାର ବ୍ୟାପକ ବିଶ୍ୱସ୍ତରୀୟ ପ୍ରଭାବ ରହିଥିଲା । ଆଫଗାନିସ୍ତାନରେ ମୁଜାହିଦ୍ଦିନ ବାହିନୀ, ତାଲିବାନର ଜନ୍ମ ଓ ସୋଭିଏତ୍ ୟୁନିଅନର ବିଭାଜନ ଏହି ସର୍ତ୍ତଗୁଡିକର ଫଳାଫଳ ବୋଲି ବିଶ୍ୱାସ କରାଯାଏ । ଆମେରିକାର ଆଦେଶ ଅନୁଯାୟୀ ପାକିସ୍ତାନ ଆତଙ୍କବାଦୀ କେନ୍ଦ୍ର ଗଠନ କରି ସୋଭିଏତ ୟୁନିଅନର ସେନାକୁ ଆଫଗାନିସ୍ତାନରୁ ବାହାର କରିବା ପାଇଁ ଜିହାଦକୁ ଏକ ରାଜନୈତିକ ଅସ୍ତ୍ର କରିଥିଲା । ରୁଷକୁ ଇମ୍ରାନ ଖାଁନଙ୍କ ସମର୍ଥନ ତାଙ୍କର ଅପରିପକ୍ୱତା ଏବଂ ପାକିସ୍ତାନୀ ସାମରିକ ସ୍ୱାର୍ଥର ବିପରୀତ ଭାବରେ ଦେଖାଯାଉଥିଲା । ଏହା ପରେ ପାକିସ୍ତାନ ରାଜନୀତିରେ ଏକ ବିରାଟ ଉତ୍ତେଜନା ଦେଖାଦେଇଥିଲା, ଫଳସ୍ୱରୂପ ଶକ୍ତି ସେମାନଙ୍କ ହାତରୁ ଚାଲିଆସୁଥିଲା । ଶେହବାଜ ସରିଫ ଏବଂ ବୈଦେଶିକ ମନ୍ତ୍ରୀ ବିଲାୱାଲ ଭୁଟ୍ଟୋ ଦେଶର ନୂତନ ପ୍ରଧାନମନ୍ତ୍ରୀ ହୋଇଥିଲେ । କ୍ଷମତା ହରାଇବା ପରେ ଇମ୍ରାନ ଖାନ ଗତ କିଛି ମାସ ଧରି ଶାସକ ଦଳ ଏବଂ ସେନା ସହ କାର୍ଯ୍ୟ କରିଆସୁଥିଲେ । ସେ ଜଣେ ଆକ୍ରମଣକାରୀ ଓ ଶାହାବାଜ ସରିଫ ସରକାରଙ୍କୁ ଘୋଡା ବ୍ୟବସାୟର ସରକାର ଭାବରେ ଶୋଭାଯାତ୍ରାରେ କହିଛନ୍ତି । ସେ ମଧ ଅଦୃଶ୍ୟ ଜନସାଧାରଣଙ୍କ ସମର୍ଥନ ହାସଲ କରୁଛନ୍ତି ।

କିନ୍ତୁ, ଇମ୍ରାନ୍ ଖାନଙ୍କ ଲୋକପ୍ରିୟତାକୁ ନେଇ ସେନା ଓ ଆଇଏସଆଇ ଭୟଭୀତ ଅଛନ୍ତି । ପ୍ରାୟ ଦେଢ ଦଶନ୍ଧି ପୂର୍ବରୁ ବେନଜିର ଭୁଟ୍ଟୋ ପାକିସ୍ତାନରେ କିଛି ସାହସ ଦେଖାଇବାକୁ ଚେଷ୍ଟା କରିଥିଲେ । ଯାହାଫଳରେ ତାଙ୍କୁ ହତ୍ୟା କରାଯାଇଥିଲା । ଏହି ଘଟଣାର ଦଶ ବର୍ଷ ପରେ ଅର୍ଥାତ୍ ୨୦୧୭ ରେ ପାକିସ୍ତାନର ଆତଙ୍କବାଦ ବିରୋଧୀ କୋର୍ଟ ବେନାଜିର ଭୁଟ୍ଟୋ ହତ୍ୟାକାଣ୍ଡରେ ପୂର୍ବତନ ରାଷ୍ଟ୍ରପତି ତଥା ଏକଛତ୍ରବାଦୀ ଶାସକ ପରଭେଜ ମୁଶରଫଙ୍କ ସମ୍ପତ୍ତିକୁ ଷ୍ଟାମ୍ପ କରି ତାଙ୍କୁ ପଳାତକ ଘୋଷଣା କରିଥିଲେ ସହିତ ତାଙ୍କ ସମ୍ପତ୍ତି ଜବତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପାକିସ୍ତାନରେ ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ରାଜନେତାମାନଙ୍କୁ ନିର୍ବାସିତ ହେବାକୁ କିମ୍ୱା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଅଯୋଗ୍ୟ ଘୋଷିତ ହୋଇଛି । ବେନାଜିର ଭୁଟ୍ଟୋଙ୍କୁ ମଧ୍ୟ ସମାନ ଯନ୍ତ୍ରଣା ଭୋଗିବାକୁ ପଡ଼ିଛି । ଯେତେବେଳେ ସେ ୨୦୦୭ରେ ପାକିସ୍ତାନର ମାଟିରେ ପାଦ ଦେଇଥିଲେ, ସେତେବେଳେ ତାଙ୍କୁ ସ୍ୱାଗତ କରିବାକୁ ପ୍ରାୟ ତିନି ଲକ୍ଷ ଲୋକଙ୍କ ଭିଡ ଜମିଥିଲା । ପାକିସ୍ତାନର ସାମରିକ ଶାସନ ଏହାକୁ ନେଇ ବହୁତ ଡରି ଯାଇଥିଲା । ଏହା ପରେ ତାଙ୍କୁ ହତ୍ୟା କରାଯାଇଥିଲା । ଏହା ମଧ୍ୟ ସ୍ୱଷ୍ଟ କରିଛି ଯେ ଦେଶରେ ନିଜର ସାର୍ବଭୌମତ୍ୱ ବଜାୟ ରଖିବା ପାଇଁ ପାକିସ୍ତାନର ସେନା ସର୍ବୋଚ୍ଚ ଗଣତାନ୍ତ୍ରିକ ନେତାମାନଙ୍କୁ ମଧ୍ୟ ମାରିବାକୁ ଦ୍ୱିଧା କରେ ନାହିଁ ।

ସୂଚନାଯୋଗ୍ୟ ଯେ ପାକିସ୍ତାନୀ ସେନା ଦେଶର ଅସ୍ତିତ୍ୱର ଅଧାରୁ ଅଧିକ ସମୟ ଧରି ଏକଛତ୍ରବାଦୀ ଶାସନ ମାଧ୍ୟମରେ ସିଧାସଳଖ ଶାସନ କରିଆସିଛି । ଏପରିକି ଦେଶର ଶକ୍ତିକୁ ଯେ କୌଣସି ମୂଲ୍ୟରେ ନିଜ ଅଧୀନରେ ରଖିଛି । ସେ ଦେଶରେ ଗଣତନ୍ତ୍ର ପ୍ରତି ସମ୍ପୂର୍ଣ୍ଣ ଆଗ୍ରହୀ ସେଠାରେ ନାହିଁ । ଏହି କାରଣରୁ ପାକିସ୍ତାନର କୌଣସି ପ୍ରଧାନମନ୍ତ୍ରୀ ତାଙ୍କ କାର୍ଯ୍ୟକାଳ ପୂରଣ କରିପାରିବେ ନାହିଁ । ଯେତେବେଳେ ଜଣେ ପ୍ରଧାନମନ୍ତ୍ରୀ ନିଜର ଜନପ୍ରିୟ କାର୍ଯ୍ୟ ଦ୍ୱାରା ଲୋକଙ୍କ ହୃଦୟ ଜିତିବାକୁ ଚେଷ୍ଟା କଲେ, ସେ କେବେ ବି ସେନାକୁ ଯାଇ ନଥିଲେ । ଏହିପରି ଭାବରେ, ପାକିସ୍ତାନରେ ଗଣତନ୍ତ୍ରକୁ ଧ୍ୱଂସ କରିବାକୁ ନ୍ୟାୟପାଳିକା ସହିତ ସେନା ଷଡଯନ୍ତ୍ର କରୁଛନ୍ତି । ପାକିସ୍ତାନରେ ରାଜନୈତିକ ଅସ୍ଥିରତା ଏବଂ ସାମରିକ ପ୍ରଭାବକୁ ଆମେରିକା ସମର୍ଥନ କରି ଆସୁଥିବାବେଳେ ପାକିସ୍ତାନର ସାମରିକ ଏକଛତ୍ରବାଦୀ ଶାସନକୁ ନେଇ ଆମେରିକା ଆୟୁବ ଖାନ, ଜେନେରାଲ ୟାହିୟା ଖାନ, ଜେନେରାଲ ଜିଆ-ଉଲ-ହକ ଓ ଜେନେରାଲ ପରଭେଜ ମୁଶରଫଙ୍କୁ ସମ୍ପୂର୍ଣ୍ଣ ସମର୍ଥନ କରିଛି ।

ଦେଶର ବିକାଶ ଅପେକ୍ଷା ଅଧିକ ସାମରିକ ସୁବିଧା ପାଇଁ ଆମେରିକାର ଆର୍ଥିକ ସହାୟତା ବ୍ୟବହାର କରିଥିଲା । ପାକିସ୍ତାନର ବିଭିନ୍ନ ବୃତ୍ତିରେ ସାମରିକ ଅଧିକାରୀଙ୍କ ଏକ ବୃହତ ଯୋଗଦାନ ତଥା ବ୍ୟକ୍ତିଗତ ଆଗ୍ରହ ରହିଛି । ସେଠାରେ ସାଧାରଣ ଜନତା ମୁଦ୍ରାସ୍ଫୀତି ଦ୍ୱାରା ଅସୁବିଧାରେ ପଡ଼ିପାରନ୍ତି, କିନ୍ତୁ ସୈନିକମାନଙ୍କ ସୁବିଧା କେବେ ବି ସାଂଘାତିକ ହୋଇନଥିଲା । କେବଳ ସେନାର ଚାପରେ ସରକାର ଦେଶର ଆର୍ଥିକ ବଜେଟ୍ ସ୍ଥିର କରନ୍ତି । । ସେଠାରେ ସେନ୍ ଏବଂ ଆଇଏସ୍ଆଇକୁ ସମାଲୋଚନା କରିବା ଏକ ଅପରାଧ ବୋଲି ବିବେଚନା କରାଯାଏ । ଇମ୍ରାନ ଖାନ ଏହି ପରିସ୍ଥିତି ଜାଣିଛନ୍ତି । ତଥାପି କ୍ଷମତାକୁ ଫେରିବା ପାଇଁ ନିଜର ଏକ ଅସ୍ତ୍ର ପ୍ରସ୍ତୁତ କରୁଛନ୍ତି । ପାକିସ୍ତାନର ଗଣତନ୍ତ୍ର ସାମରିକ ତଥା ଧାର୍ମିକ ଗୋଷ୍ଠୀର ସଂଗଠିତ ସ୍ୱାର୍ଥର ୱେବରେ ଏତେ ଜଡିତ ଯେ ମୁକ୍ତ ଭାବରେ କାମ କରିବା ସେମାନଙ୍କ ପକ୍ଷେ ଅସମ୍ଭବ । ଇମ୍ରାନ୍ ଖାନ ଦେଶରେ ବ୍ୟବସ୍ଥିତ ପରିବର୍ତ୍ତନ ଚାହୁଁଛନ୍ତି ଯେଉଁଥିରେ ସରକାର ଦେଶର ଆଭ୍ୟନ୍ତରୀଣ ତଥା ବୈଦେଶିକ ନୀତି ନିୟନ୍ତ୍ରଣ କରିବା ଉଚିତ୍ । ସେ ମଧ ପୂର୍ବତନ ସରକାରଙ୍କ ବରିଷ୍ଠ ନେତାଙ୍କ ଅପାର ସମ୍ପତ୍ତି ଉପରେ ଆକ୍ରମଣ କରିଛନ୍ତି । ସେ ଆମେରିକାର ସାମରିକ ବେସ ରହିବାକୁ ପାକିସ୍ତାନକୁ ଖୋଲାଖୋଲି ବିରୋଧ କରୁଛନ୍ତି । କିନ୍ତୁ ସେମାନେ ଭାବନ୍ତି ଯେ ଯଦି ଜନସାଧାରଣଙ୍କ ସମର୍ଥନ ଆଧାରରେ ସେମାନେ ଦେଶରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସଫଳ ହେବେ, ତେବେ ସେନାର ପ୍ରଭାବ ହେତୁ ଏହା ସମ୍ଭବ ନୁହେଁ । ତାଙ୍କର ବିଦ୍ରୋହୀ ମନୋଭାବ ହେତୁ ତାଙ୍କ ଉପରେ ଅନେକ ପ୍ରତିବନ୍ଧକ ଲଗାଯାଇଛି । ଯେଉଁଥିପାଇଁ ସେ ଦେଶର ପ୍ରଧାନମନ୍ତ୍ରୀ ହୋଇପାରିବେ ନାହିଁ ।

ଇମ୍ରାନ ଖାନଙ୍କ ଆମେରିକୀୟ ବିରୋଧୀ ଭାବମୂର୍ତ୍ତି ହେତୁ କ୍ଷମତାର ଶୀର୍ଷରେ ପହଞ୍ଚିବା ତାଙ୍କ ପାଇଁ ବହୁତ କଷ୍ଟସାଧ । ସେନା ମଧ ଏହାକୁ ପସନ୍ଦ କରିବେ ନାହିଁ । ଇମ୍ରାନ ଖାନଙ୍କ ଉପରେ ହୋଇଥିବା ମାରାତ୍ମକ ଆକ୍ରମଣ ପରେ ପାକିସ୍ତାନର ଆଭ୍ୟନ୍ତରୀଣ ସୁରକ୍ଷା ସଙ୍କଟ ପୁଣି ଗଭୀର ହୋଇଛି । ସେନା ଏପରି ସମୟକୁ ଅପେକ୍ଷା କରିଛି । ପାକିସ୍ତାନର ଏହି ରାଜନୈତିକ ଅସ୍ଥିରତା ସାମରିକ ଶାସନ ପାଇଁ ଆଉ ଏକ ସୁଯୋଗ ଆଣିଛି.. କହିଲେ ଅତ୍ୟୁକ୍ତି ହେବ ନାହିଁ...!!!

ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋ:୯୦୪୦ ୧୫୧୪ ୭୫

# ଆର୍ଥିକ ଅନଗ୍ରସର ବର୍ଗଙ୍କୁ ସଂରକ୍ଷଣ : ଏକ ସୁପ୍ରିମ ରାୟ



ଶ୍ରୀବତ୍ସ ନାୟକ

ପୃଥିବୀର ବୃହତ୍ତମ ଦେଶ ଭାରତର ସମ୍ବିଧାନ ହେଉଛି ଦୀର୍ଘତମ । ସ୍ୱାଧୀନ ଭାରତର ସମ୍ବିଧାନ ପ୍ରଣୟନ ହେବା ଦିନଠାରୁ ସଂରକ୍ଷଣ ବ୍ୟବସ୍ଥା ପ୍ରଚଳିତ ହୋଇଆସିଛି । ସମ୍ବିଧାନର ଧାରା ୩୪୧ ଓ ୩୪୨ରେ ସଂରକ୍ଷଣ ବ୍ୟବସ୍ଥା ବିଷୟରେ ଉଲ୍ଲେଖ କରାଯାଇଛି । ୨୦୧୧ ଜନଗଣନା ଅନୁସାରେ ଅନୁସୂଚିତ ଜାତି ଓ ଉପଜାତିଙ୍କ ସଂଖ୍ୟା ଯଥାକ୍ରମେ ଶତକଡ଼ା ୧୭ ଓ ୨୩ ପ୍ରତିଶତ । ଏମାନେ ହେଲେ ସାମ୍ବିଧାନିକ ବର୍ଗ । ସଂରକ୍ଷଣ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ଥିଲେ ଅନୁସୂଚିତ ଜାତି, ଅନୁସୂଚିତ ଉପଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ ଜାତି । ସମ୍ବିଧାନର ବିଭିନ୍ନ ସଂଶୋଧନ ଅନୁସାରେ ସଂରକ୍ଷଣ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ନାଗରିକ ମାନେ ବିଭିନ୍ନ ପ୍ରକାରର ସୁବିଧା ଏବଂ ସୁଯୋଗ ପାଇଆସୁଛନ୍ତି । ଶିକ୍ଷା, ଚାକିରି ଏବଂ ୧୯୯୯ ମସିହାରେ ସମ୍ବିଧାନର ୭୭ତମ ସଂଶୋଧନର ଧାରା ୧୬ ଏବଂ ଉପଧାରା ୪(କ) ଅନୁସାରେ ଓ ୮୨ ତମ ସଂଶୋଧନର ଧାରା ୩୩୫ ଅନୁସାରେ ପଦୋନ୍ନତି କ୍ଷେତ୍ରରେ ସେମାନଙ୍କୁ ଅଗ୍ରାଧିକାର ଦିଆ ହୋଇଆସିଛି । ଧାରା ୧୬(୪), ୧୬(୬) ଅନୁଯାୟୀ ଭାରତୀୟ ପ୍ରଶାସନିକ ସେବା, ଭାରତୀୟ ଆରକ୍ଷୀ ସେବା କ୍ଷେତ୍ରରେ ମଧ ସମସ୍ତ ସୁବିଧା ଦିଆଯାଇଛି । ଖାଲି ଯେ ଅନୁସୂଚିତ ଜାତି, ଅନୁସୂଚିତ ଉପଜାତି, ଅନ୍ୟାନ ପଛୁଆ ବର୍ଗ ଜାତି ଯେ ସଂରକ୍ଷଣର ଅନ୍ତର୍ଭୁକ୍ତ ତା ନୁହେଁ ସମାନତା ଦୃଷ୍ଟିରୁ ମହିଳା ଏବଂ ଅକ୍ଷମ ବ୍ୟକ୍ତି ମାନଙ୍କୁ ମଧ ସାମିଲ କରାଯାଇଛି । ତେଣୁ ସମ୍ବିଧାନ ଯେତିକି ପୁରୁଣା, ସଂରକ୍ଷଣ ବ୍ୟବସ୍ଥା ମଧ ସେତିକି ପୁରୁଣା । ଏହି ବ୍ୟବସ୍ଥା ଖାଲି ଲିଖିତ ରୂପେ ଅଭିହିତ ତା ନୁହେଁ ତୃଣମୂଳ ସ୍ତରରେ ମଧ ଏହି ବ୍ୟବସ୍ଥାକୁ ଲାଗୁ କରାଯାଇଛି । ଯେଉଁ ବର୍ଗ ସମାଜରେ ନିଷ୍ପେସିତ ଏବଂ ଅବହେଳିତ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ଏହି ବ୍ୟବସ୍ଥା ଲାଗୁ କରାଯାଇଅଛି । ସମ୍ବିଧାନ ପ୍ରଣୟନର ୭୨ ବର୍ଷ ମଧ୍ୟରେ ଏହା ୧୦୫ ଥର ସଂଶୋଧନ ହୋଇସାରିଲାଣି । ଶେଷ ଥର ପାଇଁ ଏହା ୧୦ ଅଗଷ୍ଟ ୨୦୨୧ରେ ସଂଶୋଧନ ହୋଇଥିଲା। ଉଚ୍ଚ ଜାତିର ବା ସବର୍ଣ୍ଣ ଆର୍ଥିକ ଅନଗ୍ରସରଙ୍କ ଲାଗି ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ପାଇଁ ୧୨ ଜାନୁୟାରୀ ୨୦୧୯ରେ ସମ୍ବିଧାନର ୧୦୩ ତମ ସଂଶୋଧନ କରାଗଲା । ସଂସଦରେ ପ୍ରବଳ ବିରୋଧ ସତ୍ତ୍ୱେ ସଂଖ୍ୟା ଗରିଷ୍ଠତା ଭିତ୍ତିରେ ଏହି ବିଲ ପାରିତ ହେଲା । ଏହି ସଂରକ୍ଷଣ ବ୍ୟବସ୍ଥାକୁ ଗୁଜୁରାଟର ମୁଖ୍ୟମନ୍ତ୍ରୀ ବିଜୟ ରୁପାଣି ୧୪ ଜାନୁୟାରୀ ୨୦୧୯ ନିଜ ରାଜ୍ୟ ରେ ଲାଗୁ କଲେ ଫଳ ସ୍ୱରୂପ ଏହି ବ୍ୟବସ୍ଥା ଲାଗୁ କରିବାରେ ଗୁଜୁରାଟ ହେଉଛି ଭାରତରେ ପ୍ରଥମ ରାଜ୍ୟ । ଅବଶ୍ୟ ପରେ ପରେ କିଛି ରାଜ୍ୟ ମଧ ଏହି ବ୍ୟବସ୍ଥାକୁ ନିଜ ନିଜ ରାଜ୍ୟରେ ତତ୍କାଳ ଲାଗୁ କରିଦେଲେ । ଯଦିଓ ଏହି ବିଲ୍ ପାରିତ ହେଲା ଏବଂ କେତେକ ରାଜ୍ୟରେ ଲାଗୁ ହେଲା କିନ୍ତୁ ବିଲ୍ ପାରିତ ହେବାର ଦିନ କେଇଟା ପରେ ବିଭିନ୍ନ ଆଡୁ ଏହି ବ୍ୟବସ୍ଥାକୁ ବିରୋଧ କରାଗଲା । କେନ୍ଦ୍ର ସରକାରଙ୍କର ଏହି ଭଳି ନିଷ୍ପତି ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ ରାଜ୍ୟ ରାଜନୀତିରେ ହଇଚଇ ସୃଷ୍ଟି ହେଲା । ଏହି ସଂରକ୍ଷଣ ବ୍ୟବସ୍ଥା ଅଣସାମ୍ବିଧାନିକ, ଆର୍ଥିକ ଅନଗ୍ରସର କଣ କେବଳ ସବର୍ଣ୍ଣ ଜାତିରେ ଅଛନ୍ତି, ସମ୍ବିଧାନର ସମାନତା ଉଲଂଘନ, ଦେଶର ଦଳିତ ତଥା ସାମାଜିକ ନ୍ୟାୟରୁ ବଞ୍ଚିତ ବର୍ଗ, ଅନୁସୂଚିତ ଜାତି (ଏ.ସି), ଅନୁସୂଚିତ ଜନଜାତି (ଏସ୍.ଟି) ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ ଜାତି( ଓ.ବି.ସି)ଙ୍କୁ ଅନ୍ତର୍ଭୁକ୍ତ କରାଇବା ଓ ଏହି ବ୍ୟବସ୍ଥା ଅଣସମ୍ବିଧାନିକ ଦର୍ଶାଇ ସମ୍ବିଧାନର ୧୦୩ ତମ ସଂଶୋଧନର ବୈଧତାକୁ ଚ୍ୟାଲେଞ୍ଜ କରିଥିଲେ କିଛି ରାଜ୍ୟ ଓ କେତେକ ସଂସ୍ଥା । ଅନୁଚ୍ଛେଦ ୧୫(୬) ଓ ୧୬(୬) ରଦ୍ଦ ହେବା ଜରୁରୀ ବୋଲି ଦାବି କରି ସୁପ୍ରିମ କୋର୍ଟ ରେ ୪୦ରୁ ଅଧିକ ପିଟିସନ ଦାୟର ହେଲା ।

ଦୀର୍ଘ ସାଢ଼େ ୩ ବର୍ଷରୁ ଉର୍ଦ୍ଧ ଧରି ମାମଲାଟି ବିଚାରଧୀନ ଥିଲା । ଏହି ମାମଲାକୁ ବିଚାର କରିବା ପାଇଁ ସୁପ୍ରିମ କୋର୍ଟର ଏକ ଖଣ୍ଡପୀଠ ଗଠନ କରାଗଲା । ପାଞ୍ଚ ଜଣିଆ ଖଣ୍ଡପୀଠ ମଧ୍ୟରେ ଥିଲେ ସୁପ୍ରିମ କୋର୍ଟର ମୁଖ୍ୟ ବିଚାରପତି ୟୁ. ୟୁ. ଲଳିତ, ଦିନେଶ ମାହେଶ୍ୱରୀ, ରବୀନ୍ଦ୍ର ଭଟ୍ଟ, ଏମ ତ୍ରିବେଦି, ଜେ.ବି. ପାରଡିବାଲା । ୩ ଜଣ ବିଚାରପତି ଏହି ବ୍ୟବସ୍ଥା ସପକ୍ଷ ରେ ଯୁକ୍ତି ବଢ଼ିଥିବା ବେଳେ ୨ ଜଣ ବିଚାରପତି ଏହାର ବିପକ୍ଷ ରେ ମତବ୍ୟକ୍ତ କରିଥିଲେ ବା ନାପସନ୍ଦ କରିଥିଲେ । ବହୁ ବିଚାର ବିମର୍ଷ ପରେ ଏହି ସଂରକ୍ଷଣକୁ ରଦ୍ଦ କରିବାଲାଗି ହୋଇଥିବା ଆବେଦନ ଗୁଡ଼ିକୁ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ଖାରଜ କଲେ ଫଳରେ କେନ୍ଦ୍ର ସରକାରଙ୍କର ଏକ ବୃହତ ବିଜୟ ହେଲା ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)




## ତୋ ପରି ମୁଁ ହେବି

ସୁଧାକର ରାଉତ

ଡାମରା କାଉରେ ଡାମରା କାଉ
କାଆ କାଆ କରି ବୋବାଉଥାଉ ।

କୁନା କୁନି ଶୀତେ ଶେଯ ନଛାଡି
ଶୋଇଥାନ୍ତି ହୋଇ ଘୋଡ଼ି ଘାଡି ।

ତୋ ରା ସେମାନେ ଶୁଣିଲେ ଥରେ
ଉଠି ବସିଯାନ୍ତି ଶେଯ ଉପରେ ।

ମଲା ଜନ୍ତୁ ପଚା ସଢା ଓ ମଳ
ଆହାର କରି ତୁ କରୁ ନିର୍ମଳ।

କଳା ସିନା ଅଟେ ରଙ୍ଗ ତୋହର
କାମ ଗୁଡା ତୋର କେଡେ ସୁନ୍ଦର ।

ମୋ ବୋଉ ଚାଉଳ କରିଣ ଭାଗ
ବାହାରକୁ ଯାଇ ଦେଖଇ ଆଗ ।

ଚାହିଁ ଚାହିଁ ତା ଆଖି ପାଣି ମରେ
ତୁ କାହିଁ ଲୁଚିଲୁ କେଉଁ ରାଜ୍ୟରେ ।

ପରିବେଶ ଯୋଗୁ ତୁମର ବଂଶ
ଧୀରେ ଧୀରେ ପରା ହୁଅଇ ଧ୍ୱଂସ ।

ଆମେ ନିଶ୍ଚେ ହୋଇବୁ ସଚେତନ
ବଂଶ ବୃଦ୍ଧି ପ୍ରତି ଦେବୁ ଧ୍ୟାନ ।

ସତେ କ'ଣ କରିଛୁ ଅଭିମାନ
ଆମ ସାନ କୁହା ବାରେ ତୁ ମାନ ।

ଫେରିଆରେ ପୁଣି ଡାମରା କାଉ
ତୋ ବିନା ମୋ ମନ ବୁଝେନି
ଆଉ।

ପକ୍ଷୀ ହୋଇ ତୁ କେଡେ ଉପକାରୀ
ମୁଁ ନିଶ୍ଚେ ଜୀବନେ ହେବି
ତୋ ପରି।

♥ ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨

## ତୁମେ ଗଲାପରେ

ରମାକାନ୍ତ ଦାସ

ତୁମେ ଗଲାପରେ........
ମୁଁ ନିଃସଙ୍ଗ ହୋଇଯାଇଛି
ଚତୁର୍ଦ୍ଦିଗ ଶୁନଶାନ୍ ଲାଗେ
ସବୁକିଛି ନିସ୍ତବ୍ଧ ଲାଗେ
ଭାରି ଏକାଏକା ଲାଗେ
ଯେତେ ଚେଷ୍ଟାକଲେ ମଧ
ନିଃସଙ୍ଗତା ରୁ ବାହାରି ପାରେନି ମୁଁ
ଏମିତି ଦିଗହୀନ ପକ୍ଷୀ ପରି
ବୁଲୁଛି ମୁଁ ଏଣେତେଣେ
ଏଠି ସେଠି ଖୋଜେ ମୁଁ ତୁମକୁ
ପ୍ରତିମୁହୂର୍ତ୍ତରେ.........!!

ତୁମେ ଗଲାପରେ.........
ସ୍ଥିରତା ନାହିଁ ମୋ ଭିତରେ
ମନ ମୋ ଭିଜେ ଅଦିନିଆ
ଶ୍ରାବଣରେ
ମୋ ନିରବତାକୁ
ତୁମ ବିରହ ନିଇତି ଚୁମିଯାଏ
ଭୁଲିବାକୁ ଯେତେ ଚେଷ୍ଟାକଲେ ବି
ମୋ ପାଦଟି ତୁମ ସ୍ମୃତିରେଖା
ଟପିଯାଇ ପାରେନାହିଁ........।

♥ ନନ୍ଦିଗ୍ରାମ, ନାଉଗାଁ,
ଜଗତସିଂହପୁର
ମୋ-୯୬୬୮୮୧୫୩୬୯

## ହଁ

କବିରତ୍ନ ନୂତନ କୁମାର ବେହେରା

ତୁମର ସବୁ କଥାରେ 'ହଁ ' ନ ଭରିଲେ
ଏମିତି ତୁମେ ହୁଅ କାହିଁକି କେଜାଣି
ସୁନ୍ଦର ମୁହଁଟାକୁ ତୁମର ମଳିନ କରିଦିଅ
ଲାଗେ ଘୋଟି ଆସୁଛି କି କଳାହାଣ୍ଡିଆ ମେଘ
ଏଇ ବରଷି ଯିବ ବାଦଲ ଫଟାଇ
ମୂଷଳ ଧାରାରେ ତୁହାକୁ ତୁହା ଅଚାନକ୍,
ଆଖି ଦୁଇଟି ବି କଜ୍ଜଳ ଧାରେ
ହୁଏ ଫୁଟା ପଦୁଅଁ ପରି ଢ଼ଳ ଢ଼ଳ
ଦେଖୁ ମୁଁ ହୋଇଯାଏ ବାଷ୍ପାକୁଳରେ ଅବାକ୍।

ମନ ରଖିବାକୁ 'ହଁ' ବାହାରି ଆସେ ନାଭି ମୂଳରୁ
ଖୋଜେ ଆଶ୍ରୟର ଏକ ନିର୍ଭରଯୋଗ୍ୟ ସ୍ଥାନ
ଅନ୍ତତଃ ବଞ୍ଚି ଯିବାକୁ ବରଷା ମାଡ଼ରୁ,
ସତରେ ଏ 'ହଁ ' ଶବ୍ଦରେ ତୁମର ଏତେ ଦୁର୍ବଳତା
ବୁଝିବା ଚେଷ୍ଟା କରି ହୁଏ ମୁଁ ବିଫଳ
ତୁମେ ଭଲ ଭାବରେ ଜାଣ ମୁଁ 'ହଁ' କହିଦେଲେ
ପର ମୁହୂର୍ତ୍ତରେ ସେ 'ହଁ' କୁ 'ହଁ' ରେ
ରଖି ପାରେନି ବଳବତ୍ତର କରି
କାହିଁକି ନା ସେ 'ହଁ' ପ୍ରତି ମୋର ସାମର୍ଥ୍ୟ
ଆସେ ନାହିଁ ପରିବେଶ ପରିସ୍ଥିତି ଦୃଷ୍ଟିରୁ।

ତଥାପି ତୁମକୁ 'ହଁ ' ର ସ୍ୱାଦ ଲାଗେ ଭାରି ମିଠା
ତୁମ ଭିତରେ ଦେଖେ ସକରାତ୍ମକ ସମ୍ଭାବନା
ଶୁଣିବା ମାତ୍ରେ ହସି ଦିଅ ଫିକ୍ କିନା
ଲାଗେ କଳା ବାଦଲ୍ ଭିତରୁ ବାହାରି ଆସିଲା କି
ଧୋବ ଫରଫର ଚାନ୍ଦିନୀ ଝରା ପୁନେଇଁ ଚାନ୍ଦଟା,
ଆଖି ତୁମର କଥା କହେ ନୀରବତାରେ
ସପନର ଶେଜ ପାରିଦିଏ ବିଶ୍ରାମ ଦେବାକୁ
ଲାଗେ ତୁମ ହୃଦୟ ବୀଣା ଉଠୁଛି ଝଙ୍କାର ତୋଳି
ତା ଛନ୍ଦ ତାଳରେ ନାଚି ଯିବାକୁ ଛମ୍ ଛମ୍
ଦେଖି ତୁମର ସେ ରୂପ କୁରୁଳି ଉଠେ ମୋ ମନଟା।

ମୁଁ ବୁଝିବାକୁ ବାଧ ହୁଏ ମିଛ ପ୍ରତିଶ୍ରୁତିର 'ହଁ'
ଭିତରେ ବି ଛପିଛି ଭଲପାଇବାର ଏକ ଆଶ୍ୱାସନା
ମଧୁର ପ୍ରେମର ଅହେତୁକ ଆକର୍ଷଣ
ସଂପର୍କକୁ ନିବିଡ଼ କରିବାର ମନ୍ତ୍ର,
ତୁମର ସରଳ ନିଷ୍ପାପ ପବିତ୍ର ହୃଦୟ
ମୋତେ କୁହୁକ ଲଗାଇ ଦିଏ
ମୁଁ ନାଚାର ହୁଏ 'ହଁ' ଭରିବାକୁ ତୁରନ୍ତ
ସେଥିପାଇଁ ତୁମେ ସତରେ ନିଆରା ସ୍ୱତନ୍ତ୍ର।

♥ ବାରିପଦା, ମୟୂରଭଞ୍ଜ



## ପ୍ରତୀକ୍ଷା

ସ୍ମିତା ପଣ୍ଡା

ତମେ ଆସିବ ବୋଲି
ସବୁକିଛି ସଜେଇ ରଖେ,
ସଜେଇ ରଖେ
ଦେହ, ଘର, ଅଗଣା
ତମେ କିନ୍ତୁ ଆସନି
ଆସେ ଖାଲି ତମର ଶୂନ୍ୟତା ।

ଫେରି ଦେଖେ
କାନ୍ଥରେ ଟଙ୍ଗା ହୋଇଥିବା
କ୍ୟାଲେଣ୍ଡର୍‌କୁ, ଫୋନ୍ କଲ୍‌କୁ,
ମେସେଜ୍ ବକ୍ସକୁ
ଭାବେ କେଉଁଠି କିଛି
ଅସୁବିଧା ରହିଗଲା ବୋଧହୁଏ
ପୁଣିଥରେ ସଜେଇବାରେ ବ୍ୟସ୍ତ
ହୋଇଉଠେ, ସେହି ସବୁକୁ
ସେହି ଦେହ, ଘର, ଅଗଣାକୁ।

ତମେ କିନ୍ତୁ ଆସନି
ତମେ ଆସନି ବୋଲିତ
ପ୍ରତିଦିନ, ପ୍ରତି ରାତି
ମନେ ମନେ, ମୁଁ ଖାଲି ଯାଉଥାଏ
ତମରି ପାଖକୁ।

ନରସିଂହପୁର, କଟକ
ମୋ: ୭୦୦୮୨୪୩୬୭୨







କାର୍ତ୍ତିକ ସାଇଁ

## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୬୨)

# ହନୁମାନଙ୍କର ଅଶୋକ ବନରେ ସୀତାଙ୍କୁ ଠାବ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଲଙ୍କାର ଅଧିଷ୍ଠାତ୍ରୀ ଦେବୀ ଲଙ୍କିନୀକୁ ଧରାଶାୟୀ କରି ହନୁମାନ ଲଙ୍କା ନଗରୀରେ ପ୍ରବେଶକଲେ। ମିନା ଅପା ରାମାୟଣ କଥା ଆରମ୍ଭ କଲେ।

ମାତା ସୀତାଙ୍କୁ ଠାବ କରିବାକୁ ହନୁମାନ ଲଙ୍କା ନଗରୀର ବିଭିନ୍ନ ସ୍ଥାନକୁ ଖୋଜିଲେ। ସୂକ୍ଷ୍ମ ରୂପରେ ଥିବାରୁ ତାଙ୍କୁ କେହି ଦେଖିପାରିଲେନି। ଲଙ୍କା ନଗରୀର ଘର ଘର ବୁଲିଲା ପରେ ସେ ରାବଣର ରାଜ ଉଆସରେ ପ୍ରବେଶ କଲେ। ରାବଣ ଲଙ୍କାର ସୌନ୍ଦର୍ଯ୍ୟ ଅତୀବ ସୁନ୍ଦର ଥିଲା। ମାତ୍ର ହନୁମାନ ସେ ସୌନ୍ଦର୍ଯ୍ୟରେ ବିମୋହିତ ହୋଇନଥିଲେ। ସେ ଖୋଜୁଥିଲେ ମାତା ସୀତାଙ୍କୁ। ରାବଣର ନଜରରେ କୋଠରି କୋଠରି କରି ହନୁମାନ ସୀତାଙ୍କୁ ଖୋଜିଲେ। ମାତ୍ର ସେ ସେଠାରେ ନଥିଲେ। ଦୁଃଖୀ ହୋଇ ପଡ଼ିଲେ ବୀର ହନୁମାନ। ପ୍ରଭୁ ଶ୍ରୀରାମଙ୍କ ପାକୁ ଫେରି ସେ କ’ଣ ଜବାବ ଦେବେ ବୁଝିପାରିଲେ ନାହିଁ।



ସୀତାଙ୍କୁ ଲଙ୍କା ନଗରୀରେ ଠାବ ନକରି ପାରି ଶେଷକୁ ହନୁମାନ ଅଶୋକ ବନରେ ପ୍ରବେଶ କଲେ। ସେଠାରେ ଯାହା ଦେଖିଲେ, ତାହା ବିଶ୍ୱାସ କରିପାରିଲେନି ପବନପୁତ୍ର। ଅଶୋକ ବନରେ ଏକ ଶିଂଶପା ବୃକ୍ଷରେ ନିଜ କ୍ଷୁଦ୍ର ରୂପରେ ବସିଥିଲେ ହନୁମାନ। ତାଙ୍କ ସାମ୍ନାରେ ଥିଲା ଏକ ସୁନ୍ଦର ଉଦ୍ୟାନ। ସେଇ ଉଦ୍ୟାନରେ ଏକ ସୁରମ୍ୟ ଭବନ ଥିଲା ଓ ଏହା ସୁନ୍ଦର ବୃକ୍ଷ ଲତାଙ୍କ ଦ୍ୱାରା ଆଚ୍ଛାଦିତ ଥିଲା। ସେ ଭବନକୁ ଜଗି ବସିଥିଲେ ଅନେକ ଭୟଙ୍କର ରାକ୍ଷସୀ।

ହନୁମାନଙ୍କ ମନରେ ସନ୍ଦେହ ରହିଲା ନାହିଁ ଯେ ରାବଣ ଏହିଠାରେ ମାତା ସୀତାଙ୍କୁ ଲୁଚାଇ ରଖିଛି। ହନୁମାନଙ୍କ ଆଖି ଆଗରେ ଆସିଲେ ଜଣେ ଅତ୍ୟନ୍ତ ସୁନ୍ଦରୀ ଦେବୀ ପ୍ରତିମା। ସେ ଅତ୍ୟନ୍ତ ଦୁଃଖରେ ଏକ ଗଛ ମୂଳରେ ବସି ରହିଥିଲେ। ହନୁମାନ ଜାଣିଗଲେ ରାକ୍ଷସୀଙ୍କ ଘେରରେ ଦୁଃଖରେ ବସିଥିବା ଦେବୀ ପ୍ରତିମା ଆଉ କେହି ନୁହନ୍ତି- ସେ ହିଁ ଜଗଜ୍ଜନନୀ ମାତା ସୀତା।

ସୀତାଙ୍କୁ ଏପରି ବନ୍ଦିନୀ ଅବସ୍ଥାରେ ଦେଖି ହନୁମାନ ଦୁଃଖରେ ମ୍ରିୟମାଣ ହୋଇପଡ଼ିଲେ। ସେ ଜାଣିପାରିଲେ ନାହିଁ, ସେ ମାତା ସୀତାଙ୍କୁ ତାଙ୍କର ପରିଚୟ କିପରି ଦେବ ?

ସମୟ ରାତ୍ରିକାଳ ଥିଲା। ହନୁମାନ ନୀରବରେ ଶିଂଶପା ବୃକ୍ଷରେ ବସି ରହିଲେ ଓ ସେ କିପରି ମାତା ସୀତାଙ୍କୁ ଦେଖା କରିବେ, ସେହି କଥା ଚିନ୍ତା କଲେ। ସେଦିନ ରାତିରେ ରାବଣ ଏକ ଭୟଙ୍କର ସ୍ୱପ୍ନ ଦେଖିଲା। ସ୍ୱପ୍ନରେ ତାଙ୍କୁ ଲଙ୍କାର ଅଧିଷ୍ଠାତ୍ରୀ ଦେବୀ ଲଙ୍କିନୀ ଦେଖାଦେଇ ସେ ଲଙ୍କା ଛାଡୁଛନ୍ତି ବୋଲି ସୂଚନା ଦେଲେ। ନିଦରେ ରାବଣ ଭୟଭୀତ ହୋଇ ବିଳିବିଳେଇ ଉଠିଲା।

ସେ ସଂଗେ ସଂଗେ ଉଠିପଡ଼ି ତାର ଦାସଦାସୀମାନଙ୍କୁ ସଂଗରେ ଧରି ଅଶୋକ ବନରେ ପହଂଚିଲା। ସୀତାଙ୍କ ସମ୍ମୁଖକୁ ଯାଇ ସେ ତାଙ୍କ ପ୍ରେମ ଭିକ୍ଷା କଲା। ମାତା ସୀତା ତାର ଭର୍ତ୍ସନା କଲେ ଓ ଏ କଥା ମଧ୍ୟ କହିଲେ- “ପ୍ରଭୁ ଶ୍ରୀରାମ ଶୀଘ୍ର ଏଠାରେ ପହଂଚି ତୋର ବିନାଶ କରିବେ।” ଏଥିରେ ରାବଣ ଭୀଷଣ ଭାଗରେ ରାଗିଗଲେ ଓ ତାଙ୍କୁ ଡରାଇଲେ ଓ ଧମକାଇଲା। ମାତ୍ର ସୀତା ତା ଧମକରେ ଡରିବାର ମହିଳା ନଥିଲେ। ସେ ନିଶ୍ଚିତ ଥିଲେ-ପ୍ରଭୁ ଶ୍ରୀରାମ ତାଙ୍କୁ ରାବଣ କବଳରୁ ମୁକ୍ତ କରିବେ।

ଶିଂଶପା ବୃକ୍ଷ ଉପରେ ଥାଇ ହନୁମାନ ଏ ସବୁ ଦେଖି ବହୁତ ଦୁଃଖୀ ହେଲେ। ରାବଣ ତା ନବରକୁ ଫେରିଯାଇଥିଲା, ମାତ୍ର ସୀତାଙ୍କୁ ଜଗିଥିବା ରାକ୍ଷସୀମାନେ ତାଙ୍କୁ ଡରାଇଥିଲେ। ସେମାନଙ୍କ ଡରାଇବା ଓ ଧମକାଇବାରେ ମାତା ସୀତା ଦୁଃଖୀ ହୋଇଯାଇଥିଲେ ଓ ‘ହା ରାମ’ କହି ରୋଦନ କରୁଥିଲେ।

ସୀତାଙ୍କୁ ରାକ୍ଷସୀମାନେ ହଇରାଣ କରୁଥିଲା ବେଳେ ତାଙ୍କୁ ଜଗିଥିବା ଜଣେ ବୁଢ଼ୀ ଅସୁରୁଣୀ ତ୍ରିଜଟା ଆସି ରାକ୍ଷସୀମାନଙ୍କୁ ସୀତାଙ୍କୁ ହଇରାଣ ନ କରିବାକୁ କହିଲେ। ସେ ବି ଏକ ସ୍ୱପ୍ନ ଦେଖିଥିଲେ ଓ ସେ ତାଙ୍କ ସ୍ୱପ୍ନ ବୃତ୍ତାନ୍ତ ରାକ୍ଷସୀମାନଙ୍କୁ ଶୁଣାଇଥିଲେ। ତାଙ୍କ ସ୍ୱପ୍ନ ବୃତ୍ତାନ୍ତ ଶୁଣି ରାକ୍ଷସୀମାନେ ଡରିଯାଇଥିଲେ।

ଶିଂଶପା ବୃକ୍ଷରେ ଥାଇ ହନୁମାନ ଏ ସବୁ ଦେଖିଥିଲା। ସେ ରାତି ପାହି ସକାଳ ହେବାକୁ ଅପେକ୍ଷା କରିଥିଲେ।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧



ନଗେନ୍ଦ୍ର ନାଥ ପଟ୍ଟନାୟକ

# ହ୍ୟାପି ଚିଲ୍‌ଡ୍ରେନସ୍ ଡେ’

ଜାଣିବାକୁ ପାଇଲା ଦୀପୁ କାଳେ ପାଠପଢା ଛାଡିଦେଇଛି । ଏଣିକି ସେ କୁଆଡେ ଆଉ ବିଦ୍ୟାଳୟ ବାରଣ୍ଡା ମାଡିବନି । କାରଣ ତା ଘର ଆର୍ଥିକ ସ୍ଥିତି ଭାରି ଦୁର୍ବଳ । ଅସ୍ୱଚ୍ଛଳ ଅବସ୍ଥା । ବାପା ସ୍କୁଲ ଫିସ ଦେବାରେ ଅକ୍ଷମ । ଗରିବ ଘର ପରିବାର ଲୋକଙ୍କ ସାଙ୍ଗମାନେ ତା ପାଇଁ ଆଣିଚନ୍ତି ବହି , ଖାତା କଲର ବାକ୍‌ସ, ନୋଟ୍ ବୁକ୍ , କଲମ, ପେନସିଲ ଆଉ କେତେ କଣ ପଢା ଉପକରଣ । ବିସ୍ମୟଭରା ଆଖିରେ ଦୀପୁ ପଚାରିଲା -ଏସବୁ କଣ ମୋ ପାଇଁ ? ସହପାଠୀ ପାର୍ଥ କହିଲା- ବିଲକୁଲ ତୋ ପାଇଁ ଦୀପୁ । କାରଣ ତୁ ପଢାରେ ବେଶ୍ ଆଗୁଆ । ଆଉ ତୋ ମେଧାଶକ୍ତି ବି ଖୁବ୍ ପ୍ରଖର । ବହୁ ସମୟରେ ତୁ ଆମକୁ ପଢା ବୁଝିବାରେ ସାହାଯ୍ୟ କରିଥାଉ । ଆମ କଣ ତତେ ଏତିକି ସାହାଯ୍ୟ କରିପାରିବୁ ନାଇଁ ? ସଙ୍ଗେ ସଙ୍ଗେ ମୋହିତ କହିଲା -ହଁ ଦୀପୁ , ହତାଶ ହୁଅନି ଆଉ ପାଠପଢା ବି ଛାଡନି । ଆସନ୍ତାକାଲିଠୁ ତତେ ସ୍କୁଲ ଆସିବାକୁ ପଡିବ । ପ୍ରୀୟା କହିଲା-ଏକଦମ ଠିକକଥା କହିଚ । ଏ କଂଚା ବୟସରେ ଆମ ସମସ୍ତେ ପାଠ ପଢିବା ସହିତ ମଜା କରିବା ଉଚିତ । ଶିକ୍ଷା ପ୍ରତିଟି ଶିଶୁର ଅଧିକାର । ମୁହଁରେ ହସ ଉକୁଟାଇ ଦୀପୁ ସାଙ୍ଗମାନଙ୍କଠୁ ଉପହାର ସବୁ ଗ୍ରହଣ କଲା । କହିଲା -ହଁ ସାଙ୍ଗମାନେ, କାଲିଠୁ ମୁଁ ସ୍କୁଲ ଯିବି । ସାଙ୍ଗମାନେ ଆନନ୍ଦରେ ଉଚ୍ଛୁଳିଉଠି ବଡପାଟିରେ କହିପକାଇଲେ -ହ୍ୟାପି ଚିଲ୍‌ଡ୍ରେନସ୍ ଡେ , ଦୀପୁ । ତତେ ସ୍କୁଲରେ ଦେଖିଲ ଆମେ ସମସ୍ତେ ଖୁସିରେ ନାଚିଉଠିବୁ ।



ଦୀପୁ ଖୁବ୍ ଚାଲାକ ଚତୁର ଆଉ ବୁଦ୍ଧିଆ । ଶ୍ରେଣୀରେ ଜଣେ ମେଧାବୀ ଛାତ୍ର ଭାବେ ଗୁରୁଜୀ ଗୁରୁମାମାନେ ତାକୁ ଖୁବ୍ ଭଲ ପାଆନ୍ତି । ହେଲେ ଶ୍ରେଣୀଗୃହରେ ଗଲା ପନ୍ଦରଦିନ ଧରି ତାର ଲଗାତର ଅନୁପସ୍ଥିତି ସହପାଠୀଙ୍କୁ ବଡ ଚିନ୍ତାରେ ପକାଇଲା । ଦିନେ ସରସ୍ୱତୀ ଶିଶୁ ମନ୍ଦିରର ବିଦ୍ୟାର୍ଥୀଗଣ ଦିପୁ ବାବଦରେ ଦୀର୍ଘ ସମୟ ଧରି ଆଳାପ ଆଲୋଚନା କଲେ । ରିଷି କହିଲା -ଭାଇମାନେ ! ଦୀପୁ ସ୍କୁଲକୁ ଆସୁନି କାଇଁକି ? ସେ ତ ଖୁବ୍ ଫୁର୍ତି ଆଉ ଚଳଚଂଚଳ । ବୁଦ୍ଧି ତାର ଭାରି ପ୍ରଖର । ସେ ମତେ ଇଂରାଜୀ ପଢାଉଥିଲା । ମୁଁ ଆଜି ଶ୍ରେଣୀରେ ପାଠପଢା ବେଳେ ତା ଅନୁପସ୍ଥିତିକୁ ଅନୁଭବ କରୁଚି । ମଝିରେ ପ୍ରୀୟା ଯୋଡିଲା -ବିଲକୁଲ ଠିକ କହିଚ ରିଷି । ସେ ବି ମତେ ବିଜ୍ଞାନ ବୁଝାଇବାରେ ସାହାଯ୍ୟ କରୁଥିଲା । କି ଆଶ୍ଚର୍ଯ୍ୟ । ସେ କଣ ଅନ୍ୟ କୋଉ ସ୍କୁଲକୁ ଯାଉଛି ପଢିବା ପାଇଁ ? କିଛିଦିନ ପରେ ପ୍ରୀୟା ଗୁଜୁରାଣ ମେଂଟାଇବା ପାଇଁ ଦୀପୁ ଅନ୍ୟ କୋଉଠି ଖଟୁଛି । ତେଣୁ ଦୀପକୁ ସହାୟତାର ହାତ ବଢାଇବା ପାଇଁ ସହପାଠୀ ସମସ୍ତେ ମିଳିମିଶି ସ୍ଥିରକଲେ । ଏଣେ ଦୀପୁ ଗୁଡାଟିଏ ଧରି ତା ଘରେ ସେମିତି ଛିଡା ହୋଇଥାଏ । ମନକୁ ମନ କହୁଥିଲା ମୋ ପାଖରେ ନଟେଇ ସୂତା ଆଉ ଆକାଶ ଥିଲେ ମୁଁ ଗୁଡିକୁ ବେଶ୍ ଆରାମରେ ଉଡେଇ ପାରନ୍ତି । ଠିକ୍ ସେତିକିବେଳକୁ ସ୍କୁଲର ସହପାଠୀମାନେ ଆସି ପହଁଚିଗଲେ । ଦୀପୁ ସେମାନଙ୍କୁ ଦେଖି ଅବାକ ହୋଇଗଲା । ରିଷି କହିଲା -ଆରେ ସାଙ୍ଗ ଦୀପୁ, ପଢା ଛାଡିଦେବାଟା କଣ ତୋ ଭଳିଆ ମେଧାବୀ ଛାତ୍ରଟି ପକ୍ଷରେ ଶୋଭାପାଏ । ସେମିତି ପ୍ରୀୟ କହିଲା -ପଢା ଛାଡିବାଟା ଆଦୌ ଉଚିତ୍ ନୁହେଁ । ଆମେ ଏଠି ସମସ୍ତେ ଠୁଳ ହୋଇଛୁ ତତେ ସାହାଯ୍ୟ ସହାୟତା କରିବା ପାଇଁ । ହେଇ ଦେଖ, ତୋ ପାଇଁ ଆମେ କଣ ସବୁ ଆଣିଚୁ । ଦୀପୁ ଆଖି ଯୋଡିକ ଉଜ୍ୱଳି ଉଠିଲା । ଆଖି ପୂରେଇ ଦେଖିଲା ,

ଓସ୍କାର ସିଟି, ପ୍ଲଟ ନଂ ୪୫୪,ଲେନ ନଂ-୯, ଲକ୍ଷ୍ମୀସାଗର , ଭୁବନେଶ୍ୱର, ମୋ-୯୪୩୮୩୩୨୧୩୮

## କବିତା

ତୁମ ପାଇଁ

### ଶିଶୁ ଦିବସ

ନିରୁପମା ପାଣି

ଶିଶୁ ଭବିଷ୍ୟତ ଶିଶୁ ମୂଳାଧାର
ଶିଶୁ ହିଁ ଦେଶ ସମ୍ବଳ
ଶିଶୁର ଉନ୍ନତି ଦେଶର ପ୍ରଗତି
ମନେ ରଖିଥାଅ ସକଳ ।

ସ୍ୱାଧୀନ ଭାରତ ପ୍ରଧାନ ମନ୍ତ୍ରୀ ଯେ
ଶିଶୁ ସ୍ନେହୀ ଜବାହର
ତାଙ୍କ ଜନ୍ମଦିନେ ଶିଶୁ ଦିବସ ଯେ
ପାଳୁଛି ଦେଶ ଆମର ।

ମନେ ପଡନ୍ତି ସେ ଚାଚା ଯେ ସବୁରି
ଶିଶୁଙ୍କର ଥିଲେ ପ୍ରିୟ
ଶିଶୁଙ୍କ ମୁହଁରେ ଦେଉଥିଲେ ହସ
ପୋଛିଦେଇ ଆଖି ଲୁହ ।

ପିତା ମୋତିଲାଲ୍ ମାତା ଯେ ସ୍ୱରୁପା
ଦେଇଥିଲେ ତାଙ୍କୁ ଜନ୍ମ
ତାଙ୍କ ଲାଗି ଧନ୍ୟ ଭାରତର ମାଟି
ଦେଶର ଯୋଗ୍ୟ ସନ୍ତାନ।

ଆଜି ବି ଅମର ଜନତା ମାନସେ
ଚାଚା ନେହେରୁଙ୍କ ନାମ
ପବିତ୍ର ଆଜି ଏ ଶିଶୁ ଦିବସରେ
ତାଙ୍କୁ କୋଟିଏ ପ୍ରଣାମ।

+ବିନତରା, ଚାନ୍ଦବାଲି, ଭଦ୍ରକ

### ଆସରେ ଯିବା ଖୋଜି

ନୀଳମଣି ଚାନ୍ଦ

କଟାସ କରେ ଖସ୍ ଖସ୍
କୁକୁର ଭୁକେ ଭୋଓ
ଆହାନ୍ କହେ ବିଲୁଆନନା
ଭୁକୁନି କିଆଁ ହୋଓ।

କୁଆଡ଼େ ଗଲା ହଜି କି ଗଲା
ଯିବାରେ ଆମେ ଖୋଜି
ଭଲ ଉପାୟ ହେବଟି କଲେ
ଆମେରେ ବଣଭୋଜି।

ମାଂସ ରୋଷେଇ ବାସନା ବାରି
ଆସିବ ସିଏ ଧାଇଁ
ରଖିବା ମନେ ଆମେରେ କେହି
ଘଉଡେଇବା ନାହିଁ।

ଦନାରେ ଭରି ଦେବାରେ ମାଂସ
ସେ ଖାଇ ଚାଲି ଯିବ
ଆମରି ଖୁସି ପାଇଁ ସେ ଥରେ
ହୁକେ ହୋ ଭୁକିଦେବ।

କମିଯାଉଛି ତାଙ୍କରି ସଂଖ୍ୟା
ମିଳୁନି ତା’ର ଦେଖା
ଦିନ ଆସିବ ତା ନାମ ଥିବ
ବହିରେ ହୋଇ ଲେଖା।

ବିଲୁଆ ନନା ବିଲୁଆ ନନା
ତୁମେ ତ ହେବ ଖୁସି
ତୁମରି ଖୁସି ଦେଖି ମାଙ୍କଡ଼
ବସୁ ଗଛରେ ରୁଷି।

ସବୁ ଶୁଣିକି ମୁରୁକି ହସି
କହିଲା ଆମ ରୋଜି
ରହିଲା କାହିଁ ବିଲୁଆ ନନା
ଆସରେ ଯିବା ଖୋଜି।

+୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯
ମୋ:୯୬୮୩୨୦୨୩୫୭

### ଆଶିଷ ଅଜାଡି ଦିଅ

ପ୍ରଶାନ୍ତ କୁମାର ଦାଶ



ତୁମର ଜନମ ଦିନକୁ ପାଳୁଛୁ
ଶିଶୁଦିବସଟି ଆମେ
କଅଁଳ ଶିଶୁକୁ ଭଲପାଅ ତୁମେ
ଆମରି ଭାରତଧାମେ ।

ହେ ପ୍ରିୟ ଚାଚାଜୀ ତୁମେଥିଲ ଅତି
ସରଳ ଶାନ୍ତ ଓ ଧୀର
ହଟାଇବା ପାଇଁ ବଣିକଫଉଜ
ଲଢ଼ିଥିଲ ସାଜି ବୀର।

ତୁମରି ମନରେ ନ ଥିଲା ବଡେଇ
ବଡଘର ପୁଅବୋଲି
ପୋଛିଦେଉଥିଲ ଦୁଖୀ ଆଖି ଲୁହ
ଦରଦ ଅନ୍ତର ଖୋଲି ।

ସହିଥିଲ କେତେ ଦୁଃଖ ଲାଠିମାଡ଼
କାରାଗାରେ ବନ୍ଦୀହେଇ
ପାଇଲ ପୁଲକ ସ୍ୱାଧୀନତା ସୁଖ
ଦେଶ ଜନତାଙ୍କୁ ଦେଇ ।

ଶାନ୍ତି ସହନ୍ତିର ବାଟ କଢ଼ାଉଛି
ତୁମ ପଞ୍ଚଶୀଳନୀତି
ତୁମ କଳପନା ଶାସନ ବଳରେ
ଦୁଃଖତ ହେଇଚି ଇତି ।

କଅଁଳଶିଶୁଙ୍କ ଓଠେ ହସଭରି
ତୁମେ ହେଉଥିଲ ଖୁସି
ଆଖି ଆଗେ ଆଜି ତୁମ ଗୋରାମୁହଁ
ଛବିପରି ଯାଏ ଭାସି ।

ତୁମ ଆଶିଷରେ ହେବେ ଭଲଚାଟ
ଆମରି ଦେଶର ପିଲା
ଯାଇ ସତପଥେ ଦେଶ ଦଶହିତେ
କରିବେନି ଟିକେ ଢିଲା ।

ଆମରି ଦେଶର ଭାଗ୍ୟବିଧାତା ହେ
ଆମରି ପ୍ରଣତି ନିଅ
ହେବାକୁ ଦେଶର ଜାତି କର୍ଣ୍ଣଧାର
ଆଶିଷ ଅଜାଡିଦିଅ ।

+କୁଞ୍ଜର ସଙ୍ଗଳାଇ, ପିପିଲି ପୁରୀ
ମୋ -୯୬୬୮୮୨୨୧୯୦

### ପାଳିବା ଆସ ଶିଶୁ ଦିବସ

ପ୍ରଦୀପ୍ତ କୁମାର ଦାସ

ପାଳିବା ଆସ ଶିଶୁ ଦିବସ ସଭିଏଁ ମିଳି ମିଶି
ଆମ ଖୁସିରେ ହସିବ ଧରା ହସିବେ ରବି ଶଶୀ,
ତୁଟିବ ସବୁ ବାଧା ବନ୍ଧନ ଫୁଟିବ ଖୁସି ଫୁଲ
ଭେଲକୁ ଆମେ ବିବେକ ବଳେ କରିଣ ଦେବା ଭଲ,
ଆଜି ଆମର ଚାଚାଜୀଙ୍କର ଶୁଭ ଜନମ ଦିନ
ପଡୁଛି ମନେ ତାଙ୍କରି କଥା ନାଚୁଛି ତନୁ ମନ,
ଥିଲେ ସେ ଜଣେ ମହତ ଜନ ସବୁରି ଅତି ପ୍ରିୟ
ଭାବିଲେ ଥରେ ତାଙ୍କୁ ନିଜର ଖୁସିରେ ଝରେ ଲୁହ,
ଗୋଲାପ ଫୁଲ ସରାଗେ ଯାଚି କହୁଥିଲେ ସେ ଗପ
ଗୁରୁଜୀ ସମ ଚେତାଉ ଥିଲେ ନକରିବାକୁ ପାପ,
ନଥିଲା ତାଙ୍କ ମନରେ ତିଳେ ଗରବ ଦମ୍ଭ ଘୃଣା
ହେଉ ନଥିଲେ କେବେ ହେଲେ ସେ ଧରମ ପଥୁ ବଣା,
ପ୍ରଧାମନ୍ତ୍ରୀ ଭାବରେ ସେତ ଅରଜି ଥିଲେ ଯଶ
ମମତା ବଳେ ଚଳାଉଥିଲେ ଏଇ ବିଶାଳ ଦେଶ,
ଆସରେ ଆସ ଭଉଣୀ ଭାଇ ଆସରେ ପ୍ରିୟ ସାଥୀ
କୋଟିଏ ସୁରେ ଗାଇବା ଆମେ ଜବାହରଙ୍କ ଗୀତି,
କରିବା ଆସ ମହତ କାମ ତାଙ୍କରି କଥା ମାନି
ହସିବ ଆମ ସାରା ଜୀବନ ନଥିବ କିଛି ଗ୍ଳାନି,
ଏତିକି ଏଇ ଶୁଭ ଦିବସେ ତାଙ୍କରି ପାଶେ ଅଳି
ଦିଅନ୍ତୁ ସିଏ ପ୍ରତି ପରାଣେ ପ୍ରୀତିର ଦୀପ ଜାଳି।

+କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର, ଓଡ଼ିଶା
ପିନ୍ -୭୫୫୦୧୩
ମୋ -୮୫୯୪୮୮୫୮୯୮

### ହୋଇବି ସୁନାପୁଅ

ଆଦ୍ୟାଶା ମହାପାତ୍ର

କଲମଟିଏ ଦିଅରେ ହାତେ
କାଗଜ ଖଣ୍ଡେ ଦିଅ
ଲେଖିବି ମୁଁ ଯେ ଶାନ୍ତିର ଗାଥା
ହୋଇବି ସୁନାପୁଅ ।
ହିଂସା ଅଶାନ୍ତି ଦୂରେଇ ଯିବ
ବିଭେଦ ହେବ ଦୂର
ଶାନ୍ତି ପତାକା ଉଡିବ ନଭେ
ଆନନ୍ଦେ ଫରଫର ।
ରଙ୍ଗ ଟିକିଏ ଦିଅରେ ମୋତେ
ତୁଳୀ ଗୋଟିଏ ଦିଅ
ଆଙ୍କିବି ମୁହିଁ ଖୁସିର ଛବି
ଲିଭାଇ ଦୁଃଖ ମୁହଁ ।
ଦୈନତାର ଛବି ଆଙ୍କିବି
ଖେଳିବ ଆଲୋଡନ
ଭୋକର ଚିତ୍ର ନଥିବ ଆଉ
କେହି ନ ଥିବେ ଦୀନ ।
ବାଇଦଟିଏ ଦିଅରେ ମୋତେ
ବେହେଲା ଟିଏ ଦିଅ
ଛନ୍ଦ ତାଳରେ ଏକତା ଗୀତି
ଗାଇବି ରଖି ଲୟ ।
ଅଳସ ଭାଙ୍ଗି ମୋ ଦେଶ ପୁଅ
ହୋଇବେ ଉଜାଗର
ଦେଶ ପ୍ରଗତି ଉନ୍ନତି ପାଇଁ
ହୋଇବେ ଏକାକାର ।
ବନ୍ଧୁକଟିଏ ଦିଅ ମୋ ହାତେ
ଗୁଳି ବାରୁଦ ଦିଅ
ସୈନିକ ହୋଇ ଜଗିବି ସୀମା
ତୁଟାଇ ମନୁ ଭୟ ।
ଲଢିବି ମୁହିଁ ଶତ୍ରୁ ସହିତ
ଦେଶ ସୁରକ୍ଷା ପାଇଁ
ମରଣ ଆସି ଛୁଇଁ ବି ଯାଉ
ତିଳେ ମୋ ଦୁଃଖ ନାହିଁ ।

+ନୂଆପଡା, କଟକ



# ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ

## ଅନ୍ ଲାଇନ୍‌ରେ ଭୋଟର ନିଜେ ପୂରଣ କଲେ ତଥ୍ୟ ସମ୍ପୂର୍ଣ୍ଣ ନିର୍ଭୁଲ ରହିବ

ଗଞ୍ଜାମ ,୧୧/୧୧ (ନି.ପ୍ର): ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ନଭେମ୍ବର ୯ ତାରିଖ ଠାରୁ ଆରମ୍ଭ ହୋଇଥିବା ବେଳେ ଏହା ଡିସେମ୍ବର ମାସ ୮ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ସମୟସୀମା ମଧ୍ୟରେ ଭୋଟଦାତାଗଣ ସେମାନଙ୍କ ଭୋଟର ତାଲିକା ଗୁଡିକୁ ନିଜ ନିଜ ବୁଥ୍ କିମ୍ବା ଭୋଟର ହେଲପିଙ୍ଗ୍ ଆପ୍ ଜରିଆରେ ପରଖି ପାରିବେ ଏବଂ ସେଥିରେ ରହିଥିବା ନିଜର ତଥ୍ୟ ଭୁଲ୍ ଥିଲେ ନିର୍ଦ୍ଧାରିତ ଫର୍ମ ପୂରଣ କରି ଭୋଟର ତାଲିକାଟିକୁ ସଂଶୋଧନ କରାଇବା ନିମନ୍ତେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ସଦରମହକୁମା ଛତ୍ରପୁର ଠାରେ ଗତକାଲି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଚେତନତାମୂଳକ ଏହି ଜାତୀୟ କାର୍ଯ୍ୟକ୍ରମରେ ଜନ ସାଧାରଣ ସ୍ୱ ଇଚ୍ଛାରେ ଯୋଗଦାନ କରିବାକୁ ଜିଲ୍ଲାପାଳ ଜଣାଇଥିଲେ । ଯେଉଁ ଯୁବକ ମାନଙ୍କର ବୟସ ୧୭ ବର୍ଷରୁ ଉର୍ଦ୍ଧ୍ୱ ସେମାନେ ଫର୍ମ ନଂ ୬ ପୂରଣ କରି ନିଜ ନାମ ପଞ୍ଜିକରଣ କରାଇପାରିବେ । ସେମାନଙ୍କୁ ୧୮ ବର୍ଷ ପୂରଣ ହେଲେ ସେମାନଙ୍କ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବ ଏବଂ ଭୋଟର କାର୍ଡ ପାଇବେ । ଫର୍ମ-୬ 'ଖ' ପୂରଣ କରି ନିଜ ଭୋଟର କାର୍ଡ ସହିତ ଆଧାର କାର୍ଡକୁ ସଂଯୋଗ କରିପାରିବେ । ଫର୍ମ ୭ ପୂରଣ କରି ଭୋଟର ତାଲିକାରୁ ମୃତ ବ୍ୟକ୍ତିଙ୍କ ନାମ ବାଦ୍ କରିପାରିବେ । ଫର୍ମ ୮ ପୂରଣ କରି ଭୋଟର ତାଲିକାରେ ପ୍ରକାଶିତ ତଥ୍ୟ ସଂଶୋଧନ କରାଇ ପାରିବେ । ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ ପ୍ରକୋଷ୍ଠ ଠାରେ ସମସ୍ତ ରାଜନୈତିକ ଦଳ ପ୍ରତିନିଧି, ସାମ୍ବାଦିକ ବନ୍ଧୁଗଣ ଏବଂ ଯୁବ ଛାତ୍ରଛାତ୍ରୀ ମାନଙ୍କୁ ସଚେତନତା ସମ୍ପର୍କିତ ସଭା ଅନୁଷ୍ଠିତ ହୋଇଯାଇଛି ।

ଏଥିରେ ଅତିରିକ୍ତ ଜିଲ୍ଲାପାଳ ଲୀନା କୁମାରୀ ଖେସ୍ ଅଧ୍ୟକ୍ଷତା କରି ଜଣାଇଥିଲେ ଯେ, ଆବେଦନ ବା ସଂଶୋଧନ ପ୍ରକ୍ରିୟାରେ ଭୋଟଦାତାଗଣ ନିଜେନିଜେ ନିଜ ଫୋନ୍‌ରେ ଅନଲାଇନ୍ ଆବେଦନ କିମ୍ବା ସଂଶୋଧନ କରିବେ । ତେବେ ଭୋଟର ତାଲିକାରେ ତଥ୍ୟ ଗୁଡିକ ନିର୍ଭୁଲ ରହିବ । ଅକ୍ଟୋବର ୧ ତାରିଖ ସୁଦ୍ଧା ଯେଉଁ ଯୁବକ ମାନଙ୍କର ବୟସ ୧୮ ବର୍ଷ ସେମାନେ ନିଜ ନାମ ଅନ୍ତର୍ଭୁକ୍ତ କରାଇପାରିବେ । ମହାବିଦ୍ୟାଳୟ ସ୍ତରରେ ଯୁବକଗଣ ନିଜ ନାମ ଭୋଟର ତାଲିକାରେ ପଞ୍ଜିକରଣ କରିବା ଦିଗରେ ଆଗ୍ରହ ହେବା ଆବଶ୍ୟକ ଏବଂ ଅନ୍ୟ ମାନଙ୍କୁ ଏହି କାର୍ଯ୍ୟରେ ସହଯୋଗ କରିବା ଉଚିତ୍ ବୋଲି ଜଣାଇଥିଲେ । ବିଭିନ୍ନ ବିଜୟ ପ୍ରାର୍ଥୀଙ୍କ ପ୍ରତିନିଧିଗଣ ଭୋଟରତାଲିକା ସଂଶୋଧନ ପ୍ରକ୍ରିୟାରେ ଦେଖାଯାଉଥିବା ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ ଏବଂ ଏହାର ସମାଧାନ କିଭଳି ହେବ ସେଥି ସକାଶେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ଛତ୍ରପୁର ଉପ ଜିଲ୍ଲାପାଳ ପ୍ରସନ୍ନ କୁମାର ପାତ୍ର, ଡେପୁଟି କଲେକ୍ଟର ନିର୍ବାଚନ ପ୍ରମୋଦ କୁମାର ବେହେରା, ସହକାରୀ କଲେକ୍ଟର ଅଶୋକ ପ୍ରଧାନ, ବୁଥ୍ ସ୍ତରୀୟ ଅଧିକାରୀ, ସୁପରଭାଇଜର, ନୂତନ ଭୋଟର ଯୁବକ ଯୁବତୀ, ଜରୁରୀକାଳୀନ ଅଧିକାରୀ ସୁକାନ୍ତ କୁମାର ମିଶ୍ର, ସମସ୍ତ ଦଳୀୟ ପ୍ରତିନିଧିଗଣ ଉପସ୍ଥିତ ଥିଲେ । ପରିଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଫର୍ଚୁନ ସ୍ପିରିଟ ଲିମିଟେଡ଼ କମ୍ପାନୀ ସିଲ୍

ଗଞ୍ଜାମ ,୧୧/୧୧ (ନି.ପ୍ର): ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶ କ୍ରମେ ଆଇ.ଡି.ବି.ଆଇ. ବ୍ୟାଙ୍କ ପକ୍ଷରୁ ଗୋପାଳପୁର ଥାନା ନାରାୟଣପୁର - ଆଲିପୁର ରାସ୍ତାରେ ଥିବା ଫର୍ଚୁନ ସ୍ପିରିଟ ଲିମିଟେଡ଼ କମ୍ପାନୀକୁ ସିଲ୍ କରାଯାଇଛି । ସରଫେସି ଆକ୍ଟ ୨୦୦୨ ଆଧାରରେ କନିସି ସହକାରୀ ତହସିଲଦାର କୁଲଦୀପ କୁମାର ମାଜିଷ୍ଟ୍ରେଟ ଦାୟୀତ୍ୱରେ ରହି ଏହାକୁ ସିଲ୍ କରିଛନ୍ତି ।

ସୂଚନା ଅନୁସାରେ, କମ୍ପାନୀର ମାଲିକ ରାଜେଶ ସାହୁ ୨୦୦୯ରୁ ମଦ ବଟଲିଂ ୟୁନିଟ୍ କରିଥିଲେ । ୨୦୧୫ ରେ ସେ ଆଇ.ଡି.ବି.ଆଇ. ବ୍ୟାଙ୍କରୁ ୧୨ କୋଟି ୧୬ ଲକ୍ଷ ୮୫ ହଜାର ୨୧୧ ଟଙ୍କା ଋଣ ନେଇଥିଲେ । ଋଣ ଅର୍ଥ ଓ ସୁଧ ମିଶାଇ ଏବେ ପ୍ରାୟ ୧୫ କୋଟି ଟଙ୍କାରେ ପହଂଚି ଥିଲା । ଅର୍ଥ ପୈଠ କରିବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ରାଜେଶଙ୍କୁ ବାରମ୍ବାର ନୋଟିସ୍ କରିଥିଲେ । ତେବେ ଋଣ ପରିଶୋଧ ନକରିବାରୁ ମାଜିଷ୍ଟ୍ରେଟ କୁଲଦୀପ କୁମାର, ଭୁବନେଶ୍ୱର ଆଇ.ଡି.ବି.ଆଇ. ମୁଖ୍ୟ ଶାଖାର ଅଧିକାରୀ, ଗୋପାଳପୁର ଥାନା ଅଧିକାରୀ ଶ୍ରୀକାନ୍ତ ଖମାରୀଙ୍କ ସମେତ ୨ ପ୍ଲାଟୁନ ପୋଲିସ ଫୋର୍ସଙ୍କ ଉପସ୍ଥିତିରେ କମ୍ପାନୀକୁ ସିଲ୍ କରାଯାଇଛି ।

# ଅଦ୍ୱିକା ଜୀବନ ଶୈଳୀ ଶିକ୍ଷା ତାଲିମ୍ ଶିବିର

ସୁବର୍ଣ୍ଣପୁର ,୧୧/୧୧ (ନି.ପ୍ର): ସୋନପୁର ବ୍ଲକ ମିଶନ ଶକ୍ତି ଗୃହ ସୋନପୁର ପରିସରରେ ଜ଼ିଲ୍ଲା ସ୍ତରୀୟ ଅଦ୍ୱିକା ଜୀବନ ଶୈଳୀ ଶିକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ ଏହି ୨ ଦିନିଆ ତାଲିମ ଶିବିରରେ ଅତିରିକ୍ତ ଜ଼ିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ନିଶି ପୁନମ ମିଞ୍ଜ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥିଭାବେ ଜ଼ିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରେଣୁବାଳା ଦାସ, ପ୍ରୋଗ୍ରାମ ଅଫିସର ଶ୍ରୀମତୀ ଅନିତା ଗୁରୁ, ଜ଼ିଲ୍ଲା ସଂଯୋଜକ ରାକେଶ ପ୍ରଧାନ (ୟୁନିସେଫ ଓ ଆକ୍ସନଏଡ଼) ପ୍ରମୁଖ ଯୋଗ ଦେଇଥିଲେ । ଅତିଥି ବୃନ୍ଦ ଅଦ୍ୱିକା କାର୍ଯ୍ୟକ୍ରମ ମାଧ୍ୟମରେ ପୋଷଣ ଖାଦ୍ୟ, ଆନେମିଆ, ବାଲ୍ୟ ବିବାହ ନିଷେଧ, ସ୍ୱଚ୍ଛତା, ଲିଙ୍ଗନିରୂପଣ ଏବଂ ଲିଙ୍ଗଗତ ବୈଷମ୍ୟ ଉପରେ ଉପାଦେୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ତାଲିମ ଶିବିରରେ ୟୁଏନଏଫପିଏରୁ ଭାରତୀ ମହାପାତ୍ର ଯୋଗଦାନ କରି ମହିଳା ସୁପରଭାଇଜର ଓ ସିଡିପିଓ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଅଦ୍ୟ ତାଲିମ ଶିବିରରେ ୬ ଟି ବ୍ଲକ ରୁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ବିଭାଗରୁ ସମସ୍ତ ସୁପରଭାଇଜର ଓ ସିଡିପିଓ ପ୍ରମୁଖ ଯୋଗଦାନ କରିଛନ୍ତି ।

# ଅସହାୟଙ୍କୁ ପାଣ୍ଡବଙ୍କ ଦ୍ୱାରା ଶୀତ ବସ୍ତ୍ର ବଂଟନ

ବଲାଙ୍ଗିର ,୧୧/୧୧ (ନି.ପ୍ର): ସେବା ମନୋବୃତିରେ ଜଣେ ପୂର୍ବତନ ପ୍ରାଥମିକ ଶିକ୍ଷକ ଶୀତ ବସ୍ତ୍ର ପ୍ରଦାନ କରିଛନ୍ତି । ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କଇଣ୍ଡାପାଲିରୁ ଅବସର ଗ୍ରହଣ କରିଥିବା ଶିକ୍ଷକ ପାଣ୍ଡବ ପଧାନ ତାଙ୍କର ପେନ୍‌ସନ ଅର୍ଥରୁ ପଥରଖଣ୍ଡି ଗ୍ରାମରେ ୩୦ ଜଣଙ୍କୁ ବୃଦ୍ଧ, ବୃଦ୍ଧା, ଅସହାୟ ଓ ଅକ୍ଷମ ବ୍ୟକ୍ତିଙ୍କୁ କମ୍ବଳ ବଂଟନ କରିଥିଲେ । ଶୀତ ଦ୍ୱାରା ସେମାନେ ରକ୍ଷା ପାଇବାକୁ ହସ ହସ ମୁହରେ କମ୍ବଳ ଗ୍ରହଣ କରି ଶ୍ରୀ ପାଣ୍ଡବଙ୍କୁ କୃତଜ୍ଞତା ଜଣାଇବା ସହିତ ଆଶିଷ ପ୍ରଦାନ କରିଥିଲେ ।

# ଉତ୍କଳ ଗୌରବ ସେବା ସଂସଦର ୨୩ତମ ବାର୍ଷିକ ଉତ୍ସବ ଉଦ୍‌ଘାଟିତ

ଧର୍ମଶାଳା ,୧୧/୧୧ (ନି.ପ୍ର): ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ପଂଚାୟତସ୍ଥ ଢିହସାହିର ଆଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍କଳ ଗୌରବ ସେବା ସଂସଦର ୨୩ ତମ ବାର୍ଷିକ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମେଲଣ ପଡିଆରେ ଉଦ୍ଘାଟିତ ହୋଇଯାଇଛି । ବ୍ରହ୍ମବରଦା ସରପଂଚ ମମତା ଶୁଭଦର୍ଶିନୀ ଦେଓ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାନ କରିଥିଲେ । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ୩୬ ନଂ ଜେନା ଜିଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳ, ସଂସଦର ବରିଷ୍ଠ ସଭ୍ୟ ବିପିନ ବିହାରୀ ଦେଓ, ପ୍ରଦିପ ଦାସ, ରାକେଶ ଦେଓ, କାଶିନାଥ ବିଶ୍ୱାଳ, ନିମାଇଁ ଚରଣ ଦାସ, ମାନସ ବେହେରା ଓ କେଶବ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ । ପରେ ଢିହସାହି ମେଲଣ ପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଓଡିଶାର ପ୍ରସିଦ୍ଧ କଣ୍ଠଶିଳ୍ପୀ ଇରା ମହାନ୍ତି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । 'ମନ ରହିଗଲା ତୁମରି ଠାରେ, ପରଦେଶୀୟା, ତୁ ପରା ମୋର ପୁହେଁଇ ଜହ୍ନ, ରାଖି ବାନ୍ଧିଲି ମୋ ରଖିବ ମାନ ଓ ଦେଶାତ୍ମବୋଧକ ସଂଗୀତରେ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ ।

ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଇରା ମହାନ୍ତିଙ୍କୁ ଉତ୍କଳ ଗୌରବ ସମ୍ମାନରେ ସମ୍ମାନୀତ କରାଯାଇଥିଲା । ସଂସଦର ସଭାପତି ଜିତେନ୍ଦ୍ର ପ୍ରସାଦ ସାହୁ, ଉପ-ସଭାପତି ନିତ୍ୟାନନ୍ଦ ରାଉତ, ସମ୍ପାଦକ ନିରାକାର ବେହେରା, ସହ ସମ୍ପାଦକ ମହେଶ ବେହେରା ଓ କୋଷାଧ୍ୟକ୍ଷ ପ୍ରଭାତ କୁମାର ଘଡାଇ, ରାଜେଶ ଜେନା, ବିରଞ୍ଚି ଘଡେଇ ଓ ଅମୀୟ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଢିହସାହି ପୂଜା ମଣ୍ଡପରେ ପ୍ରଭୂ ରାଧାକୃଷ୍ଣ ପୂଜା ପାଉଛନ୍ତି । ଏହି ପୂଜା ଚଳିତ ମାସ ୧୩ ତାରିଖ ଦିନ ଉଦଯାପିତ ହେବ ବୋଲି ଜଣାପଡିଛି ।

# କପିଳେଶ୍ୱର ମନ୍ଦିର ଚୋରୀକୁ ୨୫ ଦିନରେ ପ୍ରତିଶ୍ରୁତି ପରେ ରାସ୍ତାରୁ ଉଠିଲେ ଆନ୍ଦୋଳନକାରୀ

ସୁବର୍ଣ୍ଣପୁର ,୧୧/୧୧ (ନି.ପ୍ର): ବିନିକା ଅଂଚଳର ପ୍ରସିଦ୍ଧ ଶୈବପୀଠ ଚରଦା ସ୍ଥିତ ବାବା କପିଳେଶ୍ୱର ମନ୍ଦିରରୁ ୨ଥର ଚୋରୀ ହୋଇଥିଲେ ହେଁ ଚୋରୀ ସାମଗ୍ରୀ ଉଦ୍ଧାର ତ ଦୂରର କଥା ଚୋର ମାନଙ୍କୁ ମଧ୍ୟ ପୋଲିସ ଧରିବାରେ ବିଫଳ ହୋଇଛି ବୋଲି ଆଜି ସକାଳେ ଅଂଚଳବାସୀଙ୍କ ତରଫରୁ ବିନିକା ସୋନପୁର ମୁଖ୍ୟରାସ୍ତା ଚୌକି ଜୋର୍ ଛକ ଠାରେ ଅଂଚଳବାସୀଙ୍କ ତରଫରୁ ରାସ୍ତାରୋକ ଆନ୍ଦୋଳନ କରାଯାଇଥିଲା ଏଥିରେ ମନ୍ଦିରର ସେବାୟତ,ଟ୍ରଷ୍ଟବୋର୍ଡ କମିଟି କର୍ମକର୍ତ୍ତାଙ୍କ ସହ ଅଂଚଳବାସୀ ପୋଲିସର କାର୍ଯ୍ୟକଳାପକୁ ଘୋର ନିନ୍ଦା କରିବା ସହ ପୋଲିସ ବିରୁଦ୍ଧରେ ନାରାବାଜି ଦେଇ ରାସ୍ତା ଅବରୋଧ କରିଥିଲେ ।ଦୀର୍ଘ ଘଂଟା ଧରି ରାସ୍ତାରୋକ ଆନ୍ଦୋଳନ ଯୋଗୁଁ ଉଭୟ ପାର୍ଶ୍ୱରେ ଯାନବାହାନ ଅଟକି ରହିଥିଲା ।ସ୍ଥାନୀୟ ତହସିଲଦାର,ପୋଲିସ ଏସଡିପିଓ,ବିନିକା ଥାନା ଅଧିକାରୀ ଘଟଣାସ୍ଥଳରେ ପହଂଚି ଆନ୍ଦୋଳନ କାରିଙ୍କ ସହିତ ଆଲୋଚନା କରିଥିଲେ । ହେଲେ ସେମାନେ ନିଜ ଜିଦାରେ ରହିବାରୁ ଶେଷରେ ପ୍ରଶାସନ ୨୫ଦିନ ଭିତରେ ଚୋର ଧରାଯିବ ଓ ଚୋରି ସାମଗ୍ରୀ ଉଦ୍ଧାର ହେବ ବୋଲି ଦୃଢ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।ସୂଚନା ଯୋଗ୍ୟ ଯେ ଅକ୍ଟୋବର ୨୨ତାରିଖ ବିଳମ୍ବିତ ରାତିରେ କେତେକ ମୁଖାପିନ୍ଧା ଦୁର୍ବୃତ୍ତ ମନ୍ଦିର ପଛପଟୁ ପ୍ରବେଶ କରି ସିଂହଦ୍ୱାର,ବାବା କପିଳେଶ୍ୱର ପୀଠ ଓ ଇଷ୍ଟଦେବୀ ମା ଚରଦେଇ ମନ୍ଦିର ସମ୍ମୁଖରେ ଥିବା ଦାନବାକ୍ସକୁ ଚତୁରତାର ସହିତ ତାଡି ସେଥିରେ ଥିବା ଭକ୍ତଙ୍କ ଦାନ ଟଙ୍କା ନେଇ ଯାଇଥିଲେ । ସେହିପରି ୨୦୧୧ ମସିହାରେ ମନ୍ଦିରରୁ ଲକ୍ଷାଧିକଟଙ୍କାର ସୁନା,ରୂପା ଅଳଙ୍କାର,ଦାନବାକ୍ସ ସହ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ବର୍ତମାନ ପର୍ଯ୍ୟନ୍ତ ପୋଲିସ ଉଦ୍ଧାର କରିବାରେ ବିଫଳ ହୋଇଛି । ଅଂଚଳର ଭାବାବେଗ ସହ ଜଡ଼ିତ ଏହି ଐତିହାସିକ ମନ୍ଦିରରୁ ବାରମ୍ବାର ଚୋରୀ ଓ ଚୋର ମାନେ ଧରା ନାପଡିବା କି ଚୋରୀ ସାମଗ୍ରୀ ଉଦ୍ଧାର ନହେବା ଘଟଣା ଶ୍ରଦ୍ଧାଳୁ ଭକ୍ତ,ସେବାୟତ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଥିବା ବେଳେ ଏହି ଘଟଣା ନେଇ ସ୍ଥାନୀୟ ଥାନା ଅଧିକାରୀ ଙ୍କୁ ବାରମ୍ବାର ଲିଖିତ ଅଭିଯୋଗ ଏବଂ ସୁବର୍ଣ୍ଣପୁର ଜିଲ୍ଲାପାଳ ଅବୋଲୀ ସୁନୀଲ ନରୱନେ ଙ୍କୁ ମଧ୍ୟ ଉକ୍ତ ଶୀର୍ଷ କାତର ପ୍ରସଙ୍ଗ ଉପରେ ଅଭିଯୋଗ କରିବା ସହିତ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଙ୍କୁ ଦାବିପତ୍ର ପ୍ରଦାନ କରିବା ସତ୍ତ୍ୱେ ମଧ୍ୟ ଚୋର ଧରାପଡ଼ି ନାହାନ୍ତି ।ତେଣୁ ପୋଲିସ ଉପରେ ଥିବା ଆସ୍ଥା ସମ୍ପୂର୍ଣ୍ଣ ତୁଟି ଯାଇଚି ବୋଲି ଅଂଚଳର ଜନସାଧାରଣ ରାସ୍ତାରୋକ ଆନ୍ଦୋଳନ କରିଛନ୍ତି ।

# ଚକାପାଦରେ ମାଣ୍ଡିଆ ସଚେତନତା ରଥ

କନ୍ଧମାଳ ,୧୧/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ କାର୍ଯ୍ୟାଳୟ ବସ୍ତିଙ୍ଗିଆଠାରେ ନଭେମ୍ବର ୧୦ ତାରିଖକୁ ମାଣ୍ଡିଆ ଦିବସ ଭାବରେ ପାଳନ କରାଯିବା ସହିତ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଏହି ଅବସରରେ, ମାଣ୍ଡିଆ ଜାତୀୟ ଖାଦ୍ୟର ବ୍ୟବହାର ସମ୍ପର୍କିତ ଏକ କର୍ମଶାଳା ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କୃଷି ବିଭାଗ ସହାୟତାରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓଡିଶା ସହଯୋଗରେ ଏହି ରଥକୁ ଗୋଷ୍ଠୀଉନ୍ନୟନ ଅଧିକାରୀ ଅନିଲ କୁମାର ପଟ୍ଟନାୟକ ଉଦଘାଟନ କରିଛନ୍ତି । ସର୍ବସାଧାରଣଙ୍କ ପାଇଁ ମାଣ୍ଡିଆ ଜାତୀୟ ସଶ୍ୟର ଉତ୍ପାଦନ ଏବଂ ଏହାର ଉପଯୋଗ ସମ୍ପର୍କରେ ଏହି ରଥ, ସମଗ୍ର ଚକାପାଦ ବ୍ଲକ ଅଂଚଳରେ ଲୋକଙ୍କ ମଧ୍ୟରେ ସଚେତନତା କରିବ । ଏହି ସଚେତନତା ରଥ ଉଦଘାଟନ ଅବସରରେ ଜିଲ୍ଲା ପରିଷଦ ସଭ୍ୟା ରଂଚନା ନାୟକ, କୃଷି ଜିଲ୍ଲା ଅଧିକାରୀ ବସନ୍ତ ପାଣିଗ୍ରାହୀ, ଗୋଷ୍ଠୀକୃଷି ଅଧିକାରୀ ହେମନ୍ତ କୁମାର ଦାଶ,ବିଟିଏମ୍ ରାଧେ ରମଣ ଶର୍ମା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିବାବେଳେ ଓଡିଶା କାର୍ଯ୍ୟକ୍ରମ ଅଧିକାରୀ ରଞ୍ଜୁଲତା ନାୟକ, ବ୍ଲକ ଅନ୍ତର୍ଗତ ପଂଚାୟତ ପ୍ରତିନିଧି, ସମନ୍ୱିତ ଶିଶୁବିଭାଗ କର୍ମଚାରୀ ଏବଂସମସ୍ତ ବିଭାଗୀୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଏହି ରଥ ଚକାପାଦ ବ୍ଲକକାର୍ଯ୍ୟାଳୟ ପରିସରରୁ ବାହାରି ୧୦ତାରିଖ ସୁଦ୍ଧା ସମସ୍ତ ପଂଚାୟତରେ ଲୋକଙ୍କୁ ସଚେତନ କରିବ ।

# ସୁବର୍ଣ୍ଣପୁରରେ ମହାପୁରୁଷଙ୍କୁ ଅସମ୍ମାନ କଲେ ଅଜଣା ଅସାମାଜିକ ବ୍ୟକ୍ତି

ସୁବର୍ଣ୍ଣପୁର ,୧୧/୧୧ (ନି.ପ୍ର): ସୁବର୍ଣ୍ଣପୁର ସହର ପଟାଭାଡି ନିକଟ ରେ ଥିବା ବୀର ସୁରେନ୍ଦ୍ର ସାଏ ପ୍ରତିମୂର୍ତ୍ତି ରେ ଗତ କାଲି ରାତିରେ କେହି ଅଜଣା ଅସାମାଜିକ ବ୍ୟକ୍ତି ଓଡିଶା ର ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଏହି ମହାପୁରୁଷ ଙ୍କ ପ୍ରତିମୂର୍ତ୍ତି ର ବେକ ଓ ଘୋଡା ର ବେକ ଉପରେ କିଛି ଫଟା ଟାୟାର ଓ ହାତରେ ଅସନା କପଡା ପିନ୍ଧାଇଥିବା ଦୃଶ୍ୟ ଲୋକ ଙ୍କ ନଜର କୁ ଆସିଥିଲା । ଏଭଳି ସମ୍ବେଦନଶୀଳ ଦୃଶ୍ୟ ର ଖବର ପ୍ରଚାର ପ୍ରସାର ହେବା ସହର ର ବୁଦ୍ଧିଜୀବୀ, ସଚେତନ ନାଗରିକ ଙ୍କ ମଧ୍ୟରେ ଅନେକ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା । ହେଲେ ସ୍ୱଚ୍ଛ ଭାରତ ସଂଗଠନ ର ନଜର କୁ ଆସିବା ପରେ ଆଜି ସକାଳ ୮ ଘଂଟା ସମୟ ରେ କିଛି କର୍ମକର୍ତ୍ତା ଏ ଛକ କୁ ପହଂଚି ସେଇ ଟାୟାର, ଓ କପଡା କୁ ହଟାଇ ଧୂଳୀ ମଳି ହୋଇ ପୁରା ଅସନା ହୋଇ ପଡ଼ିଥିବା ଏଇ ମହାପୁରୁଷ ଙ୍କ ପ୍ରତିମୂର୍ତ୍ତି କୁ ଧୋଇ ସଫା କରିଥିଲେ । ଏଠି ପ୍ରଶ୍ନ ଉଠେ ଯେ ଏଇ ମହାପୁରୁଷ ଙ୍କ ଠିକ ପଛ ପଟେ ଥିବା ଏକ ପ୍ରତିଷ୍ଠିତ ଜିମ କୁ ପ୍ରତ୍ୟହ ସକାଳେ ଆସୁଥିବା ଓ ଏନ ଏଚ ର ମୁଖ୍ୟ ରାସ୍ତା ରେ ଯିବା ଆସିବା କରୁଥିବା ବଡ଼ ବଡ଼ ପ୍ରସାସନିକ ଅଧିକାରୀ ଙ୍କ ନଜର କୁ ଆସିଲା ନି କେମିତି ଏଇ ସମ୍ବେଦନଶୀଳ ଦୃଶ୍ୟ । କେବଳ ସ୍ୱତନ୍ତ୍ର ଦିବସ ପାଳନ ବେଳେ ସହର ର ସବୁ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ରେ ଫୁଲ ମାଳଟିଏ ପକେଇଦେଲେ ଓ ଏମାନଙ୍କ ଆଦର୍ଶ ରେ ଅନୁପ୍ରାଣିତ ହେବାକୁ ଭାଷଣ ରଖିଲେ କଣ ପୌର ଓ ଜ଼ିଲ୍ଲା ପ୍ରଶାସନ ର କାର୍ଯ୍ୟ ଶେଷ ହୋଇ ଯିବ ? କୋଉଠି ଗୋବର ତ, କୋଉଠି ମଦ ବୋତଲ, କୋଉଠି ରଙ୍ଗ ଛାଡିଛି ତ କୋଉଠି ଅଳିଆ ଆବର୍ଜନା ହୋଇ ପଡୁଛି ବେଳେ ବେଳେ ସହର ର ଏଇ ପ୍ରତିମୂର୍ତ୍ତି ସବୁ । ଏପରିକି ପ୍ରତିମୂର୍ତ୍ତି ମାନଙ୍କ ର ସୁରକ୍ଷା ପାଇଁ ଥିବା ପ୍ରବେଶ ପଥ ଲୁହା ବାଡ଼ ବି ଭଙ୍ଗା ଦଦରା ହୋଇ ପଡିଛି । ଓଡିଶା ର ବର ପୁତ୍ର ବା ମହାପୁରୁଷ ମାନଙ୍କ ପ୍ରତି ଆଜି ଭଳି ହୋଇଥିବା ଏଇ ସମ୍ବେଦନଶୀଳ ଘଟଣା କୁ ସହର ର ବୁଦ୍ଧିଜୀବୀ ଦୃଢ଼ ନିନ୍ଦା କରିଥିବା ବେଳେ ଦୋଷୀ ବା ଦେଶ ଦ୍ରୋହି ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓ ପ୍ରତିମୂର୍ତ୍ତି ମାନଙ୍କ ର ଯତ୍ନ ଓ ସୁରକ୍ଷା ଦେବାକୁ ଦୃଢ଼ ଦାବୀ କରିଛନ୍ତି ।

# ବନ୍ଧଗଡରେ ପଂଚାୟତ ସମିତିସଭ୍ୟ ଓ ସଭ୍ୟାଙ୍କ ପ୍ରଶିକ୍ଷଣ ଶିବିର

କନ୍ଧମାଳ ,୧୧/୧୧ (ନି.ପ୍ର): ଫୁଲବାଣୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ଜିଲ୍ଲା ପରିଷଦ କନ୍ଧମାଳଙ୍କ ମିଳିତ ସହଯୋଗ ଓ ରାଜ୍ୟ ଗ୍ରାମ୍ୟଉନ୍ନୟନ ପ୍ରତିଷ୍ଠାନ ଏବଂ ପଂଚାୟତିରାଜ ବିଭାଗ ଓଡିଶା ସହାୟତାରେ ଓ ଜିଲ୍ଲା ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପରିଚାଳକ ମନୋଜ କୁମାର ପ୍ରଧାନଙ୍କ ତତ୍ୱାବଧାନରେ ବନ୍ଧଗଡଠାରେ ଥିବା ତାଲିମ୍ କେନ୍ଦ୍ରରେ ଏକ ତିନି ଦିନିଆ ପଂଚାୟତ ସମିତିସଭ୍ୟ, ସଭ୍ୟାଙ୍କ ପ୍ରାରମ୍ଭିକ ପ୍ରଶିକ୍ଷଣ ତାଲିମ କାର୍ଯ୍ୟକ୍ରମ ଉଦ୍ଘାଟିତ ହୋଇଯାଇଛି । ଏହି ତାଲିମ ର ମୂକ୍ଷ ଉଦେଶ୍ୟ ସଶକ୍ତ ଓ ମୋ ସ୍ୱପ୍ନର ପଂଚାୟତ ଗଢିବା ପାଇଁ ଗ୍ରାମ ପଂଚାୟତ ମିଶି, ପଂଚାୟତ ସମିତି ଦ୍ୱାରା ପରିଚାଳିତ ସମସ୍ତ କାର୍ଯ୍ୟକ୍ରମକୁ ସଠିକ ରୁପରେଖ ଦେବା ଓ ଜନସାଧାରଣଙ୍କ ପାଖରେ ସୁବିଧା ସୁଯୋଗ ପହଂଚାଇବା । ଅନୁଷ୍ଠାନର ସମ୍ପାଦକ ଇଂ. ଊରିଶଙ୍କର ରାଉତ ଉପସ୍ଥିତ ରହି ଜନ ପ୍ରତିନିଧି ଭାବରେ ଯେଉଁ ଦାୟୀତ୍ୱ ତୁଲାଇବା କଥା ତାହା ପରିଚାଳନା କଲାବେଳେ ନିଶ୍ଚିତ ରୂପେ ଜନ ସାଧାରଣ ଓ ସରକାରୀ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପଡିବ ନଚେତ ନିଜେକ ରୁଥିବା ଭଲ କାମ ପାଇଁ ମଧ୍ୟ ନିନ୍ଦିତ ହେବାକୁ ପଡିପାରେ ବୋଲି କହିଥିଲେ । ସେଥିପାଇଁ ଆମେ ନିଜ କାର୍ଯ୍ୟଶୈଳୀରେ କିଛି ଅନୁଭୁତି ନେଇ ଗ୍ରାମପଂଚାୟତକୁ ଏକ ସ୍ୱଚ୍ଛ ଓ ସୁନ୍ଦର କରି ଗଢିତୋଳିବା ପାଇଁ ଆଜିଠାରୁ ଚେଷ୍ଟା କରିବାକୁ ଅନୁରୋଧ କରିଥିଲେ । ଉକ୍ତ ତାଲିମ୍ କାର୍ଯ୍ୟକ୍ରମରେ ଫୁଲବାଣୀ, ଖଜୁରିପଡା ଓ ଫିରିଙ୍ଗିଆର ୪୨ଟି ପଂଚୟାତର ସମିତି ସଭ୍ୟସଭ୍ୟା ମାନେ ଯୋଗ ଦେଇଥିବା ବେଳେ ତାଲିମଦାତା ଭାବେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ଦ୍ୱାରା ତାଲିମ ପ୍ରାପ୍ତ ଜ୍ୟୋସ୍ନାରାଣୀ ମହାନ୍ତି ଓ କୈଳାଶଚନ୍ଦ୍ର ପାଢିଯୋଗ ଦେଇଥିଲେ । ଏଥିସହ ଓଡିଶା ଜୀବିକା ମିଶନ, କନ୍ଧମାଳ ଜିଲ୍ଲା ପ୍ରକଳ୍ପ ପରିଚାଳକ ସନ୍ତୋଷ କୁମାର ରଥ ଓ ଜାତୀୟ ସ୍ୱାସ୍ଥ୍ୟମିଶନ ଜିଲ୍ଲା ପ୍ରକଳ୍ପ ପରିଚାଳକ ମନୋରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇ, ସମିତିସଭ୍ୟ/ସଭ୍ୟା ମାନଙ୍କୁ ଯୋଜନାର କାର୍ଯ୍ୟକାରିତା ଓ ଅନ୍ତର୍ଭୁକ୍ତିକରଣକୁ ଗରୁତ୍ୱ ଦେଇ ନିଜନିଜ ପଂଚାୟତର ଓ ପଂଚାୟତ ସମିତି ଜନସାଧାରଣଙ୍କୁ ସଚେନତା କରାଇବାକୁ ଆହ୍ୱାନ ଦେଇଥିଲେ । ଏହି ତାଲିମକୁ ସ୍ୱାତୀର ବରିଷ୍ଠକର୍ମୀ ବିଶ୍ୱରଞ୍ଜନ କର ସଂଯୋଜନା କରିଥିଲେ । ସ୍ୱାତୀ ଅନୁଷ୍ଠାନ ତରଫରୁ ପ୍ରଭାତ ନାୟକ, ବିନୋଦ ବେହେରା, ଅନୁପମା କହଁର, ଏଲ୍.କିର୍ତ୍ତି ରେଡ଼ି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଏସୟୁସିଆଇ ତରଫରୁ ଦାବି ପତ୍ର ପ୍ରଦାନ

ଜୟପୁର ,୧୧/୧୧ (ନି.ପ୍ର): ଏସ୍, ୟୁ, ସି, ଆଇ (କମ୍ୟୁନିଷ୍ଟ), ପାର୍ଟିର ଜୟପୁର ଲୋକାଲ୍ କମିଟି ତରଫରୁ ଏକ ସ୍ମାରକ ପତ୍ର ଭିନ୍ନ ଭିନ୍ନ ଭାବରେ ଜୟପୁର ସବ୍ କଲେକ୍ଟର ଏବଂ ଜୟପୁର ମ୍ୟୁନିସିପାଲ କାର୍ଯ୍ୟ ନିର୍ବାହି ଅଧିକାରୀ ଙ୍କୁ ପ୍ରଦାନ କରାଯାଇଥିଲା । ଏହି ସ୍ମାରକ ପତ୍ର ଜରୀୟାରେ ଜୟପୁର ସହର ଏବଂ ଆଖପାଖ ଅଂଚଳର ବିଭିନ୍ନ ସମସ୍ୟାର ଉଲ୍ଲେଖ କରି ସେଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଦାବି କରାଯାଇଥିଲା । ଦାବିଗୁଡିକ ମଧ୍ୟରେ ଅତ୍ୟଧିକ ଦରଦାମ ବୃଦ୍ଧି ନିୟନ୍ତ୍ରଣ, ଜୟପୁର ଠାରେ ଅବସ୍ଥିତ ମୁଖ୍ୟ ଚିକିତ୍ସାଳୟରେ ଖାଲି ପଡ଼ିଥିବା ବିଶେଷଜ୍ଞ ଡାକ୍ତର ତଥା ଅନ୍ୟାନ୍ୟ କର୍ମଚାରୀଙ୍କ ପଦବୀ ପୂରଣ ସହିତ ଅଲ୍ଟ୍ରାସାଉଣ୍ଡ, ସିଟିସ୍କାନ୍, ଏଣ୍ଡୋସ୍କୋପି, ଥାଇରୟଡ ଟେଷ୍ଟ ଓ ରକ୍ତର ପ୍ଲେଟ୍ଲେଟ୍ ପ୍ରସେସିଂ ଆଦି ପାଇଁ ଆବଶ୍ୟକୀୟ ଉପକରଣ ଓ ବିଶେଷଜ୍ଞ ଷ୍ଟାଫ୍ ର ବ୍ୟବସ୍ଥା, ସହରର ବିଭିନ୍ନ ଛକ ମାନଙ୍କରେ ଓ ରାଜନଅର ଠାରୁ ମୁଖ୍ୟ ରାସ୍ତାରେ ଦେଖା ଯାଉଥିବା ଟ୍ରାଫିକ ଜାମ୍ ଓ ବିଶୃଙ୍ଖଳା ସହିତ ମୋଟର ସାଇକେଲର ରେସ୍ ଡ୍ରାଇଭିଂ ଓ ବିକୃତ ସାଇରନର ବିପଜ୍ଜନକ ଉତ୍ପାତର ନିୟନ୍ତ୍ରଣ ଓ ସମାଧାନ, ସହରର ବିଭିନ୍ନ ସ୍ଥାନରେ ମଦ୍ୟପ ଓ ଅସାମାଜିକ ଗୋଷ୍ଠୀଙ୍କର ଅଧିକ ରାତି ପର୍ଯ୍ୟନ୍ତ ଉପଦ୍ରବ ପରିପ୍ରେକ୍ଷୀରେ ଲୋକାଳୟ ମାନଙ୍କର ସାଧାରଣ ନିରାପତା ଲାଗି ପୋଲିସ ପେଟ୍ରୋଲିଂ ର କଡ଼ାକଡ଼ି ବ୍ୟବସ୍ଥା, ଝୁପୁଡି ବସ୍ତି ମାନଙ୍କରେ ଅବହେଳିତ ରାସ୍ତା ମାନଙ୍କର ନିର୍ମାଣ ଓ ମରାମତି , ସାହି ସାହିରେ ଓ ଗଳି ଗଳିରେ ମଦ କାରବାର ଉଚ୍ଛେଦ, ସହର ବାହାରେ ବୁଲା କୁକୁରଙ୍କ ପାଇଁ ଆଶ୍ରୟସ୍ଥଳ ଆଦି ଉଲ୍ଲେଖନୀୟ । ଏହି ସ୍ମାରକ ପତ୍ର ପ୍ରଦାନରେ ଏସ୍, ୟୁ, ସି, ଆଇ (କମ୍ୟୁନିଷ୍ଟ), ପାର୍ଟି ତରଫରୁ ଜିଲ୍ଲା ସାଂଗଠନିକ କମିଟି ସମ୍ପାଦକ କମ୍ରେଡ କାହ୍ନୁ ବିଶ୍ୱାଳ ଓ ଲୋକାଲ୍ ସାଂଗଠନିକ କମିଟି ସମ୍ପାଦକ କମ୍ରେଡ ପ୍ରଦ୍ୟୁମ୍ନ ସାନ୍ତାଙ୍କ ସମେତ ସୂର୍ଯ୍ୟନାରାୟଣ ବିଷୋଇ, ରାମ ଚନ୍ଦ୍ର ବାରିକ, ରବିନ୍ଦ୍ର କୁମାର ପଣ୍ଡା, ସୁରଜିତ ସ୍ୱାଇଁ, ସୁବାସ ଭଟ୍ଟାଚାର୍ଯ୍ୟ, ପ୍ରଶାନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇ ଥିଲେ ।

# ଗର୍ଭଧାରଣ ପୂର୍ବ ଓ ପ୍ରସବ ପୂର୍ବ ନିଦାନ ପଦ୍ଧତି ସଚେତନତା ସଭା ଅନୁଷ୍ଠିତ

ସୁବର୍ଣ୍ଣପୁର ,୧୧/୧୧ (ନି.ପ୍ର): ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ବିଶ୍ୱ ରଞ୍ଜନ ପତି ଅଧ୍ୟକ୍ଷତାରେ ସ୍ୱାସ୍ଥ୍ୟ ବିଭାଗ ସମ୍ମିଳନୀ କକ୍ଷରେ ଗର୍ଭଧାରଣ ପୂର୍ବ ଓ ପ୍ରସବ ପୂର୍ବ ନିଦାନ ପଦ୍ଧତି ଉପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାରେ କ୍ରମାଗତ କମୁଥିବା କନ୍ୟା ସନ୍ତାନ ଜନ୍ମ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଏହାର କାରଣ, ନିରାକରଣ ଓ ତଦ ସଂକ୍ରାନ୍ତୀୟ ଆଇନ ଉପରେ ଆଲୋଚନା ହୋଇ ଜନ୍ମକାଳୀନ ଲିଙ୍ଗଗତ ବିଷମତା ଦୂର କରିବାକୁ କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକ୍ଷକ ଡାକ୍ତର ପ୍ରଦୀପ କୁମାର ଗୁରୁ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ( ପରିବାର କଲ୍ୟାଣ) ଡାକ୍ତର ଦୈତ୍ୟ ନାରାୟଣ ପାଢୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଯକ୍ଷ୍ମା) ଡାକ୍ତର ପଦ୍ମହଂସା ଦୋରା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ରୋଗ ନିୟନ୍ତ୍ରଣ) ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ, ଡିପିଏମ ବିଶ୍ୱମ୍ବର ବେହେରା, ଆଇନସେବା ସହକାରୀ ପରିଚାଳିକା ଶୋଭନା ଦାଶ, ପିସିପିଏନଡିଟି କମିଟି ଉପଦେଷ୍ଟା ସ୍ୱାଧିନ ମେହେରଙ୍କ ସମେତ ଜିଲ୍ଲାର ସମସ୍ତ ଅଲଟ୍ରାସାଉଣ୍ଡ କ୍ଲିନିକର ସତ୍ତ୍ୱାଧିକାରୀ ଓ ଅଲଟ୍ରାସାଉଣ୍ଡ କରୁଥିବା ଡାକ୍ତରମାନେ ଯୋଗ ଦେଇଥିଲେ ।

# ମାଣ୍ଡିଆକୁ ଖାଦ୍ୟ ରୁପେ ପ୍ରତ୍ୟେକ ଦିନ ଗ୍ରହଣ କରିବାକୁ ଶପଥ ପାଠ

ଜୟପୁର ,୧୧/୧୧ (ନି.ପ୍ର): ମାଣ୍ଡିଆକୁ ଖାଦ୍ୟ ରୁପେ ପ୍ରତ୍ୟେକ ଦିନ ଗ୍ରହଣ କରିବାରୁ ଶପଥ ପାଠ କରିଥିଲେ । ନଭେମ୍ବର ୧୦ ତାରିଖକୁ ମାଣ୍ଡିଆ ଦିବସ ରୁପେ ପାଳନ କରିବାକୁ ଜୟପୁର ଉପ ଜିଲାପାଳ ଙ୍କ କାର୍ଯ୍ୟାଳୟରେ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜୟପୁର ଉପ ଜିଲାପାଳ ବେଦ ବର ପ୍ରଧାନ ଶପଥ ପାଠ କରାଇଥିଲେ । ଖାଦ୍ୟ ଓ ଗୋଖାଦ୍ୟ ଭାବରେ ମାଣ୍ଡିଆ ଭାରତୀୟ ଚାଷବାସର ଏକ ଅବିଚ୍ଛେଦ୍ୟ ଅଂଶ ବିଶେଷ । ଗ୍ରାମୀଣ ବର୍ଷାପୁଷ୍ଟି ଅଂଚଳରେ ମାଣ୍ଡିଆ ଚାଷ ଦ୍ୱାରା ଚାଷୀ ମାନଙ୍କର ଜୀବନ ଜୀବିକାରେ ଉନ୍ନତି ସମାଜର ନିମ୍ନବର୍ଗ ଲୋକଙ୍କର ପୃଷ୍ଟିଗତ ସୁରକ୍ଷାଦିଗକୁ ଅନୁଭବକରି ଓଡିଶା ସରକାର ଏହି ପୁଷ୍ଟି ଶସ୍ୟର ପୁନରୁଦ୍ଧାର ନିମନ୍ତେ ଓଡିଶା ମିଲେଟ ମିଶନ ଯୋଜନା ଆରମ୍ଭ କରିଛନ୍ତି । ଏହି ମାର୍ଗଦର୍ଶୀ ପଦକ୍ଷେପ ଭାରତ ସରକାର ଏବଂ ଜାତିସଂଘ ସଂସ୍ଥା ମାନଙ୍କ ଦ୍ୱାରା ଏକ ଆଦର୍ଶ ପଦକ୍ଷେପ ଭାବେ ପ୍ରଶଂସା ଓ ବିବେଚନା କରାଯାଇ ଅନ୍ୟ ରାଜ୍ୟରେ ଏହାର ପ୍ରଚାଳନ ନିମନ୍ତେ ଆହ୍ୱାନ କରିଛନ୍ତି । ଦେଶ ଓ ରାଜ୍ୟରେ ପୃଷ୍ଟି ଶସ୍ୟାର ବହୁଳ ଲୋକପ୍ରିୟତା ନମନ୍ତେ ଓଡିଶା ସରକାର ମାର୍ଗଶିର ମାସ ପ୍ରଥମ ଗୁରୁବାରକୁ ମାଣ୍ଡିଆ ଦିବସ ରୁପେ ଘୋଷଣା କରିଛନ୍ତି ।

## ଆର୍ଥିକ ଅନଗ୍ରସର ବର୍ଗଙ୍କୁ ସଂରକ୍ଷଣ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)ଉଚ୍ଚ ଜାତି ବା ସବର୍ଣ୍ଣ ଆର୍ଥିକ ଅନଗ୍ରସରଙ୍କ ଲାଗି ଯେଉଁ ୧୦ ପ୍ରତିଶତ ସଂରକ୍ଷଣର ବ୍ୟବସ୍ଥା କରାଯାଇଥିଲା ତାହା ସମ୍ବିଧାନ ର ମୌଳିକ ଢାଞ୍ଚାକୁ ପରିବର୍ତନ କରୁନାହିଁ ବୋଲି ଖଣ୍ଡପୀଠ ଦର୍ଶାଇ ସରକାରଙ୍କର ନିଷ୍ପତିକୁ କାଏମ ରଖିଥିଲା । ଶେଷରେ ଏହି ବ୍ୟବସ୍ଥା ସପକ୍ଷରେ ହିଁ ରାୟ ଆସିଥିଲା ।ସୁପ୍ରିମ କୋର୍ଟର ମୁଖ୍ୟ ବିଚାରପତି ୟୁ. ୟୁ. ଲଳିତଙ୍କ ବିରୋଧ ସତ୍ତ୍ୱେ ୩:୨ ବହୁଜନ ମତ ଆଧାର ରେ ସୁପ୍ରିମ କୋର୍ଟ ଦେଲେ ସୁପ୍ରିମ ମତ। ଭାରତର ସମ୍ବିଧାନରେ ବହୁମତକୁ ସମ୍ମାନ ଦେବାର ଏଇଟା ହେଉଛି ଆଉ ଏକ ନିଦର୍ଶନ । ବାର୍ଷିକ ରୋଜଗାର ୮ ଲକ୍ଷ ଟଙ୍କାରୁ କମ୍, ୫ଏକରରୁ କମ ଚାଷ ଜମି ଏବଂ ୧୦୦୦ ବର୍ଗ ଫୁଟରୁ କମ ଜାଗା ଥିବା ପରିବାରକୁ ଆର୍ଥିକ ଦୁର୍ବଳ ଶ୍ରେଣୀ ବୋଲି ଧରାଯିବ । ଆଗରୁ ସଂରକ୍ଷଣ ବ୍ୟବସ୍ଥାରେ ରହିଥିବା ଅନୁସୂଚିତ ଜାତି, ଅନୁସୂଚିତ ଉପଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ ଜାତିର ବ୍ୟକ୍ତି ବିଶେଷ ଏଥିରେ ଅନ୍ତର୍ଭୁକ୍ତ ହେବେ ନାହିଁ । ପୂର୍ବର ଏହି ବ୍ୟବସ୍ଥା ରେ ୪୯.୫( ଅନୁସୂଚିତ ଜାତି ୧୫%, ଅନୁସୂଚିତ ଜନଜାତି ୭.୫%, ଅନ୍ୟାନ୍ୟ ପଛୁଆ ବର୍ଗ ଜାତି ୧୦%) ପ୍ରତିଶତ ସଂରକ୍ଷଣ ଥିବା ବେଳେ ପୁନର୍ବାର ୧୦ ପ୍ରତିଶତ ଯୋଗ ହେଲେ ସର୍ବ ମୋଟ ୫୯.୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁହେବ। ଏହି ବ୍ୟବସ୍ଥାଟି ଲାଗୁ ହେଲେ ବିଶେଷ କରି ଗରିବ ସବର୍ଣ୍ଣ ବ୍ୟକ୍ତି ହିଁ ଉପକୃତ ହେବେ । ଶିକ୍ଷା ଓ ଚାକିରି କ୍ଷେତ୍ର ରେ ଅଗ୍ରାଧିକାର ପାଇବେ। ଶିକ୍ଷାର ପ୍ରାଥମିକସ୍ତରଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ପର୍ଯ୍ୟନ୍ତ (ବିଶ୍ୱବିଦ୍ୟାଳୟ ସ୍ତରରେ) ସେମାନଙ୍କୁ ମିଳିବ ଅଗ୍ରାଧିକାର । ସରକାରୀ ଶିକ୍ଷାନୁଷ୍ଠାନ, ଘରୋଇ ଶିକ୍ଷାନୁଷ୍ଠାନ ଏବଂ ସ୍ୱୟଂ ଅର୍ଥ ପରିଚାଳନା ଶିକ୍ଷାନୁଷ୍ଠାନ ଗୁଡିକ ମଧ ଏଥିରେ ଅନ୍ତର୍ଭୁକ୍ତ ହେବେ । ଏସ.ଟି, ଏବଂ ଏସ. ସି ଛାତ୍ର ଛାତ୍ରୀଙ୍କ ଭଳି ମଧ ସେମାନେ ପାଇବେ ଛାତ୍ରବୃତ୍ତି । ଚାକିରି କ୍ଷେତ୍ରରେ ମଧ ସେମାନଙ୍କୁ ଅଗ୍ରାଧିକାର ଦିଆଯିବାର ବିଧି ବ୍ୟବସ୍ଥା ରହିଛି । ଅନ୍ୟପକ୍ଷରେ ଦେଖିବାକୁ ଗଲେ ଯଦିଓ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସମସ୍ତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଛି କିନ୍ତୁ ଯେ ଖାଲି ଶିକ୍ଷା ଓ ଚାକିରି କ୍ଷେତ୍ରରେ ଏହି ବ୍ୟବସ୍ଥା ଲାଗୁ କଲେ କଣ ଆମର ଲକ୍ଷ୍ୟ ସାଧିତ ହୋଇପାରିବ କି? ମୌଳିକ ଢାଞ୍ଚାର ପରିବର୍ତ୍ତନ, ଶିକ୍ଷା ପାଇଁ ଭିତ୍ତିଭୂମି, ସ୍ୱାସ୍ଥ୍ୟ କ୍ଷେତ୍ର ରେ ଅଗ୍ରାଧିକାର ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ତ ନିହାତି ଦରକାର । ଅନ୍ୟଥା ଏହି ବ୍ୟବସ୍ଥାର କେତେ ସୁଫଳ ମିଳିବ ତାହା ହିଁ ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। କେଉଁ ମାନେ ପ୍ରକୃତରେ ଆର୍ଥିକ ଅନଗ୍ରସର ସେମାନଙ୍କୁ ଚିହ୍ନିତ କରିବା ପାଇଁ ଏକ ଏକବିଦ୍ଧ ମାପଦଣ୍ଡ ସ୍ଥିର ହେବା ଦରକାର । ଏହି ବ୍ୟବସ୍ଥା ଦୁରୁପଯୋଗ ଯେମିତି ନା ହେବ ତ ଉପରେ ମଧ ଦୃଷ୍ଟିନିକ୍ଷେପ କରିବା ପାଇଁ ପଡିବ । ଯଦିଓ ଏହା ଜାତିଗତ ସଂରକ୍ଷଣ ନୁହେଁ କିନ୍ତୁ ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ପାଇଁ ଏହା ହେଉଛି ଏକ ମହୋଷଧି। ସର୍ବଦା ଗରିବ କଲ୍ୟାଣ ପାଇଁ ଡିଣ୍ଡିମ ପିଟୁଥିବା ସରକାର ସତରେ ଗରିବ ମାନଙ୍କର କଲ୍ୟାଣ ପାଇଁ ଏଭଳି ଯୋଜନା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ହୋଇପାରେ। ସାମାଜିକ ନ୍ୟାୟ କ୍ଷେତ୍ର ରେ ଏହା ଏକ ପ୍ରେରଣା । ଏହା ଏକ ଐତିହାସିକ ନିଷ୍ପତି । ସୁପ୍ରିମ କୋର୍ଟଙ୍କ ସୁପ୍ରିମ ରାୟକୁ ସମ୍ମାନ ଦେବା ଏବଂ ଏହି ସଂରକ୍ଷଣ ବ୍ୟବସ୍ଥାର ପୂର୍ଣ୍ଣାଙ୍ଗ ରୂପରେଖ କଣ ହେବ ଖାଲି ଦେଖିବା ବାକି ରହିଲା ।

ଅଧ୍ୟାପକ, ବାଣିଜ୍ୟ ବିଭାଗ, କଟକ

# ପାନ୍ଥନିବାସରେ ବୀମା ଲୋକପାଳ ଦିବସ ପାଳିତ




ଭୁବନେଶ୍ୱର : ଭାରତରେ ଜୀବନ ବୀମା ଓ ସାଧାରଣ ବୀମା ଗ୍ରାହକମାନଙ୍କ ଅଭିଯୋଗ ଗୁଡ଼ିକୁ ବିନା ଖର୍ଚ୍ଚରେ, ସ୍ୱଳ୍ପ ସମୟରେ, ନିରପେକ୍ଷ ଭାବରେ ସମାଧାନ କରିବା ପାଇଁ ୧୧-୧୧-୧୯୯୮ରେ ବୀମା ଲୋକପାଳ ସଂସ୍ଥା ଗଠନ କରାଯାଇଥିଲା। ସମଗ୍ର ଭାରତ ବର୍ଷରେ ୧୭ଟି ଅନୁଷ୍ଠନ ମଧ୍ୟରୁ ଭୁବନେଶ୍ୱରର ୬୨ ଫରେଷ୍ଟ ପାର୍କରେ ୨୦-୦୫-୨୦୦୦ ମସିହାରୁ ଉକ୍ତ ଶାଖାଟି ଓଡ଼ିଶା ପାଇଁ କାର୍ଯ୍ୟ କରିଆସୁଅଛି । ନିୟାମାନୁସାରେ ବୀମା ଲୋକପାଳ, ଉପଦେଷ୍ଟା ଓ ମଧ୍ୟସ୍ଥି ଭୂମିକା ଗ୍ରହଣ କରିପାରିବେ ଅଥବା ସ୍ୱତନ୍ତ୍ର ବିଚାର କର୍ତା ଭାବେ ଅଭିଯୋଗ ଉପରେ ସ୍ୱଚ୍ଛ ବିଚାର କରିପାରିବେ। ୧. ଆଂଶିକ କିମ୍ବା ସମ୍ପୂର୍ଣ୍ଣ ବୀମା ଦାବୀ ଅଗ୍ରାହ୍ୟ ହୋଇଥିଲେ, ୨. ବୀମା ସର୍ତ ଅନୁସାରେ ପ୍ରଦତ ହୋଇଥିବା ବୀମା କିସ୍ତି ସମ୍ବନ୍ଧୀୟ, ୩. ବୀମା ପଲିସି ଗଠନର ଆଇନ୍ ବିବାଦୀୟ କାରଣ, ୪. ବୀମା ଦାବୀ ସମାଧାନରେ ବିଳମ୍ବ, ୫. ବୀମା କିସ୍ତି ପାଇବାପରେ ଦସ୍ତାବୀଜ ନଦେବା ଇତ୍ୟାଦି ଉପରେ ଅଭିଯୋଗ ଗ୍ରହଣକରିବା ବୀମା ଲୋକପାଳଙ୍କ ବିଚାର କ୍ଷମତା ଦିଆଯାଇଛି । ଅଭିଜ୍ଞତାରୁ ଜଣାଯାଉଛିଯେ ୯୦% ଅଭିଯୋଗ ସହରାଂଚଳରୁ ଆସୁଅଛି । ଗ୍ରାମାଂଚଳ ବୀମାଧାରୀ ଏ ବିଷୟରେ ପ୍ରାୟ ଅବଗତ ନୁହନ୍ତି। ଆଜିର ଏହି ଦିବସରେ ଅଧ୍ୟକ୍ଷତା କରି ଓଡ଼ିଶା ବୀମା ଲୋକପାଳ ଶ୍ରୀଯୁକ୍ତ ମନୋଜ ପରିଡ଼ା ଗଣମାଧ୍ୟମକୁ ଏ ବିଷୟରେ ସଚେତନା କରାଇବା ସହିତ ପ୍ରଚାର ଓ ପ୍ରାସାର କରିବା ପାଇଁ ଉପଦେଶ ଦେଇଥିଲେ। ସେ ମଧ ବିଗତ ବର୍ଷମାନଙ୍କର ତଥ୍ୟ ପ୍ରଦାନ କରିଥିଲେ। ବିଗତ ଆର୍ଥିକ ବର୍ଷରେ ୧୧୭୦ଟି ଅଭିଯୋଗ ମଧ୍ୟରୁ ୧୧୪୬ଟି ସମାଧାନ ଅଦେଶ ଦିଆଯାଇଥିଲା। ଚଳିତବର୍ଷ ଅକ୍ଟୋବର ଶେଷ ସୁଦ୍ଧା ୮୪୫ ଟି ଅଭିଯୋଗ ମଧ୍ୟରୁ ୮୦୧ଟିର ସମାଧାନ ଆଦେଶ ଦିଆଯାଇଛି। ଏ ସମସ୍ତ ଅଭିଯୋଗ ୯୦ଦିନ ମଧ୍ୟରେ ସମାଧାନ କରାଯାଇଥାଏ। ପାନ୍ଥନିବାସରେ ଆୟୋଜିତ ଉକ୍ତ ଉତ୍ସବରେ ବୀମା ସଚିବ ଶ୍ରୀମତୀ ଶକୁନ୍ତଳା ମୁର୍ମୁ , ବରିଷ୍ଠ ନ୍ୟାୟଧିଶ ଶ୍ରୀ ଦୁର୍ଗାପ୍ରସାଦ ଚୌଧୁରୀ, ବ୍ୟାଙ୍କ ଲୋକପାଳ ଶ୍ରୀ ପଙ୍କଜ ନାୟକ, ପୂର୍ବତନ ବୀମାଲୋକପାଳ ସୁରେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ବୀମା ଅଧିକାରୀ ମାନଙ୍କୁ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।

# ସୂଚନା ଓ ଲୋକ ସମ୍ପର୍କ ବିଭାଗ କେନ୍ଦ୍ରାଂଚଳ ଉପ ନିର୍ଦ୍ଦେଶକଙ୍କ ଦିନିକିଆ ମୟୁରଭଂଜ ଗସ୍ତ



ବାରିପଦା ତା ୧୦/୧୧(ନି.ପ୍ର) ସୂଚନା ଓ ଲୋକ ସମ୍ପର୍କ ବିଭାଗର କେନ୍ଦ୍ରାଂଚଳ, (କଟକ) ଉପ ନିର୍ଦ୍ଦେଶକ ହେମନ୍ତ କୁମାର ନାୟକ ଦିନିକିଆ ମୟୁରଭଂଜ ଗସ୍ତରେ ଆସି ମୟୁରଭଂଜ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ । ଏହି ଅବସରରେ ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଂଜନ ମହାନ୍ତି, ଅବସର ପ୍ରାପ୍ତ ପୂର୍ବତନ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ ଏବଂ କାର୍ଯ୍ୟାଳୟର କର୍ମଚାରୀ ବୃନ୍ଦ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । କାର୍ଯ୍ୟାଳୟ ପରିଦର୍ଶନ ଅବସରରେ ସେ ବିଭିନ୍ନ ନଥିପତ୍ର ତନଖି କରିଥିଲେ । କାର୍ଯ୍ୟାଳୟ ଗୃହ ବୁଲି ଦେଖିବା ସହ ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ । ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ମହାନ୍ତି କାର୍ଯ୍ୟାଳୟର ବିଭିନ୍ନ ସମସ୍ୟା ବିଷୟରେ ତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ସେ ଏହାର ସମାଧାନ ଦିଗରେ ଉଚ୍ଚ କର୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ପୂର୍ବକ ଆବଶ୍ୟକୀୟ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୃତି ଦେଇଛନ୍ତି । ଏହି ଗସ୍ତ କାଳରେ ସେ ଉଦଳା ଉପଖଣ୍ଡର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ତଥା ଉଦଳା ସୂଚନା କେନ୍ଦ୍ର ପରିଦର୍ଶନ କରି ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନଙ୍କ ସହିତ କାର୍ଯ୍ୟାଳୟ ସମ୍ପର୍କିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ ।

# ଜିଲ୍ଲାସ୍ତରୀୟ ଖରିଫ ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ କମିଟି ବୈଠକ

ବାରିପଦା ତା ୧୦/୧୧(ନି.ପ୍ର): ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିର୍ଦ୍ଦେଶ ଅନୁସାରେ ୨୦୨୨-୨୩ ବର୍ଷ ପାଇଁ ମୟୁରଭଂଜ ଜିଲ୍ଲାର ଚାଷୀଙ୍କ ଠାରୁ ଖରିଫ ଧାନ କିଣାଯିବା ସକାଶେ ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ କମିଟି ବୈଠକ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ବାରିପଦା ପ୍ରୟାସ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ଜିଲ୍ଲାପରିଷଦ ସଭାପତି ଭାରତୀ ହାଁସଦା, ମୋରଡା ବିଧାୟକ ରାଜ କିଶୋର ଦାସ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରିଷିକେଶ ଦ୍ୟାନଦେଓ ଖିଲାରୀ, କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ପ୍ରତିନିଧି, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ, ଡିଆରସିଏସ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରମୁଖଙ୍କ ସମେତ ଜିଲ୍ଲାର ସମସ୍ତ ଅତିରିକ୍ତ ସହକାରୀ ଯୋଗାଣ ଅଧିକାରୀ ତଥା ଜିଲ୍ଲାର ମିଲରସ ଓ ଚାଷୀ ପ୍ରତିନିଧି ମାନେ ଅଂଶ ଗ୍ରହଣ କରି ସବିଶେଷ ଆଲୋଚନା କରିଥିଲେ । ସରକାରଙ୍କ ନିର୍ଦ୍ଦେଶ ମୁତାବକ ଚଳିତ ବର୍ଷ ଆଦ୍ୟାବଧି ୬୪,୩୨୬ ଜଣ ଚାଷୀ ପଂଜିକୃତ କରିଥିବା ବେଳେ, ଜିଲ୍ଲାରେ ଖରିଫ ଧାନ ସଂଗ୍ରହ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ ପାଇଁ ଜିଲ୍ଲା ଯୋଗାଣ ବିଭାଗ, ଆରଏମସି ଏବଂ ଡିଆରସିଏସ ବିଭାଗ ତତ୍ତ୍ୱାବଧାନରେ ଜିଲ୍ଲା ର ୫୨ ଟି ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ ), ଲ୍ୟାମ୍ପ ଜରିଆରେ ଚାଷୀ ମାନଙ୍କ ସୁବିଧା ପାଇଁ ଜିଲ୍ଲାର ସମସ୍ତ ବ୍ଲକ ଅଂଚଳରେ ଖୋଲା ଯାଇଥିବା ସମସ୍ତ ମଣ୍ଡିରେ ଆସନ୍ତା ଡିସେମ୍ବର ୨୦ ତାରିଖ ଠାରୁ ଚାଷୀ ମାନଙ୍କ ଠାରୁ ଧାନ କ୍ରୟ କରାଯିବ ଏବଂ ଚଳିତ ବର୍ଷ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଧାନର ସହାୟକ ମୂଲ୍ୟ ଯଥା କ୍ରମେ ଏଫଏକ୍ୟୁ ଗ୍ରେଡ୍ ସାଧାରଣ ମାନ ଧାନର ମୂଲ୍ୟ କୁଇଂଟାଲ ପ୍ରତି ୨୦୪୦ ଟଙ୍କା ଏବଂ ଗ୍ରେଡ୍ ଏ ମାନ ଧାନର ମୂଲ୍ୟ କ୍ୟୁଣ୍ଟାଲ ପ୍ରତି ୨୦୬୦ ଟଙ୍କା ଧାର୍ଯ୍ୟ କରାଯାଇଛି । ଧାନ ବିକ୍ରୟ ନିମନ୍ତେ ଚାଷୀ ମାନେ ପଂଜିକୃତ କରିଥିବା ନିଜର ପରିଚୟ ପତ୍ର ଆଣିବା ସହ ଯେଉଁ ଦିନ ପାଇଁ ଟୋକେନ ମେସେଜ ଯାଇଥିବ କେବଳ ସେହି ଦିନ ସେହି ଚାଷୀ ମାନେ ବିକ୍ରୟ କରି ପାରିବେ ବୋଲି ଜଣାଯାଇଛି । ବିକ୍ରୟ ଧାନର ସାହାୟକ ମୂଲ୍ୟ ଚାଷୀଙ୍କ ପଂଜିକୃତ ବ୍ୟାଙ୍କ ପାସ ବହିରେ ୨୪ରୁ ୪୮ ଘଂଟା ମଧ୍ୟରେ ମାଧ୍ୟମରେ ପ୍ରଦାନ କରାଯିବା ସହ ଚାଷୀଙ୍କ ଆପତି ଅଭିଯୋଗ ଉପରେ ତ୍ୱରିତ ସମାଧାନ କରିବାକୁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ସମସ୍ତ ମଣ୍ଡିର ସୁପରିଚାଳନା ପାଇଁ ଜିଲ୍ଲା ଏବଂ ଉପଖଣ୍ଡ ସ୍ତରୀୟ ବରିଷ୍ଠ ପ୍ରଶାସନିକ ଅଧିକାରୀ ଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଯୋଗାଣ ବିଭାଗ, ଡି.ଆର.ସି.ଏସ., ଆରଏମସି, ଲ୍ୟାମ୍ପ ବିଭାଗୀୟ କ୍ଷେତ୍ର ଅଧିକାରୀ ମାନଙ୍କ ସମନ୍ବୟ ରକ୍ଷା କରି କାର୍ଯ୍ୟ ତରାନ୍ୱିତ କରାଯିବାକୁ ପରାମର୍ଶ ଦିଆଯାଇଛି । ମିଲର ମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ବ୍ୟାଙ୍କ ଗେରେଂଟି ପ୍ରଦାନ ପାଇଁ ପରାମର୍ଶ ଦିଆଯିବା ସହ ମଣ୍ଡିରେ କିଣା ଯାଇଥିବା ଧାନ ବସ୍ତା ୨୪ ଘଣ୍ଟା ମଧ୍ୟରେ ମଣ୍ଡିରୁ ଉଠାଇ ନେବାକୁ ସମସ୍ତ ମିଲର ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚାଷୀ ମାନଙ୍କ ସୁବିଧା ପାଇଁ ପାନୀୟ ଜଳ, ବିଶ୍ରାମ ସ୍ଥଳ, ଶୌଚାଳୟ ଆଦି ସମସ୍ତ ପ୍ରକାର ଅନୁସଙ୍ଗିକ ବ୍ୟବସ୍ଥା ପାଇଁ ଆରଏମସି ପକ୍ଷରୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଜିଲ୍ଲା ବିକାଶର ବାଟ ଫିଟାଇବ

କେନ୍ଦ୍ରାପଡ଼ା,୧୧/୧୧ : (ହି.ସ.) - କେନ୍ଦ୍ରାପଡା ବାଲିଯାତ୍ରା ମହୋତ୍ସବ ତୃତୀୟ ସାଂସ୍କୃତିକ ସନ୍ଧ୍ୟାରେ କେନ୍ଦ୍ରାପଡା ବାଲିଯାତ୍ରା ମହୋତ୍ସବ କେନ୍ଦ୍ରାପଡାର ବିକାଶର ବାଟ ଫିଟାଇବ। ଅତୀତର ନୌବାଣିଜ୍ୟ ମହାନଗାଥାକୁ ଉଦଜୀବିତ କରି ପୂର୍ବ ପୁରୁଷମାନଙ୍କ ଗୌରବଜ୍ଜ୍ୱଳ କାର୍ଯ୍ୟକୁ ଅବଲୋକନ କରି ନିଜକୁ ଆଉ ସମାଜକୁ ଆଗେଇ ନେବାକୁ ସାହାସ ବାନ୍ଧିବ। ଏହି ଅବସରରେ ବାଲିଯାତ୍ରା ମହୋତ୍ସବର ଉପସଭାପତି ଧିରେନ୍ଦ୍ର କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କନ୍ତିଆ ମଠାଧୀଶ ଶ୍ରୀ ସିର୍ଦ୍ଧାଥ ଶଙ୍କର ଦାସ ମହାରାଜ କହିଲେ କେନ୍ଦ୍ରାପଡାର ଐତିହ୍ୟ ଓ ସଂସ୍କୃତି ମହାନ୍। ମହାପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ଏହି ପବିତ୍ର ପୀଠ ଦିନେ ନୌବାଣିଜ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିଥିଲା। ସମ୍ମାନୀୟ ଅତିଥି ଭାବରେ ଡାକ୍ତର ବିରେନ୍ଦ୍ର କୁମାର ଦାଶ, ମୁଖ୍ୟ ବକ୍ତା ଭାବରେ ଡଃ ସର୍ବେଶ୍ୱର ସେଣ ଯୋଗଦାନ କରି କହିଲେ କେନ୍ଦ୍ରାପଡା ହେଉଛି ନୌବାଣିଜ୍ୟର ଏନ୍ତୁଡି ଶାଳ। ସଂପାଦକ ତଥା ସରକାରୀ ଓକିଲ ସଂଜୟ କୁମାର ଜେନା, ଶୁଭାଂଶୁ କୁମାର ଦାସ ଅତିଥି ମାନଙ୍କ ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମନୋରଂଜନ ତ୍ରିପାଠୀ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ବଢିବ ଶୀତ

ଭୁବନେଶ୍ୱର, ୧୧ ନଭେମ୍ବର - ରାଜ୍ୟରେ ବଢିବ ଶୀତ। ଆଗାମୀ ୩ ରୁ ୪ ଦିନ ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ରାତ୍ରି ତାପମାତ୍ରା ୩ ରୁ ୪ ଡ଼ିଗ୍ରୀ ଯାଏଁ ତଳକୁ ଖସିବାର ସମ୍ଭାବନା ରହିଛି । ଫଳରେ ରାଜ୍ୟରେ ଶୀତର ପରିମାଣ ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର।

## ୧୪ ନଭେମ୍ବର ତିହିଡ଼ି ବ୍ଲକରେ ଅନୁଷ୍ଠିତ ହେବ ଜନଶୁଣାଣି ଶିବିର

ଭଦ୍ରକ, ତା ୧୦/୧୧(ନି.ପ୍ର): ପ୍ରତି ସୋମବାରରେ ଅନୁଷ୍ଠିତ ହୋଇଆସୁଥିବା ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନଶୁଣାଣି ଶିବିର କାର୍ଯ୍ୟକ୍ରମକୁ ଧାମନଗର ଉପନିର୍ବାଚନ ପାଇଁ ଲାଗୁହୋଇଥିବା ଆଦର୍ଶ ଆଚରଣ ବିଧି ପାଇଁ ସ୍ଥଗିତ ରଖାଯାଇଥିଲା। ଉପନିର୍ବାଚନ ପ୍ରକ୍ରିୟା ଶେଷ ହେବା ପରେ ଏହି ଶିବିର ଆରମ୍ଭ ହେବା ନେଇ ଜିଲ୍ଲା ପ୍ରଶାସନ ତରଫରୁ ସୂଚନା ପ୍ରଦାନ କରାଯାଇଛି। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଚଳିତ ନଭେମ୍ବର ମାସ ଆସନ୍ତା ୧୪ ତାରିଖ ସୋମବାର ଦିନ ତିହିଡ଼ି ବ୍ଲକ କାର୍ଯ୍ୟାଳୟରେ ଏହି ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବ୍ୟକ୍ତିଗତ ବା ସାମୂହିକ ସମସ୍ୟା ନେଇ ଅଭିଯୋଗ ଜଣାଇବାକୁ ଚାହୁଁଥିବା ଜନସାଧାରଣ ଏହି ଶିବିରରେ ଉପସ୍ଥିତ ହୋଇ ଦରଖାସ୍ତ କରିପାରିବେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଓଡ଼ିଆ ଭାଷାରେ ଇଂଜିନିୟରିଂ ପାଠ୍ୟ ପୁସ୍ତକ...

ଆଂଚଳିକ ଭାଷାରେ ପାଠ୍ୟପୁସ୍ତକ ଉପଲବ୍ଧ ହେଉନଥିବାରୁ ପୂର୍ବରୁ ଆଂଚଳିକ ଭାଷାରେ ବୈଷୟିକ ଶିକ୍ଷାଦାନ କରିବା କ୍ଷେତ୍ରରେ ବାଧା ଉତ୍ପନ୍ନ ହେଉଥିଲା। ଏହି ବାଧା ଦୂର କରିବା କ୍ଷେତ୍ରରେ ଏଆଇସିଟିଇର ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ରାଷ୍ଟ୍ରପତି କହିଥିଲେ ଯେ ଶିକ୍ଷା ହେଉଛି ସଶକ୍ତିକରଣର ଏକ ମାଧ୍ୟମ। ଆମ ଦେଶର ପ୍ରତ୍ୟେକ ଶିଶୁ ପ୍ରତ୍ୟେକ ସ୍ତରରେ ଯେପରି ଶିକ୍ଷାର ଲାଭ ପାଇପାରିବ ଆମେ ତାହା ସୁନିଶ୍ଚିତ କରିବା ଉଚିତ୍। ବିନା କୌଣସି ବାଛବିଚାରରେ ସମସ୍ତଙ୍କ ପାଖରେ ଶିକ୍ଷା ଉପଲବ୍ଧ କରାଇବା ପାଇଁ ଆମେ ଯଥାସମ୍ଭବ ପ୍ରୟାସ କରିବା ଉଚିତ୍ । ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା କ୍ଷେତ୍ରରେ ଭାଷା ବାଧକ ନୁହେଁ ବରଂ ସହାୟକ ହେବା ଉଚିତ୍ । ଆଂଚଳିକ ଏବଂ ସ୍ଥାନୀୟ ଭାଷାରେ ଶିକ୍ଷାଦାନ ଆରମ୍ଭ କରାଯିବା ଫଳରେ ଦୀର୍ଘସ୍ଥାୟୀ ଭିତିରେ ଏକ ଶିକ୍ଷିତ, ସଚେତନ ଏବଂ ସକ୍ରିୟ ସମାଜ ଗଠନରେ ସହାୟତା ମିଳିପାରିବ । ରାଷ୍ଟ୍ରପତି କହିଥିଲେ ଯେ, ଓଡ଼ିଆ ଏକ ପ୍ରାଚୀନ ଏବଂ ସମୃଦ୍ଧ ଭାଷା। ଏହାର ଏକ ଅଭିନବ ସାହିତ୍ୟ ପରମ୍ପରା ଏବଂ ସମୃଦ୍ଧ ଶବ୍ଦ ଭଣ୍ଡାର ରହିଛି । ତେଣୁ ଓଡ଼ିଆ ଭାଷାରେ ବୈଷୟିକ ଶିକ୍ଷା ପାଇବା କ୍ଷେତ୍ରରେ କୌଣସି ଅସୁବିଧା ହେବ ନାହିଁ । ସେ କହିଥିଲେ ଯେ, ସବୁ ଭାରତୀୟ ଭାଷାରେ ଅକ୍ଷବହୁତ ଏଭଳି ସମ୍ଭାବନା ରହିଛି । ଜାତୀୟ ଶିକ୍ଷା ନୀତି -୨୦୨୦ରେ ସବୁ ଭାରତୀୟ ଭାଷାକୁ ସମାନ ଗୁରୁତ୍ୱ ଦିଆଯାଇଥିବାରୁ ରାଷ୍ଟ୍ରପତି ଖୁସି ବ୍ୟକ୍ତ କରିଥିଲେ । ସେ କହିଥିଲେ ଯେ, ଭାରତୀୟ ଭାଷା କ୍ଷେତ୍ରରେ ଏହା ଏକ ନୂତନ ଯୁଗର ଆରମ୍ଭ କରିଛି । ଏଥିପୂର୍ବରୁ, ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ତପୋବନ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହାପରେ, ସେ ପିଲାଦିନେ ପାଠ ପଢୁଥିବା ୟୁନିଟ୍-୨ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ସ୍କୁଲରେ ପଢ଼ିବା ବେଳେ ରହୁଥିବା ୟୁନିଟ୍-୨ କୁନ୍ତଳା କୁମାର ସାବତ ଆଦିବାସୀ ବାଳିକା ଛାତ୍ରୀନିବାସକୁ ଯାଇଥିଲେ । ରାଷ୍ଟ୍ରପତି ସେଠାରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ଛାତ୍ରୀନିବାସ ଅନ୍ତେବାସୀଙ୍କ ସହ ମତବିନିମୟ କରିଥିଲେ ।

## ବେଙ୍ଗାଲୁରୁରେ କେମ୍ପେଗୌଡା ଅନ୍ତର୍ଜାତୀୟ ...

ଏହି ଟର୍ମିନାଲ୍ ବିମାନବନ୍ଦରର ଯାତ୍ରୀ ନିୟନ୍ତ୍ରଣ କ୍ଷମତାକୁ ବାର୍ଷିକ ୫-୬ କୋଟି ଯାତ୍ରୀଙ୍କୁ ବୃଦ୍ଧି କରିବ। ବର୍ତ୍ତମାନ ଏହାର କ୍ଷମତା ପ୍ରାୟ ୨.୫ କୋଟି ରହିଛି। ଟର୍ମିନାଲ୍ ୨ ବେଙ୍ଗାଲୁରୁର ଗାର୍ଡେନ୍ ସିଟି ପାଇଁ ସୁନ୍ଦର ଭାବରେ ଡିଜାଇନ୍ ହୋଇଛି ଏବଂ ଯାତ୍ରୀଙ୍କୁ "ବଗିଚାରେ ଚାଲିବା"ପରି ଅଭିଜ୍ଞତା ପ୍ରଦାନ କରିବ। ଯାତ୍ରୀମାନେ ୧୦,୦୦୦+ ବର୍ଗ ମିଟର ସବୁଜ କାନ୍ଥ, ହ୍ୟାଙ୍ଗିଂ ଗାର୍ଡେ୍ନ ଏବଂ ଆଉଟଡୋର ଗାର୍ଡେ୍ନ ଦେଇ ଯାତ୍ରା କରିବେ। ବିମାନବନ୍ଦର ପୂର୍ବରୁ କ୍ୟାମ୍ପସରେ ଅକ୍ଷୟ ଶକ୍ତିର ୧୦୦% ବ୍ୟବହାର କରିବା ସହିତ ଏକ ମାନଦଣ୍ଡ ପ୍ରତିଷ୍ଠା କରିସାରିଛି। ଟର୍ମିନାଲ ୨ ରେ ଡିଜାଇନ ର ଏକ ଉତ୍କୃଷ୍ଟ କଳାକୃତି ରହିଛି। ସ୍ଥାୟୀତ୍ୱ ପଦକ୍ଷେପ ଉପରେ ଆଧାର କରି ଟର୍ମିନାଲ୍ ୨ ବିଶ୍ୱର ସର୍ବବୃହତ ଟର୍ମିନାଲ୍ ହେବ ଯାହା କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ୟୁଏସ ଜିବିସି (ଗ୍ରୀନ୍ ବିଲ୍ଡିଂ କାଉନ୍ସିଲ୍) ଦ୍ୱାରା ପ୍ରି-ସାର୍ଟିଫାଏଡ୍ ପ୍ଲାଟିନମ୍ ରେଟିଂ ହାସଲ କରିଛି। 'ନୌରସ' ର ବିଷୟବସ୍ତୁ ଟର୍ମିନାଲ୍ ପାଇଁ ଆରମ୍ଭ ହୋଇଥିବା ସମସ୍ତ କଳାକୃତିଗୁଡ଼ିକୁ ଏକତ୍ରିତ କରିଥାଏ। ସାମଗ୍ରୀକ ଭାବରେ, ଟର୍ମିନାଲ୍ ୨ ର ଡିଜାଇନ୍ ଏବଂ ସ୍ଥାପତ୍ୟ ଚାରୋଟି ମାର୍ଗଦର୍ଶିକା ଦ୍ୱାରା ପ୍ରଭାବିତ ହୋଇଛି: ଗାର୍ଡେ୍ନରେ ଏକ ଟର୍ମିନାଲ୍, ସ୍ଥିରତା, ପ୍ରଯୁକ୍ତିବିଦ୍ୟା ଏବଂ କଳା ଏବଂ ସଂସ୍କୃତି। ଏହି ସମସ୍ତ ଦିଗଗୁଡିକ ଟି୨ କୁ ଟର୍ମିନାଲ୍ ଭାବରେ ପ୍ରଦର୍ଶିତ କରେ ଯାହା ଆଧୁନିକ ତଥା ପ୍ରକୃତିକୁ ଗୁରୁତ୍ୱ ପ୍ରଦାନ କରି ସମସ୍ତ ଯାତ୍ରୀଙ୍କୁ ଏକ ସ୍ମରଣୀୟ 'ଗନ୍ତବ୍ୟସ୍ଥଳ' ଅଭିଜ୍ଞତା ପ୍ରଦାନ କରେ। ପ୍ରଧାନମନ୍ତ୍ରୀଙ୍କ ସହ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଶ୍ରୀ ବାସଭରାଜ ବୋମ୍ମାଇ, କର୍ଣ୍ଣାଟକର ରାଜ୍ୟପାଳ ଥାଓ୍ୱର ଚନ୍ଦ ଗେହଲୋଟ୍ ଏବଂ କେନ୍ଦ୍ର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଯୋଗ ଦେଇଥିଲେ।

## ପଦ୍ମପୁର କାର୍ଡ ଖୋଲିଲା ବିଜେପି...

ବିଜେଡି ଫସଲ ବୀମା ଯୋଜନାରେ ଚାଷୀଙ୍କୁ କାହିଁକି କ୍ଷତିପୂରଣ ମିଳୁ ନାହିଁ ସେଥିପାଇଁ କେନ୍ଦ୍ରର ବିଜେପି ସରକାରକୁ ଦାୟୀ କରି ଆସୁଛି । ସେପଟେ ବିଜେପି ମଧ ଚାଷୀଙ୍କୁ ଅସ୍ତ୍ର କରି ବୋନସ ଓ ସବସିଡରେ କଥା ଉଠାଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରୁଛି । ଅନ୍ୟପଟେ କଂଗ୍ରେସ ଉଭୟ ବିଜେପି-ବିଜେଡିକୁ ସମାଲୋଚନା କରିଛି । ଚାଷୀଙ୍କୁ ମୋହରା ବନା ଯାଉଥିବା ଅଭିଯୋଗ କରିଛନ୍ତି କଂଗ୍ରେସ ନେତା । ଚାଷୀ ଭଳି ଅନେକ ପ୍ରସଙ୍ଗ ରହିଥିଲେ ବି ନିକଟରେ ଶେଷ ହୋଇଥିବା ଧାମନଗର ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ବିଜୟୀ ହୋଇଥିବାରୁ ଦଳ ପଦ୍ମପୁର ବିଜୟର ସ୍ୱପ୍ନ ଦେଖୁଛି । ସେପଟେ ବିଜେଡି କୋର୍ସ କରେକସନ କରି ପୁଣି ଥରେ ବିଜୟ ଧାରାକୁ ଫେରିବା ପାଇଁ ରଣନୀତି କରୁଛି ।

## ୧୦ ଦିନିଆ ରିମାଣ୍ଡରେ...

ଗିରଫ ପରେ ଖଗେଶ୍ୱରଙ୍କୁ ଅପରାହ୍ନରେ ଭୁବନେଶ୍ୱର କୋର୍ଟରେ ହାଜର କରାଯାଇଛି। ଗତକାଲି ଇଡି ପକ୍ଷରୁ ଖଗେଶ୍ୱରଙ୍କ ସୋରୁମ୍ ଓ ଘରେ ଚଢ଼ାଉ କରାଯାଇଥିଲା। ଖଗେଶ୍ୱରଙ୍କୁ ଇଡି ଗତକାଲି ଉଠାଇ ନେଇ ଏକ ଗୁପ୍ତ ସ୍ଥାନରେ ରଖି ମାରାଥନ ଜେରା କରୁଥିଲା। ସେହିପରି ଗୁରୁବାର ଦିନ ଇଡି ଅଧିକାରୀମାନେ ଅର୍ଚ୍ଚନାଙ୍କ ଭୁବନେଶ୍ୱର ସତ୍ୟବିହାର ସ୍ଥିତ ଘର, ସୁପ୍ରିମ କାର ବଜାର, କଳାହାଣ୍ଡି କେସିଙ୍ଗାରେ ଥିବା ଅର୍ଚ୍ଚନାଙ୍କ ପୈତୃକ ଘର, ବାଲେଶ୍ୱର ଜିଲ୍ଲା ଜଳେଶ୍ୱରରେ ଥିବା ଜଗବନ୍ଧୁଙ୍କ ଘର, ଜଗବନ୍ଧୁଙ୍କ ସାଙ୍ଗ ଖଗେଶ୍ୱରଙ୍କ ଫୁଲନଖରା ଗୋବିନ୍ଦପୁରରେ ଥିବା ନିଜ ଘର ଓ ଶ୍ରଦ୍ଧାଞ୍ଜଳିଙ୍କ କଟକ ବାଙ୍କୀ ଘରେ ଚଢ଼ଉ କରିଥିଲେ। ଚଢ଼ଉବେଳେ ପରିବାର ଲୋକ ଓ ସମ୍ପର୍କୀୟମାନଙ୍କୁ ମଧ ପଚରା ଉଚରା କରିଥିଲେ ଇଡିର ଅଧିକାରୀ।

# ଜିଲ୍ଲା ପ୍ରଶାସନ ତରଫରୁ ମାଣ୍ଡିଆ ଦିବସ ପାଳିତ




ବାରିପଦା ତା ୧୦/୧୧(ନି.ପ୍ର): ମୟୂରଭଂଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ତକତପୁର ସ୍ଥିତ ଜିଲ୍ଲା କୃଷି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ମାଣ୍ଡିଆ ବିଶେଷ କରି ଏକ ତନ୍ତୁ ଜାତୀୟ ଓ ଖଣିଜ ସାର ଭରପୁର ରହିଥିବା ଖାଦ୍ୟ ହୋଇଥିବାରୁ ଶରୀର ପାଇଁ ବେଶ ଲାଭ ଦାୟକ ଏବଂ ମାଣ୍ଡିଆ ଚାଷ କେବଳ ବର୍ଷା ଜଳ ଜରିଆରେ ଚାଷ କରାଯାଇପାରୁ ଥିବାରୁ ଜଳବାୟୁ ପରିବର୍ତନରେ ଏହି ଚାଷର ବିଶେଷ କ୍ଷତି ହୁଏନାହି ।ଏଣୁ ବର୍ତମାନ ସରକାରୀ ସ୍ତରରେ ଏହି ଖାଦ୍ୟକୁ ପ୍ରସାହନ ପାଇଁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ମାଣ୍ଡିଆରେ ପ୍ରସ୍ତୁତି ଖାଦ୍ୟ ଦ୍ରବ୍ୟ ଲୋକମାନଙ୍କୁ ଯୋଗାଇ ଦେବାଉପରେ ଗୁରୁତ୍ୱ ଦିଆଯାଉଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ରୂପ ଭାନୁ ମିଶ୍ର ଯୋଗ ଦେଇ ମାଣ୍ଡିଆର ପୌଷ୍ଟିକ ତତ୍ୱ ବିଷୟରେ ସବିଶେଷ ଆଲୋଚନା କରିଥିଲେ । କୃଷି ଅଧିକାରୀ ଡ. ମନୋଜ କୁମାର ଚାନ୍ଦ ସ୍ୱାଗତ ଭାଷଣ ଦେଇଥିବା ବେଳେ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମାଣ୍ଡିଆ ଦିବସ ପାଳନର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ ।

# ବାରିପଦାରେ କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

ବାରିପଦା ତା ୧୦/୧୧(ନି.ପ୍ର): ଆଜି ବାରିପଦା ହୋଟେଲ ସ୍ୱସ୍ତିକ ଠାରେ ଭାରତ ଯୋଡ ଓଡ଼ିଶା ପରିବର୍ତନ ଯାତ୍ରା ୧୧ ନଭେମ୍ବରରେ ମୟୁରଭଂଜ ଜିଲ୍ଲାରେ ପ୍ରବେଶ କରି ୧୪ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ପରିକ୍ରମା କରିବାକୁ ଥିବା ଅବସର ରେ କଂଗ୍ରେସର ରାଜ୍ୟ ପ୍ରବକ୍ତା ଅମିୟ ପାଣ୍ଡବ ଏବଂ ରଜନୀ ମହାନ୍ତି ସାମ୍ବାଦିକ ସମ୍ମିଳନୀ ଜରିଆରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଓଡିଶା ତଥା ମୟୂରଭଂଜ ଜିଲ୍ଲା ପ୍ରତି ରହିଥିବା ବୈମାତୃକ ମନୋଭାବ ଓ ଅବହେଳା ବିଷୟରେ ଉଲ୍ଲେଖ କରି ଦେଶରେ ଦେଖା ଦେଇଥିବା ଉକ୍ଟ ବେକାରୀ ସମସ୍ୟା, ଅତ୍ୟଧିକ ଦରଦାମ ବୃଦ୍ଧି, ସଂବିଧାନ ସୁରକ୍ଷା, ଚାଷୀ ଓ କ୍ଷୁଦ୍ର ବ୍ୟବସାୟୀଙ୍କ ସ୍ୱାର୍ଥ ରକ୍ଷା, ସରକାରୀ ସମ୍ପତିର ସୁରକ୍ଷା, ସମାଜରେ ଭେଦଭାବ ବୃଦ୍ଧି ଇତ୍ୟାଦି ପ୍ରସଙ୍ଗକୁ ନେଇ ଦେଶ ଓ ରାଜ୍ୟରେ ଚାଲିଥିବା ଅନୀୟମିତତା ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ଭାରତ ଯୋଡ ଓଡ଼ିଶା ପରିବର୍ତନ ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିବା ସହିତ ସାଶନ ଗାଦିରେ ତିଷ୍ଠି ରହିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଛଳନାତ୍ମକ ରାଜନୀତିରେ ବ୍ୟସ୍ତ ଥିବା ଏବଂ ରାଜ୍ୟ ଓ ଦେଶରେ ଗଣତନ୍ତ୍ର ବଦଳରେ ବିରୋଧୀ ଶୂନ୍ୟ ସ୍ୱେଚ୍ଛାଚାରୀ ସାଶନ ଚଳାଇବାର ପ୍ରୟାସକୁ ବରଦାସ୍ତ କରାଯିବନାହିଁ ବୋଲି କହିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାର ଉଭୟ ୨୦୨୨ ସୁଦ୍ଧା ସମସ୍ତଙ୍କୁ ପକ୍କାଘର ଯୋଗାଇ ଦେବାର ପ୍ରତିଶୃତି ଦେଇ ଥିଲେ ମଧ ଅଦ୍ୟାବଧି ମୟୂରଭଂଜରେ ୧ ଲକ୍ଷ ୬୪ ହଜାର ପରିବାରଙ୍କ ନିକଟରେ ପକ୍କାଘର ନଥିବା, ଜିଲ୍ଲାରେ ୨୨ ଶହ ଛୋଟ ଛୋଟ ବସ୍ତିରେ ବିଜୁଳି ସଂଯୋଗ ନଥିବା, ଜିଲ୍ଲାରେ ପର୍ଯଟନ ପାଇଁ ପର୍ଯ୍ୟାପ୍ତ ଭିତିଭୂମି ଥିଲେ ମଧ ପର୍ଯ୍ୟଟନର ବିକାଶ ପାଇଁ ଦୀର୍ଘ ବର୍ଷର ରାଜ୍ୟ ଓ କେନ୍ଦ୍ର ସରକାର ଉଦାସୀନ ରହିବା, ସୁବର୍ଣରେଖା ଓ ଦେଓ ଜଳସେଚନ ପ୍ରକଳ୍ପ କଂଗ୍ରେସ ଅମଳରେ ଆରମ୍ଭ ହୋଇଥିଲେ ମଧ ଏ ପର୍ଯ୍ୟନ୍ତ ସଠିକ ଭାବେ କାର୍ଯ୍ୟକାରୀ ହୋଇ ନପାରିବା, ଜିଲ୍ଲାରେ ଥିବା ୪୦୨୫ ଟି ପ୍ରାଇମେରୀ ସ୍କୁଲ ମଧ୍ୟରୁ ୧୧୦୬ଟିସ୍କୁଲକୁ ବନ୍ଦ କରିଦେବା, କଂଗ୍ରେସ ଅମଳରେ ଜିଲ୍ଲାରେ ଯେଉଁ ସ୍ପିନିଂ ମିଲ, ଗଂଜି କାରଖାନା ଆଦି ଥିଲା ତାହା ବନ୍ଦ ହେବା ସହ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଧ୍ୟାନ ନଦେବା, ଶାଳପତ୍ର, ସବାଇଘାସ ଓ ବନଜାତ ପଦାର୍ଥର ବ୍ୟାପକ ଉତ୍ପାଦନ ହେଉଥିଲେ ମଧ ସରକାରୀ ଉଦାସୀନତା ଯୋଗୁଁ ତାହାର ଉଚିତ ବଜାରୀକରଣ ନହେବା, ବାରିପଦା ସହରକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ନିଜେ ମୁଖ୍ୟମନ୍ତ୍ରୀ ବାରିପଦା ଠାରେ ଦୁଇ ଦୁଇ ଥର ଘୋଷଣା କରିଥିଲେ ମଧ ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଆରମ୍ଭ ନହେବା ଭଳି ବହୁ ପ୍ରସଙ୍ଗରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସମାଲୋଚନା ପୂର୍ବକ ଦୀର୍ଘ ବର୍ଷ ଧରି ଉଭୟ ବିଜେପି ବିଜେଡି ସରକାର ବିଭିନ୍ନ ପ୍ରସଙ୍ଗରେ ମିଳିତ ଭାବରେ ରାଜ୍ୟବାସୀ ତଥା ଜିଲ୍ଲା ବାସୀଙ୍କ ସହ ଛଳନାତ୍ମକ ରାଜନିତି କରିଆସୁଥିବାର ଗୁରୁତ୍ୱପୂର୍ଣ ଅଭିଯୋଗ କରିଛନ୍ତି ।

ଶନିବାର, ନଭେମ୍ବର ୧୨, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ପୀରବାବାଙ୍କ ଉର୍ସ ଉପଲକ୍ଷେ ପ୍ରସ୍ତୁତି ବୈଠକ

ଭଦ୍ରକ, ୧୧ ନଭେମ୍ବର (ହି.ସ.) - ଏହି ଜିଲାର ଧାମନଗର ବିଜ୍ଞାପିତ ଅ ଳ ପରିଷଦ ଅ ଳରେ ଅବସ୍ଥିତ ପୀରବାବାଙ୍କ ଖାନ୍‌କାରେ ଅନୁଷ୍ଠିତ ହେବାକୁ ଯାଉଥିବା ୪୩ତମ ଉର୍ସ ହଜୁର ମୁଜାହିଦ-ଇ-ମିଲାତ ଉତ୍ସବ ପାଳନ ଉପଲକ୍ଷେ ଆଜି ସଦ୍‌ଭାବନା ସଭାଗୃହରେ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଏସ୍.ପି. ଚରଣ ସିଂ ମୀନା, ଦୁଇ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ଓ ଶାନ୍ତନୁ କୁମାର ମହାନ୍ତି, ଉପଜିଲ୍ଲାପାଳ ମନୋଜ ପାତ୍ର, ଡ଼େପୁଟି କଲେକ୍ଟର ଜୁଡ଼ିସିଆଲ କା ୍ତିକ ନାଥ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ । ଚଳିତ ନଭେମ୍ବର ମାସ ଆସନ୍ତା ୩୦ ତାରିଖ ଓ ଆସନ୍ତା ଡ଼ିସେମ୍ବର ମାସ ୧ ତାରିଖ ଦୁଇଦିନ ଧରି ପାଳିତ ହେବାକୁ ଥିବା ଏହି ଉତ୍ସବ ପାଳନ ପ୍ରକ୍ରିୟା, ଧାର୍ଯ୍ୟ ସମୟ, ଆବଶ୍ୟକ ପ୍ରଶାସନିକ ସହଯୋଗ ସମ୍ବନ୍ଧରେ କମିଟିର ସମ୍ପାଦକ ମହମ୍ମଦ ଇସ୍ରାଏଲ ହବିବି, ଉପସଭାପତି ମୌଲାନା ମୁସ୍ତାଫାରେଜା ହବିବ୍ ଏବଂ ସହ ସମ୍ପାଦକ ଏସ୍.କେ. ଅବଦୁର ରହମାନ ବୈଠକରେ ଉପସ୍ଥାପନ କଲାପରେ ବିଷୟାନୁଯାୟୀ ଜିଲ୍ଲାପାଳ ଏବଂ ଏସ୍.ପି. ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଲକ୍ଷାଧିକ ସଂଖ୍ୟାରେ ଜନସମାଗମ ସାଙ୍ଗକୁ ରାଜ୍ୟ ବାହାରୁ ଆସିବାକୁ ଥିବା ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନଙ୍କ ସମାବେଶ ପାଇଁ ବିଭିନ୍ନ ଦିଗରେ ଆଲୋଚନା ଅନୁଯାୟୀ ନିଷ୍ପ ି ନିଆଯାଇଥିଲା । ରାସ୍ତା ମରାମତି, ରାସ୍ତାରେ ଆଲୋକ, ରାସ୍ତା ପାର୍ଶ୍ୱ ଗଛଡ଼ାଳ କଟାଯିବା, ବହୁ ସଂଖ୍ୟାରେ ସାମୟିକ ଶୌଚଳୟ ସ୍ଥାପନ, ଭ୍ରାମ୍ୟମାଣ ଶୌଚାଳୟ, ସଫେଇ, ପାଣି ଟ୍ୟାଙ୍କର, ଆମ୍ବୁଲାନସ୍ ଓ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର, ଅବକାରୀ ଧରପଗଡ଼, ଅଗ୍ନିନିରାପ । ବ୍ୟବସ୍ଥା, ରେଳଷ୍ଟେସନ୍‌ରେ ଅଧିକ ଟିକେଟ୍ କାଉ ର, ଅସ୍ଥାୟୀ ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା, ସର୍ବୋପରି ସବୁଠୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଟ୍ରାଫିକ୍ ନିୟନ୍ତ୍ରଣ ଶାନ୍ତି ଶୃଙ୍ଖଳା ରକ୍ଷା ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବା ପାଇଁ ବୈଠକରେ ଉପସ୍ଥିତ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା ।

# ଜାତୀୟ ସ୍ତରୀୟ ପାୱାର ୱେଟ୍ ଲିଫଟିଙ୍ଗ ପ୍ରତିଯୋଗୀତାରେ ହାଇଲାଣ୍ଡ ହେଲଥ ହବ୍‌ରେ ପ୍ରଶିକ୍ଷିତ ପାୱାର ଲିଫ୍ଟର୍‌ମାନଙ୍କର କୃତିତ୍ୱ



ବାଲେଶ୍ୱର,୧୧/୧୧ (ନି.ପ୍ର): ଜାତୀୟ ଏବଂ ରାଜ୍ୟ ସ୍ତରୀୟ ପାୱାର ୱେଟ୍ ଲିଫଟିଙ୍ଗ ପ୍ରତିଯୋଗୀତାରେ ବାଲେଶ୍ୱର ଓ. ଟି ରୋଡ୍ ଲକ୍ଷ୍ମୀନାରାୟଣ ମନ୍ଦିର ନିକଟସ୍ଥ ହାଇଲାଣ୍ଡ ହେଲଥ ହବ୍ ରେ ପ୍ରଶିକ୍ଷଣ ନେଉଥିବା ପାୱାର ଲିଫ୍ଟର୍ ମାନେ କୃତିତ୍ୱ ଅର୍ଜନ କରିଛନ୍ତି । ଏହି ଅବସରରେ କୃତିତ୍ୱ ଅର୍ଜନ କରିଥିବା ପାୱାର ଲିଫ୍ଟର୍ ମାନଙ୍କୁ ହାଇଲାଣ୍ଡ ଗ୍ରୁପ୍ ଅଫ୍ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପ୍ରତୀକ ଜେନା ସମ୍ବର୍ଦ୍ଧିତ କରିବା ସହିତ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଉଲ୍ଲେଖଯୋଗ୍ୟ ଯେ ଗତ ଅକ୍ଟୋବର ୧୨ ରୁ ୧୬ ତାରିଖ ମଧ୍ୟରେ ମହାରାଷ୍ଟ୍ରର ଭଦ୍ରାବତୀ ଠାରେ ଅନୁଷ୍ଠିତ ହୋଇଥିବା ୫୯ କେଜି ବର୍ଗ ପ୍ରତିଯୋଗିତାରେ ହାଇଲାଣ୍ଡ ହେଲଥ ହବ୍ ର ପାୱାର ଲିଫ୍ଟର୍ ସୁଜିତ କୁମାର ଗିରି ସିଲଭର ମେଡାଲ ହାସଲ କରିଛନ୍ତି । ଏଥି ସହିତ ବାଲେଶ୍ୱର ଠାରେ 'ୟା ଅଲ୍ଲି କ୍ଲବ୍' ପକ୍ଷରୁ ଚଳିତ ମାସ ୬ ତାରିଖରେ ଅନୁଷ୍ଠିତ ହୋଇଥିବା ରାଜ୍ୟ ସ୍ତରୀୟ ୭୦ କେଜି ବର୍ଗର ପାୱାର ଲିଫ୍ଟଙ୍ଗ ପ୍ରତିଯୋଗିତାରେ ଏହି ମଲ୍ଟି ଜିମ୍ ର ପ୍ରଶିକ୍ଷକ ସଞ୍ଜିତ ବେହେରା ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ୭୦ କେଜିରୁ ଅଧିକ ବର୍ଗରେ ଯଥାକ୍ରମେ ପ୍ରଦୀପ କୁମାର ସୁର ପ୍ରଥମ ଏବଂ କରୁଣାକର ସାହୁ ତୃତୀୟ ସ୍ଥାନ ହାସଲ କରିବା ସହିତ ହାଇଲାଣ୍ଡ ହେଲଥ ହବ୍ ତଥା ବାଲେଶ୍ୱର ପାଇଁ ଗୌରବ ଆଣିଛନ୍ତି ।

# ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କଲେ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ

ଭଦ୍ରକ,୧୧/୧୧ (ନି.ପ୍ର): ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ହେମନ୍ତ କୁମାର ନାୟକଙ୍କ ତିନି ଦିନିଆ ଗସ୍ତ କାର୍ଯ୍ୟକ୍ରମରେ ମୟୁରଭଞ୍ଜ, ବାଲେଶ୍ୱର ଜିଲ୍ଲା ପରେ ଆଜି ପୂର୍ବାହ୍ନରେ ଆସି ଶ୍ରୀଯୁକ୍ତ ନାୟକ ଭଦ୍ରକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଓ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀ ତାପସ କୁମାର ନାୟକ, ମୀନାକ୍ଷୀ ଗରାବଡୁ ଓ ସୁରେଶ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । କାର୍ଯ୍ୟାଳୟର କାର୍ଯ୍ୟଧାରା ସମ୍ବନ୍ଧରେ ସମୀକ୍ଷା କରିବାକୁ ଯାଇ ବିଭିନ୍ନ ରେଜିଷ୍ଟର, କ୍ୟାଶ୍‌ବୁକ୍, ଉପସ୍ଥାନ ଖାତା ଓ ନିର୍ଦ୍ଦିଷ୍ଟ କେତେକ ଫାଇଲପତ୍ର ତଦାରଖ କରିଥିଲେ । କର୍ମଚାରୀ ନଥିବାରୁ ସୂଚନା କେନ୍ଦ୍ର-ତଥା-ପଠନଗାର, ଆରଡ଼ି ଦୀର୍ଘ ବର୍ଷ ଧରି ଖୋଲାଯାଇ ନପାରିବା, ସୂଚନା କେନ୍ଦ୍ର-ତଥା-ପଠନଗାର ଭଦ୍ରକ ମଧ୍ୟ ଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇ ନ ପାରିବା ସମ୍ବନ୍ଧରେ ଅବଗତ ହେବା ସହ ଉକ୍ତ ସମସ୍ୟା ସମ୍ବନ୍ଧରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇବା ନେଇ ସୂଚନା ପ୍ରଦାନ କରିଥିଲେ । ସେହିଭଳି ଅପରେଟର ପଦବୀ ଶୂନ୍ୟ ଥିବାରୁ ସଭା ସମିତିରେ ଡ଼ାକବାଜି ଯନ୍ତ୍ରର ଉପଯୋଗ ଓ ପ୍ରଚାର କାର୍ଯ୍ୟ ବାଧାପ୍ରାପ୍ତ ହେବା ସମ୍ବନ୍ଧରେ ମଧ୍ୟ ହୃଦ୍‌ବୋଧ କରିଥିଲେ । ବିଶେଷ କରି କାର୍ଯ୍ୟାଳୟ କୋଠାଘର ର ଦୁରାବସ୍ଥା ଦେଖି କ୍ଷୋଭ ପ୍ରକାଶ କରିଥିଲେ । କାର୍ଯ୍ୟାଳୟ କୋଠା ଘରର ଛାତରୁ ପାଣି ଗଳିବା ଅବସ୍ଥା, ଚଟାଣରେ ଟାଇଲ ସବୁ ତଳକୁ ଗଳିଯିବା, ଭଙ୍ଗା ଝରକା, କାନ୍ଥରୁ ପ୍ଲାଷ୍ଟର ଛାଡ଼ିଯିବା, ପ୍ରାଚୀର ଓ ଫାଟକ ନଥିବାରୁ କାର୍ଯ୍ୟାଳୟ ସମ୍ମୁଖ ଜାଗା ଓ ପୋର୍ଟିକୋ ଜନସାଧାରଣଙ୍କ ପାଇଁ ପାର୍କିଂ ଜାଗା ହୋଇଯିବା, କୋଠା ଚାରିପାଖରେ ଅଳିଆ ପଡ଼ିବା, ସନ୍ଧ୍ୟାରେ ଅସାମାଜିକ ଲୋକଙ୍କ ଆଡ଼୍ଡ଼ା ହେବା ଇତ୍ୟାଦି ସମସ୍ୟା ସମ୍ବନ୍ଧରେ ଶୁଣିଥିଲେ ଏବଂ ନିଜେ ସମସ୍ତ ଅବସ୍ଥାକୁ ପରିଦର୍ଶନ କରିଥିଲେ । କାର୍ଯ୍ୟାଳୟର ଆସବାବପତ୍ର ବିଶେଷ କରି ପଠନାଗାର ର ବହି, ଆଲମୀରା, ର୍‍ୟାକ୍ ଆଦି ରଖିବା ସ୍ଥାନାଭାବ ଜନିତ ସମସ୍ୟା ସମ୍ବନ୍ଧରେ ମଧ୍ୟ ଅବଗତ ହୋଇଥିଲେ । ୧୯୯୪ ମସିହାରୁ ୪୪ ଦିନିଆ ଆଡ଼ହକ୍ ଭାବେ ନିଯୁକ୍ତ ପାଇଥିବା କାର୍ଯ୍ୟାଳୟର ଦୁଇ କର୍ମଚାରୀ ଚାକିରୀ ନିୟମିତ ହେବା ନେଇ ମଧ୍ୟ ଉପନିର୍ଦ୍ଦେଶକଙ୍କୁ ଆବେଦନ କରିଥିଲେ । ସମସ୍ତ ମୁଖ୍ୟ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ପଦକ୍ଷେପ ନିଆଯିବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବା ନେଇ ଶ୍ରୀଯୁକ୍ତ ନାୟକ ସୂଚନା ଦେବା ସହିତ କିଛି ସମସ୍ୟାର ସୁଧାର ପାଇଁ ଜିଲ୍ଲା ପ୍ରଶାସନର ସହଯୋନେଇ ପଦକ୍ଷେପ ନେବାକୁ କାର୍ଯ୍ୟରତ ଅଧିକାରୀଙ୍କୁ ପରାମର୍ଶ ପ୍ରଦାନ କରିଥିଲେ ।

# ଭିନ୍ନକ୍ଷମ ଶିବିରରେ ଅବ୍ୟବସ୍ଥାକୁ ନେଇ ଉଠିଲା ପ୍ରଶ୍ନ : ରାତି ୯ଟା ପର୍ଯ୍ୟନ୍ତ ରୋଗୀ ଦେଖିଲେ ଅସ୍ଥିଶଲ୍ୟ ବିଭାଗର ଡାକ୍ତର

ନୀଳଗିରି,୧୧/୧୧ (ନି.ପ୍ର): ନୀଳଗିରି ବ୍ଲକରେ ଶୁକ୍ରବାର ଦିନ ଏକାଦଶ ପର୍ଯ୍ୟାୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ନୀଳଗିରି ବିଡିଓ ରାହୁଲ ମଣ୍ଡଳଙ୍କ ନେତୃତ୍ୱରେ ଭିନ୍ନକ୍ଷମ ଶିବିର ଆୟୋଜନ କରିଥିବା ବେଳେ ନୀଳଗିରି ବ୍ଲକର ୨୫ଗୋଟି ପଂଚାୟତ, ନୀଳଗିରି ଏନ.ଏ.ସି ର ଶତାଧିକ ଲୋକଙ୍କ ସମାଗମ ପରିଲକ୍ଷିତ ହୋଇଅଛି । ବିଭିନ୍ନ ବିଭାଗର ଡାକ୍ତରମାନେ ଉପସ୍ଥିତ ଥିବା ବେଳେ ଲୋକମାନଙ୍କ ପାଇଁ ବ୍ଲକ ପକ୍ଷରୁ ଖାଇବାର ବ୍ୟବସ୍ଥା କରାଯାଇଥିଲା । ଏତେ ସଂଖ୍ୟକ ରୋଗୀଙ୍କ ସମାଗମରେ ପ୍ରବଳ ଭିଡ଼ ଲାଗି ରହିଥିଲା । ଅପରାହ୍ନ ୪ଟା ସୁଦ୍ଧା ବିଭିନ୍ନ ବିଭାଗର ଡାକ୍ତର ପଳାଇ ଯାଇଥିବା ବେଳେ ଅସ୍ଥିଶଲ୍ୟ ବିଭାଗର ଡା. ନିର୍ମାଲ୍ୟ ମହାପାତ୍ର ସକାଳ ୧୦ଟା ଠାରୁ ରୋଗୀ ଦେଖି ଆସୁଥିବା ବେଳେ ରାତି ପ୍ରାୟ ୯ଟା ପର୍ଯ୍ୟନ୍ତ ତାଙ୍କ ବିଭାଗରେ ପାଖାପାଖି ୧୦୦ରୁ ୧୫୦ ରୋଗୀ ଲାଇନରେ ଠିଆ ହୋଇଥିବା ଦେଖିବାକୁ ମିଳିଛି । ଅସ୍ଥିଶଲ୍ୟ ବିଭାଗର ଡା. ନିର୍ମାଲ୍ୟ ମହାପାତ୍ର ଙ୍କ ଧୈର୍ଯ୍ୟକୁ ସଲାମ କରିବା ଛଡ଼ା ଅନ୍ୟ କିଛି ନାହିଁ । ଝିଅ, ବୋହୁ, ବୁଢ଼ା, ବୁଢ଼ି, ମାନେ ରାତି ପର୍ଯ୍ୟନ୍ତ ଲାଇନରେ ଠିଆ ହୋଇଥିବା ବେଳେ ଭିନ୍ନକ୍ଷମମାନଙ୍କ ପାଇଁ ହୁଇଲଚେୟାର ର ବ୍ୟବସ୍ଥା ନ ଥିବା ବେଳେ କିଏ କାନ୍ଧେଇ, କିଏ କାଖେଇ ଡାକ୍ତରଙ୍କ ପାଖକୁ ଯାଇଥିବା ଦେଖିବାକୁ ମିଳିଛି । ଏତେ ସଂଖ୍ୟକ ଅସଥଶଲ୍ୟ ରୋଗୀ ରହିଥିବା ବେଳେ ଜଣେ ଡାକ୍ତରଙ୍କ ପକ୍ଷେ ଦେଖିବା କଷ୍ଟସାଧ୍ୟ ଦୃଷ୍ଟିରୁ ଅନ୍ୟ ଏକ ଅସ୍ଥିଶଲ୍ୟ ବିଭାଗର ଡାକ୍ତରଙ୍କୁ ଆଣିବା ଜରୁରି ଥିଲା । ଆଜିର ଏହି ଭିନ୍ନକ୍ଷମ ଶିବିରରେ ମୋଟ ୧୨୬୯ ଜଣ ରୋଗୀ ପଞ୍ଜିକରଣ କରିଥିବା ବେଳେ ଅସ୍ଥିଶଲ୍ୟରେ ୫୮୪ଜଣ ରୋଗୀ ପଞ୍ଜିକରଣ କରିଥିଲେ । ଅନ୍ୟ କ୍ଷେତ୍ରରେ ଚକ୍ଷୁରେ ୧୩୭ଜଣ, ମାନସିକ ଅନଗ୍ରସର ୨୮୦, ନାସା କର୍ଣ୍ଣରେ ୨୬୮ଜଣ ରୋଗୀ ପଞ୍ଜିକରଣ କରିଥିବା ବେଳେ ଡାକ୍ତରଙ୍କ ଅନୁପସ୍ଥିତିରେ କିଛି ରୋଗୀ ଦେଖାଇ ନ ପାରି ଘରକୁ ଫେରିଯାଇଥିବା ଶୁଣିବାକୁ ମିଳୁଛି ।

# ତୁମୁଡିବନ୍ଧ ସିର୍ଲା ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ, ଆଗାମୀ ନିର୍ବାଚନପାଇଁ ଗୁରୁମନ୍ତ୍ର ଦେଲେ ପୂର୍ବତନ ବିଧାୟକ ରାଜୀବ ପାତ୍ର



କନ୍ଧମାଳ,୧୧/୧୧ (ନି.ପ୍ର): ନବୀନ ସରକାର ଙ୍କ ସ୍ୱଚ୍ଛ ଶାସନ, ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକୁ ଘରେ ଘରେ ପହଞ୍ଚାଇବା ପାଇଁ ଜନସମ୍ପର୍କ ପଦଯାତ୍ରା ମାଧ୍ୟମରେ ବିଜୁ ଜନତା ଦଳ ପ୍ରୟାଶ ଜାରି ରଖିଛି । ଗାଁ ଠୁ ସହର ସବୁଠି ନବୀନ ସରକାରଙ୍କ ସଫଳ ଯୋଜନାହିଁ ଲୋକଙ୍କୁ ବିଜୁ ଜନତା ଦଳ ଉପରେ ଅଧିକ ଭରସା ଏବଂ ବିଶ୍ୱାସ ସୃଷ୍ଟି କରିଛି । ଯାହାର ପ୍ରଭାବ କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ସିର୍ଲା ପଞ୍ଚାୟତ ର ଶତାଧିକ କଂଗ୍ରେସ ଏବଂ ବିଜେପି କର୍ମୀ ନିଜ ନିଜ ଦଳ ଛାଡି ବିଜେଡି ରେ ଯୋଗଦାନ କରିଛନ୍ତି । ମୁଖ୍ୟ ଅତିଥି ରୂପେ କନ୍ଧମାଳ ଜିଲା ପର୍ଯ୍ୟବେକ୍ଷକ ଶ୍ରୀଯୁକ୍ତ ବିଜୟ ନାୟକ ଯୋଗ ଦାନ ଦେଇ ନୂତନ ଭାବେ ଯୋଗ ଦେଇଥିବା ବିଜେପି ଏବଂ କଗ୍ରେସ କର୍ମୀ ଙ୍କୁ ଉତ୍ତରିୟ ଦେଇ ସ୍ୱାଗତ କରିଥିଲେ । ତେବେ ଆଜିର ଏହି କାର୍ଯ୍ୟକ୍ରମରେ ଆଗାମୀ ନିର୍ବାଚନ ପାଇଁ ଗୁରୁମନ୍ତ୍ର ଦେଇଥିଲେ ପୂର୍ବତନ ବାଲିଗୁଡା ବିଧାୟକ ରାଜୀବ ପାତ୍ର । ନିଜର ଅଗ୍ନି ବର୍ଷି ଉଦ୍‌ବୋଧନରେ ଉପସ୍ଥିତ ଲୋକଙ୍କୁ ବିଜୁ ଜନତା ଦଳ ର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଏହା ସହ ବିଧାୟକ ରାଜୀବ ପାତ୍ର ସିର୍ଲା ପଞ୍ଚାୟତ ରେ ନିଜ ବିଧାୟକ ଥିବା ସମୟରେ ଅନେକ ଗ୍ରାମକୁ ରାସ୍ତା ସଂଯୋଗ ନିମନ୍ତେ ସରକାରଙ୍କୁ ଚିଠି ଲେଖି ଅବଗତ କରାଇଥିଲେ । ଯାହାର ଫଳସ୍ୱରୂପ ଆଜି ପୂର୍ବତନ ବିଧାୟକ ରାଜୀବ ପାତ୍ର ଏବଂ ବର୍ତ୍ତମାନ ର ବାଲିଗୁଡା ବିଧାୟକ ଚକ୍ରମଣି କଂହର ଙ୍କ ସଫଳ ଉଦ୍ୟମରେ ପ୍ରତ୍ୟେକ ଗ୍ରାମକୁ ସଂଯୋଗୀ କରଣ କାର୍ଯ୍ୟ କ୍ଷିପ୍ର ଗତିରେ ଚାଲୁ ରହିଛି । ଏହି ଅବସରରେ ବାଲିଗୁଡା ବିଧାୟକ ଚକ୍ରମଣି କଂହର, ତୁମୁଡିବନ୍ଧ ବ୍ଲକ ସଭାପତି ତଥା ସାଂସଦ ପ୍ରତିନିଧି ଶ୍ରୀ ପ୍ରମୋଦ ସାହୁ, ପଞ୍ଚାୟତ ସମିତି ଅଧକ୍ଷା ବାସନ୍ତି ମାଝୀ, ଜିଲା ପରିଷଦ ସଭ୍ୟ ନବୀନ ପାତ୍ର, ଅଶୋକ ପାତ୍ର, ବଙ୍ଗାଳି ବଡ଼ସେଠ, ଜିସାୟ ମଣ୍ଡଳ, ସିର୍ଲା ସରପଞ୍ଚ ନୃସୁଙ୍ଗା ପାଟମାଝୀ, ପ୍ରମୁଖ ଉପସ୍ଥିତ ରହି କାଯ୍ୟକ୍ରମ ରେ ଯୋଗ ଦେଇଥିଲେ ।

# ପୂର୍ତ୍ତ ବିଭାଗରର ଏସ.ଡି.ଓ.ଙ୍କୁ ନଜରବନ୍ଦୀ କରିଲେ ଠିକାଦାର ସଂଘ

## ଉପଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଛାଡ଼ିଲେ ଏସ.ଡି.ଓ.ଙ୍କୁ

ନୀଳଗିରି,୧୧/୧୧ (ନି.ପ୍ର): ମାସ ମାସ ଧରି ଜରୁରୀକାଳିନ ସମୟରେ ବିଭିନ୍ନ କ୍ଷେତ୍ରରେର କାର୍ଯ୍ୟ କରିଥିବା ଠିକାଦାରମାନେ ସଂପୃକ୍ତ କାର୍ଯ୍ୟଗୁଡ଼ିକୁ ବାଲେଶ୍ୱର ପୂର୍ତ୍ତ ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ନିଜର ମନମୁଖୀ ପାଇଁ ଏ ଯାବତ୍ କୌଣସି ପ୍ରକଳ୍ପଗୁଡ଼ିକୁ ସଂପୃକ୍ତ ଠିକାଦାରଙ୍କ ନାମରେ ଚୁକ୍ତିନାମା ନ କରିବା ସହିତ ପେମେଂଟ ନ ଦେବା ଦାବିରେ ଶୁକ୍ରବାର ଅପରାହ୍ନ ୪ଟା ଠାରୁ ନୀଳଗିରି ଠିକାଦାର ସଂଘ ନୀଳଗିରି ପୂର୍ତ୍ତ ବିଭାଗର ଏସ.ଡି.ଓ. ଦୁର୍ଗଚରଣ ସାହୁଙ୍କୁ ନୀଳଗିରି କାର୍ଯ୍ୟାଳୟରେ ନଜର ବନ୍ଦ କରି ରଖିଥିଲେ । ଏପରିକି ଠିକାଦାରମାନେ ତାଙ୍କ ଅଫିସ କାର୍ଯ୍ୟାଳୟ କବାଟ ନିକଟରେ ଧାରଣାରେ ବସିବାରୁ ଏସ.ଡି.ଓ. ବାହାରକୁ ଯାଇ ପାରି ନ ଥିଲେ । ଫଳରେ ୧ଘଂଟାରୁ ଅଧିକ ସମୟ ଧରି ଏସ.ଡି.ଓ. ଙ୍କ ସମେତ ସହକାରୀ ଯନ୍ତ୍ରୀ ଲକ୍ଷ୍ମଣ ସିଂ, ନବଘନ ମାରାଣ୍ଡି ଙ୍କୁ ମଧ୍ୟ ବାହାରକୁ ଛାଡ଼ି ନ ଥିଲେ । ଖବର ପାଇ ନୀଳଗିରି ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀ ନୀଳଗିରି ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ପହଂଚି ଠିକାଦାରମାନଙ୍କ ଅଭିଯୋଗ ଶୁଣିଲା ପରେ ଏ ନେଇ ପୂର୍ତ୍ତ ବିଭାଗର ସୁପରିନ୍‌ଟେଣ୍ଡେଂଟ ଇଂଜିନିୟରଙ୍କ ସହ ଘଟଣା ବାବଦରେ ଆଲୋଚନା କରିଥିଲେ । ଆସନ୍ତା ମଙ୍ଗଳବାର ଏସ.ଇ. ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଠିକାଦାରଙ୍କ ସହ ଆଲୋଚନା କରିବେ ବୋଲି ଉପଜିଲ୍ଲାପାଳ ପ୍ରତିଶୃତି ଦେବା ପରେ ଏସ.ଡି.ଓ.ଙ୍କୁ ଛାଡ଼ି ଦେଇଥିଲେ ।

# ଶାନ୍ତିକାନନରେ ଡ. ନଗେନ୍ଦ୍ରନାଥ ପ୍ରଧାନ ଜୟନ୍ତୀ ପାଳନ ଅବସରରେ ଡ. ମନ୍ମଥ କୁମାର ପ୍ରଧାନ ସମ୍ବର୍ଦ୍ଧିତ



ବାଲେଶ୍ୱର: ୧୧/୧୧: ଫକୀରମୋହନ ସାହିତ୍ୟ ପରିଷଦ ଓ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ମିଳିତ ଆନୁକୂଲ୍ୟରେ ଶାନ୍ତିକାନନଠାରେ ଡ. ନଗେନ୍ଦ୍ରନାଥ ପ୍ରଧାନଙ୍କ ୮୭ତମ ଜୟନ୍ତୀ ପାଳିତ ହୋଇଯାଇଛି । ଫକୀରମୋହନ ସାହତ୍ୟ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସାହିତ୍ୟ ସଭାରେ ବିଶିଷ୍ଟ ସାରସ୍ୱତ ସାଧକ ଡ. ବିଜୟ କୁମାର ମହାନ୍ତି ମୁଖ୍ୟଅତିଥି, ଡ. କାଳିକିଙ୍କର ପଟ୍ଟନାୟକ ମୁଖ୍ୟବକ୍ତା ଓ ଡ. ସନ୍ତୋଷ ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ସ୍ୱର୍ଗତ ଡ. ପ୍ରଧାନଙ୍କ ସାହିତ୍ୟ କୃତି, ରାଷ୍ଟ୍ରବାଦୀ ଚିନ୍ତାଧାରା ତଥା ତାଙ୍କର ସାଙ୍ଗଠନିକ ଦକ୍ଷତା ସଂପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଶିଷ୍ଟ ଗବେଷକ ଡ. ମନ୍ମଥ କୁମାର ପ୍ରଧାନଙ୍କୁ ନଗେନ୍ଦ୍ରନାଥ ସ୍ମୃତି ସମ୍ମାନ ଓ ଯାତ୍ରା ସମ୍ରାଟ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ପରିଷଦର କୋଷାଧକ୍ଷ ତପନ ରାୟ ଅତିଥିମାନଙ୍କୁ ମଞ୍ଚଆହ୍ୱାନ କରିଥିବାବେଳେ ସଂପାଦକ ଦୀପକ ବୋଷ ପ୍ରାକ୍‌କଥା ରଖିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ କୁନି କଣ୍ଠଶିଳ୍ପୀ ଶ୍ରଦ୍ଧାଶ୍ରୀ ଓ କାବ୍ୟଶ୍ରୀ ଦେଶାତ୍ମବୋଧ ସଙ୍ଗୀତ ଗାନ କରିଥିଲେ । ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ଶିରୀଶ ଚନ୍ଦ୍ର ଜେନା, ଶରତ କୁମାର ମହାପାତ୍ର, ନିରଂଜନ ରାଉତ, ପୀତାମ୍ବର ଦାସ, ଡ. ସନ୍ତୋଷ କୁମାର ନାୟକ, କମଳାକାନ୍ତ ଦାଶ, ଅରୁଣା ରାୟ, ସ୍ମୃତି ଦାସ, ଶାନ୍ତି ବିଶି, ଅଂଶୁମାନ ମହାରଣା, ଅବନ୍ତୀ ଦାସ, ରାଜେଶ ଗିରି, ଜଗବନ୍ଧୁ ପଟ୍ଟନାୟକ, ଶ୍ରୀନିବାସ ପ୍ରଧାନ, ନାରାୟଣ ନାୟକ, ଦେବାଶିଷ ସିଂହ, ଦିଲ୍ଲୀପ ଚକ୍ରବର୍ତ୍ତୀ, ରଜନୀକାନ୍ତ ବେହେରା, ଉପେନ୍ଦ୍ର ବିଶ୍ୱାଳ, ଅଶ୍ୱିନୀ କୁମାର ଶତପଥୀ, ଡ. ସାରଙ୍ଗଧର ତ୍ରିପାଠୀ ପ୍ରମୁଖ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ଜୋନସ୍ତରୀୟ ଆନ୍ତଃବିଦ୍ୟାଳୟ ବ୍ୟାଣ୍ଡ ପ୍ରତିଯୋଗିତାରେ ବାଳିକା ବିଭାଗରେ ଦ୍ରୌପଦୀ ବାଳିକା ଉଚ୍ଚ ବିଦ୍ୟାଳୟ ୧ମ ଓ ବାଳକ ବିଭାଗରେ ଏମ୍.କେ.ସି. ଉଚ୍ଚ ବିଦ୍ୟାଳୟ ୪ର୍ଥ



ମୟୂରଭଞ୍ଜ,୧୧/୧୧ (ନି.ପ୍ର): ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ, ଯାଜପୁର ଜିଲ୍ଲାକୁ ନେଇ ଜୋନସ୍ତରୀୟ ଆନ୍ତଃବିଦ୍ୟାଳୟ ବ୍ୟାଣ୍ଡ ପ୍ରତିଯୋଗିତା, ୨୦୨୨ ବାଲେଶ୍ୱର ସ୍ଥିତ ଜିଲ୍ଲା ସ୍କୁଲ ପ୍ରାଙ୍ଗଣରେ ଅକ୍ଟୋବର ୧୧ ତାରିଖରେ ଅନୁଷ୍ଠିତ ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ନବ କିଶୋର ଗିରିଙ୍କ ମାର୍ଗଦର୍ଶନରେ ଏବଂ ଜିଲ୍ଲା ଶାରୀରିକ ଶିକ୍ଷା ନୀରିକ୍ଷକ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ରୁକମଣି ମହାନ୍ତ ଓ ଶିକ୍ଷକ ସତ୍ୟରଞ୍ଜନ ମହାକୁଡଙ୍କ ନେତୃତ୍ୱରେ ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ପେଡିଆବେଡା ସ୍ଥିତ ନିଶାପୋଷି ଗ୍ରାମର ଦ୍ରୌପଦୀ ବାଳିକା ଉଚ୍ଚ ବିଦ୍ୟାଳୟ ଜୋନସ୍ତରୀୟ ଅନ୍ତଃବିଦ୍ୟାଳୟ ବ୍ୟାଣ୍ଡ ପ୍ରତିଯୋଗିତାରେ ବାଳିକା ବିଭାଗରେ ୧ମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ଅଂଶଗ୍ରହଣ କରିବାର ସୌଭାଗ୍ୟ ଲାଭ କରିଛନ୍ତି । ସେହିପରି ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ସୋନାଲି ପରିଡାଙ୍କ ନେତୃତ୍ୱରେ ବାରିପଦାସ୍ଥିତ ଏମ୍.କେ.ସି. ସରକାରୀ ଉଚ୍ଚ ବିଦ୍ୟାଳୟ ଜୋନସ୍ତରୀୟ ଆନ୍ତଃବିଦ୍ୟାଳୟ ପ୍ରତିଯୋଗିତାରେ ଭାଗ ନେଇ ବାଳକ ବିଭାଗରେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି ।

# ପୀରବାବାଙ୍କ ଉର୍ସ ଉପଲକ୍ଷେ ପ୍ରସ୍ତୁତି ବୈଠକ




ଭଦ୍ରକ,୧୧/୧୧ (ନି.ପ୍ର): ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳରେ ଅବସ୍ଥିତ ପୀରବାବାଙ୍କ ଖାନ୍‌କାରେ ଅନୁଷ୍ଠିତ ହେବାକୁ ଯାଉଥିବା ୪୩ତମ ଉର୍ସ ହଜୁର ମୁଜାହିଦ-ଇ-ମିଲାତ ଉତ୍ସବ ପାଳନ ଉପଲକ୍ଷେ ଆଜି ସଦ୍‌ଭାବନା ସଭାଗୃହରେ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଏସ୍.ପି. ଚରଣ ସିଂ ମୀନା, ଦୁଇ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ଓ ଶାନ୍ତନୁ କୁମାର ମହାନ୍ତି, ଉପଜିଲ୍ଲାପାଳ ମନୋଜ ପାତ୍ର, ଡ଼େପୁଟି କଲେକ୍ଟର ଜୁଡ଼ିସିଆଲ କାର୍ତ୍ତିକ ନାଥ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ । ଚଳିତ ନଭେମ୍ବର ମାସ ଆସନ୍ତା ୩୦ ତାରିଖ ଓ ଆସନ୍ତା ଡ଼ିସେମ୍ବର ମାସ ୧ ତାରିଖ ଦୁଇଦିନ ଧରି ପାଳିତ ହେବାକୁ ଥିବା ଏହି ଉତ୍ସବ ପାଳନ ପ୍ରକ୍ରିୟା, ଧାର୍ଯ୍ୟ ସମୟ, ଆବଶ୍ୟକ ପ୍ରଶାସନିକ ସହଯୋଗ ସମ୍ବନ୍ଧରେ କମିଟିର ସମ୍ପାଦକ ମହମ୍ମଦ ଇସ୍ରାଏଲ ହବିବି, ଉପସଭାପତି ମୌଲାନା ମୁସ୍ତାଫାରେଜା ହବିବ୍ ଏବଂ ସହ ସମ୍ପାଦକ ଏସ୍.କେ. ଅବଦୁର ରହମାନ ବୈଠକରେ ଉପସ୍ଥାପନ କଲାପରେ ବିଷୟାନୁଯାୟୀ ଜିଲ୍ଲାପାଳ ଏବଂ ଏସ୍.ପି. ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଲକ୍ଷାଧିକ ସଂଖ୍ୟାରେ ଜନସମାଗମ ସାଙ୍ଗକୁ ରାଜ୍ୟ ବାହାରୁ ଆସିବାକୁ ଥିବା ବହୁ ସଂଖାରେ ଶ୍ରଦ୍ଧାଳୁମାନଙ୍କ ସମାବେଶ ପାଇଁ ବିଭିନ୍ନ ଦିଗରେ ଆଲୋଚନା ଅନୁଯାୟୀ ନିଷ୍ପତ୍ତି ନିଆଯାଇଥିଲା । ରାସ୍ତା ମରାମତି, ରାସ୍ତାରେ ଆଲୋକ, ରାସ୍ତା ପାର୍ଶ୍ୱ ଗଛଡ଼ାଳ କଟାଯିବା, ବହୁ ସଂଖ୍ୟାରେ ସାମୟିକ ଶୌଚଳୟ ସ୍ଥାପନ, ଭ୍ରାମ୍ୟମାଣ ଶୌଚାଳୟ, ସଫେଇ, ପାଣି ଟ୍ୟାଙ୍କର, ଆମ୍ବୁଲାନସ୍ ଓ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର, ଅବକାରୀ ଧରପଗଡ଼, ଅଗ୍ନିନିରାପତ୍ତା ବ୍ୟବସ୍ଥା, ରେଳଷ୍ଟେସନ୍‌ରେ ଅଧିକ ଟିକେଟ୍ କାଉଣ୍ଟର, ଅସ୍ଥାୟୀ ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା, ସର୍ବୋପରି ସବୁଠୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଟ୍ରାଫିକ୍ ନିୟନ୍ତ୍ରଣ ଶାନ୍ତି ଶୃଙ୍ଖଳା ରକ୍ଷା ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବା ପାଇଁ ବୈଠକରେ ଉପସ୍ଥିତ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ଜନ ଗହଳି ନିୟନ୍ତ୍ରଣ ପାଇଁ ଭଲ୍ୟୁଣ୍ଟର ସଂଖ୍ୟା ବୃଦ୍ଧି ପାଇଁ ଜିଲ୍ଲାପାଳ ଓ ସି.ସି.ଟି.ଭି. ଲଗାଇବା ପାଇଁ ଏସ୍.ପି. ପ୍ରସ୍ତାବ ଦେଇଥିଲେ । ମୁଖ୍ୟ ରାସ୍ତାରେ ଉଠା ଦୋକାନ ବସାଇ ନଦେବା, ଉଚ୍ଚକ୍ଷମତା ସମ୍ପନ୍ନ ଟ୍ରାନସ୍‌ଫର୍ମର ସ୍ଥାପନ ସହ ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ଯୋଗାଇଦେବା, ମନଇଚ୍ଛା ବସ୍‌ଭଡ଼ା ବୃଦ୍ଧିକୁ ନିଷେଧ କରାଯିବା ନେଇ ମଧ୍ୟ ପଦକ୍ଷେପ ନିଆଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସୂଚାନଯୋଗ୍ୟକି ଉର୍ସ ଉତ୍ସବ ପାଳନ ଉପଲକ୍ଷେ ୩୦-୧୧-୨୨ ଦିନ ସକାଳ ୬ଟା ରୁ ୭.୩୦ ପର୍ଯ୍ୟନ୍ତ କୋରାନ୍ ପାଠ ୭ଟା ୩୦ରୁ ପୀରବାବାଙ୍କୁ ଶ୍ରଦ୍ଧାଳୁମାନଙ୍କ ଦର୍ଶନ, ସକାଳ ୮ ଟାରୁ ସନ୍ଧା ୫ଟା ପର୍ଯ୍ୟନ୍ତ କବି ସମ୍ମିଳନୀ ୧.୧୨.୨୨ ପ୍ରତ୍ୟୁଷ ୪ଟା ରେ ବାବାଙ୍କ ସ୍ନାନ, ୬ଟା ରୁ ଉତ୍ସବର ବିଶେଷ ଆକର୍ଷଣ ଚଦର ଶୋଭାଯାତ୍ରା ଅପରାହ୍ନ ୪ ଟା ରୁ ୫ଟା ୧୫ ସାମୂହିକ ପ୍ରାର୍ଥନା ଏବଂ ପୀରବାବାଙ୍କ ନାତି ସାଜାଦା ନସିନ୍‌ଙ୍କ ଧାର୍ମିକ ବାଣୀ ପ୍ରଦାନ ଏବଂ ରାତ୍ର ୮ଟା ରୁ ଭୋର ୪ଟା ୩୦ ପର୍ଯ୍ୟନ୍ତ ମୌଲାନା ମାନଙ୍କର ଆଧ୍ୟାତ୍ମିକ ବକ୍ତବ୍ୟ ପ୍ରଦାନ କାର୍ଯ୍ୟକ୍ରମ ରହିଛି । ଡ଼ି.ଏସ୍.ପି., ଡ଼ି.ଆଇ.ବି କମଳ ଲୋଚନ ଭୂୟାଁ, ଧାମନଗର ବି.ଡ଼ି.ଓ ବନବିହାରୀ ଦିଣ୍ଡା, ତହସିଲଦାର କ୍ଷୀରୋଦ ପଣ୍ଡା ପ୍ରମୁଖଙ୍କ ସହ ସଂପୃକ୍ତ ବିଭାଗୀୟ ଅଧିକାରୀ, ଧାମନଗର ଏସ୍.ଡ଼ି.ପି.ଓ. , ଆଇ.ଆଇ.ସି. ଓ ଅନ୍ୟ ପୋଲିସ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo